


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୧୦ ମଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 10 MAY 2025

Vol.No. 36 ■ No.122 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଉଛି

ବିଷୁବ ସଂଖ୍ୟା

ସାଗରିକା

ଏବେଠାରୁ

ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...

website : sagarika.in.net


# ପୁଣି ଅସ୍ତ୍ରବିରତି ଉଲ୍ଲଂଘନ କଲା ପାକ୍ : ତିନି ସେନା ମୁଖ୍ୟଙ୍କ ସହ ମୋଦୀଙ୍କ ବୈଠକ



ନୂଆଦିଲ୍ଲୀ,୯ ।୫: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶୁକ୍ରବାର ସନ୍ଧ୍ୟାରେ ପୂର୍ବତନ ୩ ସେନାମୁଖ୍ୟ ଭେଟିଛନ୍ତି। ସ୍ଥଳ, ବାୟୁ , ନୌସେନା ମୁଖ୍ୟ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିଛନ୍ତି। ଭାରତ ପାକିସ୍ତାନୀ ଡ୍ରୋନ ଆକ୍ରମଣକୁ ସଫଳତାର ସହ ପଣ୍ଡ କରିବାର ଗୋଟିଏ ଦିନ ପରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୩ ସଶସ୍ତ୍ର ବାହିନୀର ମୁଖ୍ୟଙ୍କ ସହ ଏକ ବୈଠକ କରି ଆଲୋଚନା କରିଛନ୍ତି। ପ୍ରତିରକ୍ଷା କର୍ମଚାରୀ ପ୍ରମୁଖ ଜେନେରାଲ ଅନିଲ ଚୌହାନ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା (ଘଝଇ) ଅଜିତ ଡୋଭାଲ ମଧ୍ୟ ବୈଠକରେ ଯୋଗ ଦେଇଛନ୍ତି। ଗୁରୁବାର ପାକିସ୍ତାନ ଜମ୍ମୁ, ରାଜସ୍ଥାନ ଏବଂ ପଞ୍ଜାବ ସମେତ ଭାରତର ଅନେକ ଅଞ୍ଚଳକୁ ଟାର୍ଗେଟ କରି କ୍ଷେପଣାସ୍ତ୍ର ଏବଂ ଡ୍ରୋନ ଆକ୍ରମଣର ଏକ ସିରିଜ ଆରମ୍ଭ କରିଛି। ଭାରତର ପ୍ରତିରକ୍ଷା ବାହିନୀ ଦ୍ୱାରା ଆସୁଥିବା ସମସ୍ତ ବିପଦକୁ ସଫଳତାର ସହ ପ୍ରତିହତ କରାଯାଉଛି। ଯାହା ଫଳରେ ଏଯାବତ୍ ବ୍ୟାପକ କ୍ଷୟକ୍ଷତି ହୋଇ ନାହିଁ। ପହଲଗାମ ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତ ପାକିସ୍ତାନ ଏବଂ ପାକ ଅଧିକୃତ କଶ୍ମୀରରେ ଅବସ୍ଥିତ ଆତଙ୍କବାଦୀ

▶▶ପୃଷ୍ଠା ୭

# ପୁଣି ଡ୍ରୋନ ଆକ୍ରମଣ ଆରମ୍ଭ କଲା ପାକିସ୍ତାନ: ଭାରତର ମୁହଁତୋଡ଼ ଜବାବ

ନୂଆଦିଲ୍ଲୀ, ୦୯/୫ : ରାତି ବଢ଼ିବା ସହ ପାକିସ୍ତାନ ପକ୍ଷରୁ ପୁଣି ଥରେ ଜମ୍ମୁ ଓ କଶ୍ମୀର ଓ ଅନ୍ତର୍ଜାତୀୟ ସୀମାରେ ଥିବା ଅନ୍ୟାନ୍ୟ ରାଜ୍ୟ ଯେପରିକି ପଞ୍ଜାବ ଓ ରାଜସ୍ଥାନରେ ପାକିସ୍ତାନ ପକ୍ଷରୁ ଡ୍ରୋନ ଓ ରକେଟ ଆକ୍ରମଣ ଆରମ୍ଭ କରାଯାଇଛି । ଭାରତୀୟ ସେନା ପକ୍ଷରୁ ଏସବୁକୁ ବିଫଳ କରିଦିଆଯାଇଛି । ପାକିସ୍ତାନ ପକ୍ଷରୁ ଜମ୍ମୁ ଓ ପଠାନକୋଟରେ ପାକିସ୍ତାନ ପକ୍ଷରୁ ଡ୍ରୋନ ଆକ୍ରମଣ କରାଯାଉଛି । ତେବେ ଭାରତର ମଜବୁତ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଏସବୁ ଡ୍ରୋନ ଓ ରକେଟକୁ ଖସାଇ ଦେଇଛି। ସୂଚନା ଅନୁସାରେ ପଠାନକୋଟ ନିକଟସ୍ଥ ଫିରୋଜପୁର ସୀମାରେ ପାକିସ୍ତାନର ଏକ ରକେଟକୁ ଭାରତ ଖସାଇଦେଇଛି । ସେପଟେ ଜମ୍ମୁ ଓ କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା କହିଛନ୍ତି ଯେ ସେ ରହୁଥିବା ସ୍ଥାନରେ ଗୋଳା ବର୍ଷଣର ଶବ୍ଦ ଶୁଣାଯାଉଛି। ସେ କହିଛନ୍ତି 'ଜମ୍ମୁ ଏବଂ ଏହାର ଆଖପାଖର ସମସ୍ତ ଲୋକଙ୍କୁ ମୋର ବିନମ୍ର ନିବେଦନ ଯେ ଦୟାକରି ରାସ୍ତାରୁ ଦୂରରେ ରୁହନ୍ତୁ, ଘରେ କିମ୍ବା ନିକଟବର୍ତ୍ତୀ ସ୍ଥାନରେ ରୁହନ୍ତୁ ଯେଉଁଠାରେ ଆପଣ ଆଗାମୀ କିଛି ଘଣ୍ଟା ପାଇଁ ଆରାମଦାୟକ ରହିପାରିବେ। ଗୁଜବରେ ଧ୍ୟାନ ଦିଅନ୍ତୁ ନାହିଁ, ଭିତ୍ତିହୀନ କିମ୍ବା ଅସମ୍ପୂର୍ଣ୍ଣ କାହାଣୀ ପ୍ରସାର କରନ୍ତୁ ନାହିଁ ଏବଂ ଆମେ ଏକାଠି ଏହାର ମୁକାବିଲା କରିବୁଁ' ।

# ଜମ୍ମୁରେ ଆକ୍ଟିଭ ହେଲା ସ୍ପେଶାଲ ଏୟାର ଡିଫେନ୍ସ ସିଷ୍ଟମ : ପାକିସ୍ତାନ ଆକ୍ରମଣକୁ ପଣ୍ଡ କରିବାକୁ ପ୍ରସ୍ତୁତି



ନୂଆଦିଲ୍ଲୀ, ୦୯/୫ : ଜମ୍ମୁରେ ସକ୍ରିୟ ହେଲା ଏସ-୪୦୦ ମିସାଇଲ । ପାକିସ୍ତାନ ପଟୁ ସମ୍ଭାବ୍ୟ ଆକ୍ରମଣକୁ ପ୍ରତିହତ କରିବାକୁ ଏୟାର ସିଷ୍ଟମକୁ ମଧ୍ୟ ସକ୍ରିୟ କରାଯାଇଛି । ରାତିରେ ପାକିସ୍ତାନ ଆକ୍ରମଣ କରିବାକୁ ଯଥେଷ୍ଟ ସମ୍ଭାବନା ଥିବାରୁ ଏହାକୁ ଆକ୍ଟିଭ କରାଯାଇଛି । ଏହାସହ ପୂରା ଜମ୍ମୁକୁ ବ୍ଲାକଆଉଟ୍ କରାଯାଇଛି । ଏସ-୪୦୦ ଏକ ଶକ୍ତିଶାଳୀ ମିଶାଇଲ ପ୍ରତିରକ୍ଷା ପ୍ରଣାଳି । ଭାରତ ଏହାକୁ ୨୦୧୮ରେ ପାଖାପାଖି ୫ ଆରବ ବିନିମୟରେ କିଣିଥିଲା । ଏହା ଭାରତୀୟ ବାୟୁସେନାକୁ ଅଧିକ ମଜବୁତ୍ କରିଛି ଏବଂ ଯେକୌଣସି ଆକ୍ରମଣରୁ ରକ୍ଷା କରିବାକୁ ମଜବୁତ ଢାଲ ଭାବରେ କାର୍ଯ୍ୟ କରଛି। ପାକିସ୍ତାନ କ୍ରମାଗତ ୪ ଦିନ ହେଲା ଯୁଦ୍ଧ ବିରତି ଉଲଂଘନ କରି ଭାରତ ସୀମାରେ ଗୁଳି ବର୍ଷଣ ଜାରି ରଖିଛି । ଏହାକୁ ପ୍ରତିହତ କରିବାକୁ ଭାରତ ମଧ୍ୟ ନିଜର ପରାକ୍ରମ ଦେଖାଇଛି । ପାକିସ୍ତାନର ଏଭଳି କାର୍ଯ୍ୟକୁ ନଜରରେ ରଖି ଭାରତ ମଧ୍ୟ ନିଜକୁ ପ୍ରସ୍ତୁତ ରଖିଛି। ପାକିସ୍ତାନକୁ ଉଚିତ ପାଲଟା ଜବାବ ଦେବାକୁ ଭାରତର ୩ ବାହିନୀ ଜାଗ୍ରତ ଅଛନ୍ତି। ପାକିସ୍ତାନ ନସୁଧୁରିଲେ ଭାରତ ଏହାର କଡ଼ା ଜବାବ ଦେବ ବୋଲି ଏମଇଏ ପ୍ରେସମିଟରେ କହିଛନ୍ତି ସେନାଧିକାରୀ।

# ତୁର୍କୀ ବଳରେ ବଳିୟାନ ହେବ ବୋଲି ଭାବିଛି ପାକିସ୍ତାନ: ୪୦୦ ଡ୍ରୋନକୁ ସ୍ୱାହା କରିଦେଲେ ଭାରତୀୟ ଯବାନ



ନୂଆଦିଲ୍ଲୀ, ୦୯/୫ : ତୁର୍କୀ ଅସ୍ତ୍ରର ସାହାଯ୍ୟ ନେଇଛି ପାକିସ୍ତାନ । ଭାରତ ଉପରେ ଆକ୍ରମଣ କରିବାକୁ ତୁର୍କୀ ଅସ୍ତ୍ରର ପ୍ରୟୋଗ କରିଛି ପାକିସ୍ତାନ । ଗୁରୁବାର ରାତିରେ ପାକିସ୍ତାନ ଭାରତ ଉପରେ ଯେଉଁ ଡ୍ରୋନ ଆକ୍ରମଣ କରିଥିଲା ସେଥିରେ ତୁର୍କୀର ଡ୍ରୋନ ବ୍ୟବହାର ହୋଇଥିଲା ବୋଲି ଏମଇଏ ପ୍ରେସମିଟରେ ଖୁଲାସା ହୋଇଛି । ତେବେ ଭାରତ-ପାକିସ୍ତାନ ଉତ୍ତେଜନା ଭିତରେ ଗୁରୁବାର ରାତିରେ ପାକିସ୍ତାନ ଭାରତ ଉପରେ ଆକ୍ରମଣ କରିଥିଲା । ପାକିସ୍ତାନ ଭାରତର ୩୬ଟି ସ୍ଥାନରେ ଡ୍ରୋନ ଆକ୍ରମଣ ପାଇଁ ଉଦ୍ୟମ କରିଥିଲା । ପ୍ରାୟ ୩୦୦ରୁ ୪୦୦ ଡ୍ରୋନ ଆକ୍ରମଣ କରିଛି ପାକିସ୍ତାନ ।

▶▶ପୃଷ୍ଠା ୭

# କାଶ୍ମୀରରୁ ଫେରୁଛନ୍ତି ଓଡିଆ ଛାତ୍ର : ଆଶ୍ୱସ୍ତ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୦୮/୫ (ନି.ପ୍ର): ସାରା ଦେଶରେ ଏବେ ସମ୍ବେଦନଶୀଳ ପରିସ୍ଥିତି । ଯୁଦ୍ଧ ବିରାମ ଉଲଂଘନ କରି ଭାରତ ସୀମାରେ ଗୁଳି ବର୍ଷା କରୁଛି ପାକିସ୍ତାନ। ଏହାକୁ ପ୍ରତିହତ କରୁଛି ଭାରତ । ଜବାବରେ ପାକିସ୍ତାନ ଆଡକୁ ଡ୍ରୋନ ମାଡ କରୁଛି ଭାରତ। ଏଭଳି ସ୍ଥିତିରେ ବଢିଛି ଓଡିଶା ସରକରଙ୍କ ଚିନ୍ତା । କାଶ୍ମୀର ୟୁନିଭର୍ସିଟିରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ ଫେରାଇ ଆଣିବାକୁ ପ୍ରୟାସ ଆରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀଙ୍କ କହିବା ଅନୁସାରେ, ଏଥିପାଇଁ ଖୋଲାଯାଇଛି ରେସିଡେନ୍ସିଆଲ କମିଶନ କାର୍ଯ୍ୟାଳୟର ହେଲ୍ପ ଡେସ୍କ । ଏହା ୨୪ ଘଣ୍ଟା କାମ କରୁଛି । ଏହାର ସହାୟତାରେ ଜମ୍ମୁ- କାଶ୍ମୀରରେ ରହି ପଢୁଥିବା ପିଲାଙ୍କୁ ପ୍ରଥମେ ଦିଲ୍ଲୀ ଅଣାଯାଇ ସେଠାରୁ ସେମାନଙ୍କୁ ଓଡିଶାକୁ ଅଣାଯିବାର ବ୍ୟବସ୍ଥା କରାଯାଇଛି । ଏବେ ସାରା ଦେଶରେ ଯେଭଳି ସ୍ଥିତି ଉପୁଜିଛି ସେଥିପାଇଁ ପ୍ରତି ବିଭାଗ ସଜାଗ ରହିଛନ୍ତି । ଗଣମାଧ୍ୟମ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ଖାଦ୍ୟ ଯୋଗାଣ ବିଭାଗ ସବୁ ପାଇଁ ଜାରି ହୋଇଛି ଆଡଭାଇଜରି । ସମ୍ବେଦନଶୀଳ ସ୍ଥିତକୁ ସାମ୍ନା କରିବାକୁ ସମସ୍ତଙ୍କୁ ଆଲର୍ଟ କରାଯାଇଛି ।

# ଚାନ୍ଦିପୁରରେ ଗୁରୁତ୍ୱପୂର୍ଣ୍ଣ ବୈଠକ: ପୂର୍ବାଞ୍ଚଳର ଡିଆଇଜିଙ୍କ ଉପସ୍ଥିତିରେ ବୈଠକ



ବାଲେଶ୍ୱର, ୦୯/୫ (ନି.ପ୍ର): ଓଡିଶା ଚାନ୍ଦିପୁରରେ ଗୁରୁତ୍ୱପୂର୍ଣ୍ଣ ବୈଠକ । ବୈଠକରେ ଉପସ୍ଥିତ ଅଛନ୍ତି ପୂର୍ବାଞ୍ଚଳ ଡିଆଇଜିଙ୍କ ସମେତ ଏସପି ଓ ଥାନାଧିକାରୀ । ଯେହେତୁ ବର୍ତ୍ତମାନ ସାରା ଦେଶ ପାଇଁ ଏକ ସମ୍ବେଦନଶୀଳ ସମୟ ଚାଲିଛି ତେଣୁ ଓଡିଶା ବି ଏଥିରୁ ବାଦ୍ ପଡୁନି । ଏଠାରେ ରହିଥିବା ପ୍ରତିରକ୍ଷାର ବଡ ବଡ ପ୍ରତିଷ୍ଠାନ ସବୁ ରହିଛି ତେଣୁ ଏସବୁର ସୁରକ୍ଷା ପାଇଁ ସୁରକ୍ଷାକୁ କଡାକଡି କରାଯାଇଛି । କେଉଁଭଳି ରଣନୀତି ଆମେ ନେବା ଦରକାର ତା' ଉପରେ ଆଲୋଚନା ହେଉଛି। ହୁଏତ ଶତ୍ରୁ ନିଜରରେ ଆଗକୁ ଏସବୁ ସ୍ଥାନ ରହିପାରେ , ଏହାକୁ ଦୃଷ୍ଟିରେ ରଖି ଆଜିର ଏହି ବୈଠକ ବୋଲି ସୂଚନା ରହିଛି । କେବଳ ଚାନ୍ଦିପୁର ନୁହେଁ ରାଜ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡିକୁ ଏବେ ସୁରକ୍ଷା ବଳୟରେ ରଖାଯାଇଛି । ହୀରାକୁଦ ଡ୍ୟାମକୁ ମଧ୍ୟ ସୁରକ୍ଷାରେ ରଖାଯାଇଛି । ଶ୍ରତ୍ରୁ ପକ୍ଷରୁ ପ୍ରତିଟି ଆକ୍ରମଣାତ୍ମକ ପଦକ୍ଷେପକୁ ଯେପରି ପ୍ରତିହତ କରିହେବ ସେଥିପାଇଁ କେନ୍ଦ୍ର ତଥା ରାଜ୍ୟ ସରକାର ସତର୍କ ଅଛନ୍ତି । ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମଧ୍ୟ ରାଜ୍ୟବାସୀଙ୍କୁ ଏନେଇ କହିଛନ୍ତି । ମୁଖ୍ୟତଃ ! ଓଡିଶାରେ ଯଦିଓ ଆତଙ୍କବାଦ ଆଶଙ୍କା ନାହିଁ କିନ୍ତୁ ଯେହେତୁ ଏଠାରେ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଗୁଡିକ ଅଛି ଏହାକୁ ଆକ୍ରମଣର ଟାର୍ଗେଟରେ ଶତ୍ରୁ ରଖିଥାଇପାରେ ତେଣୁ ଏବେ ଏସବୁ ସ୍ଥାନ ପାଇଁ ସୁରକ୍ଷା ସ୍ତର ସୃଷ୍ଟି କରିବାକୁ ବିଚାର ବିମର୍ଷ ହେଉଛି ।

# ଭାରତ ସହିତ ସଂଘର୍ଷ ପାକିସ୍ତାନକୁ ପଡୁଛି ମହଙ୍ଗା: ପିଏସଏଲ ମ୍ୟାଚ୍ ଆୟୋଜନ ପାଇଁ ଅମଙ୍ଗ ୟୁଏଇ



ନୂଆଦିଲ୍ଲୀ, ୦୯/୫ : ଭାରତ ସହ ସଂଘର୍ଷ କରିବା ପାକିସ୍ତାନକୁ ଭାରି ପଡୁଥିବା ଦେଖିବାକୁ ମିଳିଛି। ପାକିସ୍ତାନ ସୁପର ଲିଗ୍ର ଅବଶିଷ୍ଟ ମ୍ୟାଚ୍ ଦୁବାଇରେ ଆୟୋଜନ କରିବାକୁ ଅଣ୍ଟା ଭିଡ଼ିଛି ପାକିସ୍ତାନ କ୍ରିକେଟ୍ ବୋର୍ଡ(ପିସିବି)। ମାତ୍ର ପିସିବିର ଏହି ଯୋଜନାକୁ ବଡ଼ ଝଟକା ଲାଗିପାରେ। ଭାରତ ଏବଂ ପାକିସ୍ତାନ ସୀମାରେ ବଢୁଥିବା ଉତ୍ତେଜନା ଯୋଗୁଁ, ଏମିରେଟ୍ସ କ୍ରିକେଟ୍ ବୋର୍ଡ ପାକିସ୍ତାନକୁ ସେମାନଙ୍କ ଦେଶରେ ଚଝଖ ଆୟୋଜନ କରିବାକୁ ଅନୁମତି ଦେଇ ନପାରେ। ଏମିରେଟ୍ସ କ୍ରିକେଟ୍ ବୋର୍ଡର ସୂତ୍ର ଅନୁଯାୟୀ, ପାକିସ୍ତାନ କ୍ରିକେଟ୍ ବୋର୍ଡର ଏପରି କୌଣସି ଅନୁରୋଧକୁ ବୋର୍ଡ ପ୍ରତ୍ୟାଖ୍ୟାନ କରିବାର ସମ୍ଭାବନା ଅଛି। ଅନ୍ୟପଟେ ପିସିବି ପୂର୍ବରୁ ଘୋଷଣା କରିଥିଲା ଯେ ପିଏସଏଲର ବାକି ମ୍ୟାଚ୍ ଗୁଡିକ ୟୁଏଇରେ ଆୟୋଜିତ କରାଇବ। କିନ୍ତୁ ଏବେ ପିସିବିକୁ ବଡ଼ ଝଟକା ଲାଗିପାରେ। ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନାମୂଳକ ସ୍ଥିତି ଦେଖିବା ପରେ, ଏମିରେଟ୍ସ କ୍ରିକେଟ୍ ବୋର୍ଡ କୌଣସି ପ୍ରକାରର ସହାୟତା ପିସିବିର କରିବାକୁ ଚାହୁଁନାହିଁ। ଯଦି ୟୁଏଇ ପିସିବି କୁ ପିଏସଏଲ ଆୟୋଜନ କରିବାକୁ ଅନୁମତି ଦିଏ ତେବେ ଏହା ସଙ୍କେତ ଯିବ ଯେ ୟୁଏଇ ପାକିସ୍ତାନକୁ ସମର୍ଥନ କରୁଛି। ଅନ୍ୟପକ୍ଷେ ଗତ କିଛି ବର୍ଷ ଧରି ଏମିରେଟ୍ସ କ୍ରିକେଟ୍ ବୋର୍ଡର ବିସିସିଆଇ ସହିତ ଭଲ ସମ୍ପର୍କ ରହିଛି। ୨୦୨୧ ଟି୨୦ ବିଶ୍ୱକପ୍ ଏବଂ ୨୦୨୫ ଚାମ୍ପିଅନ୍ସ ଟ୍ରଫି ସମୟରେ ଭାରତର ମ୍ୟାଚ୍ ବ୍ୟତୀତ ଆଇପିଏଲ ମଧ୍ୟ ଆୟୋଜନ କରି ସାରିଛି ୟୁଏଇ। ଏସବୁ ସ୍ଥିତି ଦେଖି ଲାଗୁଛି ପିସିବିକୁ ଝଟକା ଲାଗିପାରେ। ମେ ୯ ତାରିଖ ସକାଳେ ପିସିବି କହିଥିଲା ଯେ ପିଏସଲଏର

▶▶ପୃଷ୍ଠା ୭

# ଓଡ଼ିଶାରେ ହାଇ ଆଲର୍ଟ: ସମୁଦ୍ରପଟୁ ଆକ୍ରମଣ ଆଶଙ୍କା



ପୁରୀ, ୦୯/୫ (ନି.ପ୍ର): ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ଉତ୍ତେଜନା ବୃଦ୍ଧି ପାଇବା ପରେ ଓଡ଼ିଶାରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ପାକିସ୍ତାନର ବିଫଳ ଡ୍ରୋନ ଓ ମିସାଇଲ ଆକ୍ରମଣ ପ୍ରୟାସ ପରେ ରାଜ୍ୟ ସରକାର ଏବଂ ପୁଲିସ ଉଚ୍ଚ ସତର୍କତା ଜାରି କରିଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ ଜୋରଦାର କରାଯାଇଛି। ପୁରୀର ଜଗନ୍ନାଥ ମନ୍ଦିର ଓ ବଙ୍ଗୋପସାଗର, ଭୁବନେଶ୍ୱର ବିମାନବନ୍ଦର, ବାଲେଶ୍ୱରରେ ଥିବା ଚାନ୍ଦିପୁର ମିସାଇଲ ପରୀକ୍ଷଣ କେନ୍ଦ୍ର ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ପୁରୀର ଏସପି ବିନୀତ ଅଗ୍ରୱାଲ କହିଛନ୍ତି, ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ପୁରୀରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ମଜବୁତ କରାଯାଇଛି। ମନ୍ଦିରର ମୁଖ୍ୟ ଦ୍ୱାରରେ ଅତିରିକ୍ତ ପୁଲିସ ମୁତୟନ କରାଯାଇଛି, ପାଟ୍ରୋଲିଂ ବୃଦ୍ଧି କରାଯାଇଛି ଏବଂ ଏକ କ୍ୱିକ ରିଆକ୍ସନ ଟିମ ମଧ୍ୟ ପ୍ରସ୍ତୁତ ରଖାଯାଇଛି। ସେହିପରି ଭୁବନେଶ୍ୱର ବିମାନବନ୍ଦରରେ ମଧ୍ୟ ଭାରତ-ପାକିସ୍ତାନ ସଂଘର୍ଷର ପରିପ୍ରେକ୍ଷୀରେ ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଉଚ୍ଚସ୍ତରୀୟ ବୈଠକ ଡାକି ରାଜ୍ୟରେ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ସେ କହିଛନ୍ତି, ଭାରତ ପାକିସ୍ତାନର ଆକ୍ରମଣକୁ ଦୃଢ଼ତାର ସହ ମୁକାବିଲା କରୁଛି।

▶▶ପୃଷ୍ଠା ୭

# ପାକିସ୍ତାନର ଟ୍ରାକ୍ ରେକର୍ଡ ଖରାପ, ତାକୁ ଆଉ ଋଣ ଦିଆନଯାଉ: ଆଇଏମଏଫ ବେଲଆଉଟ୍ ଭୋଟିଂରେ ସାମିଲ୍ ହେଲାନି ଭାରତ



ନୂଆଦିଲ୍ଲୀ,୯ ।୫: ଇଣ୍ଟରନ୍ୟାସନାଲ୍ ମନିଟାରୀ ଫଣ୍ଡରେ ପାକିସ୍ତାନର ଟ୍ରାକ୍ ରେକର୍ଡ ଖରାପ ରହିଛି । ଦେବାଳିଆ ହୋଇଯାଇଛି ପଡ଼ୋଶୀ ଦେଶ । ତେଣୁ ତାକୁ ଆଉ ଋଣ ଦିଆନଯାଉ । ଅନ୍ତରାଷ୍ଟ୍ରୀୟ ମୁଦ୍ରା ପାଣ୍ଠି କର୍ତ୍ତୃପକ୍ଷଙ୍କ ନିକଟରେ ଏଭଳି କହି ବିରୋଧ କରିଛି ଭାରତ ।

▶▶ପୃଷ୍ଠା ୭

# ଖୋର୍ଦ୍ଧା ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

ଖୋର୍ଦ୍ଧା,୦୯/୫(ନି. ପ୍ର): ଗୁରୁବାର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାପାଳ ଚଂଚଳ ରାଣାଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ବିଧାୟକ, ପ୍ରଶାନ୍ତ କୁମାର ଜଗଦେବ, ଜିଲ୍ଲାପରିଷଦ ସଭାପତି ରୁପଶ୍ରିରାନି ଗୁମାନ ସିଂହ,ଜିଲ୍ଲା ପରିଷଦ ଉପସଭାପତି ଗୋପୀନାଥ ମହାରଣା, ମାନ୍ୟବର ସାଂସଦ ଏବଂ ବିଧାୟକଙ୍କ ପ୍ରତିନିଧି ଯୋଗ ଦେଇଥିଲେ । ବୈଠକରେ ବିଧାୟକ କହିଥିଲେ ଯେ ପ୍ରଶାସନର ସହଯୋଗ ଓ ଟିମ୍ ସ୍ପିରିଟରେ ସମସ୍ତଙ୍କ ହିତରେ ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ବିକାଶ ଦୃତ ଗତିରେ ଆଗେଇ ଚାଲିଛି ଏପରିକି ଦୀର୍ଘ ମିଆଦି କାର୍ଯ୍ୟସୂଚୀ ଖସଡ଼ା ପ୍ରସ୍ତୁତ କରି ଶାଳିଆ ଡ୍ୟାମ୍ କାର୍ଯ୍ୟକ୍ରମ ହାତକୁ ନେଇ ବେଗୁନିଆ, ବୋଲଗଡ଼, ସଗରଗାଁ, ସାରୁଅ, ବାଙ୍କୀ ତୁଳସୀପୁର ଓ ପ୍ରଧାନ ସାହିରେ ଜଳ ପଶିବା ଓ ବନ୍ୟା ସମସ୍ୟାକୁ ଦୂର କରିବାକୁ ପଡ଼ିବ । ବିପର୍ଯ୍ୟୟକୁ ଆମେ ସଫଳ ଭାବେ ପ୍ରତିହତ କରି ପାରିଲେ ଆମର ଅର୍ଥନୀତି ସୁଦୃଢ ହେବା ସହ ବିକଶିତ ଦେଶ, ବିକଶିତ ରାଜ୍ୟ, ବିକଶିତ ଜିଲ୍ଲା ଓ ବିକଶିତ ଗାଁର ସ୍ୱପ୍ନ ସାକାର ହେବ । ଏଣୁ ଆମେ ସମସ୍ତେ ଦଳମତ ନିର୍ବିଶେଷରେ ଭାଇଚାରା ବଜାୟ ରଖି ଉତ୍ସାହ, ଉଦ୍ଦୀପନା ଓ ଆନ୍ତରିକତାର ସହ କାର୍ଯ୍ୟ କରି ସେହି ଲକ୍ଷ୍ୟକୁ ପୁରଣ କରିବାକୁ ବିଧାୟକ ଆହ୍ୱାନ ଦେଇଥିଲେ । ପରେ କାର୍ଯ୍ୟସୂଚୀ ଅନୁଯାୟୀ ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ବିପର୍ଯ୍ୟୟ ପରିଚାଳନାର ପୂର୍ବ ଓ ପରବର୍ତୀ କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥାପନ କରିଥିଲେ । ନିୟନ୍ତ୍ରଣ କକ୍ଷ, ବର୍ଷା ଜଳ ପରିମାପକ କେନ୍ଦ୍ର ମରାମତି ଓ ନିର୍ଦ୍ଧିଷ୍ଟ ସମୟ ବ୍ୟବଧାନରେ ବୃଷ୍ଟିପାତ ମାପିବା ଓ ରିପୋର୍ଟ ପଠାଇବା, ଦୁର୍ବଳ ନଦୀ ଓ କେନାଲ ବନ୍ଧର ଯୁଗ୍ମ ତଦନ୍ତ ତଥା ଜଳସେଚନ ବିଭାଗ ପକ୍ଷରୁ ବନ୍ୟା ପରିସ୍ଥିତି ମୁକାବିଲା ପାଇଁ ବାଲିବସ୍ତା ମହଜୁଦ କରି ରଖିବା।ଦୁର୍ବଳ ସ୍ଥାନ ଗୁଡ଼ିକୁ ମରାମତି କରିବା, ବନ୍ୟା ଓ ବାତ୍ୟା ପ୍ରବଣ ଅଂଚଳରେ ଅସ୍ଥାୟୀ ଆଶ୍ରୟସ୍ଥଳ, ଡଙ୍ଗା,ପାୱାର ବୋଟ ମୃତାୟନ, ଦୁରଭାଷ ସେବା ଉପଲବ୍ଧ, ବିଶୁଦ୍ଧ ପାନୀୟ ଜଳ,ଡି.ଜି ସେଟ୍ ମହଜୁଦ ରଖିବା। ଭୁବନେଶ୍ୱର ମହାନଗର ନିଗମ ଏବଂ ପୌରାଂଚଳ ମାନଙ୍କରେ ଜଳ ନିଷ୍କାସନ,ଦୂର୍ଗମାଂଚଳରେ ଖାଦ୍ୟ ପଦାର୍ଥ, ଔଷଧ ପତ୍ର ସାପ କାମୁଡ଼ା ଇଞ୍ଜେକ୍ସନ ମହଜୁଦ କରି ରଖିବା। ପ୍ରତ୍ୟେକ ପ୍ରାଥମିକ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ପ୍ରଚୁର ଔଷଧ ଓ ଓ ଆର ଏସ ପ୍ୟାକେଟ,ବ୍ଲିଚିଂ ପାଉଡର ଗଛିତ କରି ରଖିବା, ଗୋଖାଦ୍ୟ, ମନୁଷ୍ୟ ଖାଦ୍ୟ ଚୂଡା, ଚାଉଳ, ଶୁଖିଲା ଖାଦ୍ୟ ବନ୍ୟା ବାତ୍ୟା ପ୍ରବଣ ଅଂଚଳରେ ମହଜୁଦ କରି ରଖିବା।ରାସ୍ତାଘାଟ ମରାମତି,ରିଲିଫ, ଉଦ୍ଧାର କାର୍ଯ୍ୟ, ବନ୍ୟାବାତ୍ୟା ଆଶ୍ରୟ ସ୍ଥଳିଗୁଡ଼ିକରେ ସମସ୍ତ ସୁବିଧା ଉପଲବ୍ଧ କରିବା,ହେଲିପ୍ୟାଡ ଓ ଆକାଶ ମାର୍ଗରୁ ଖାଦ୍ୟ ପଦାର୍ଥ ଅବତରଣ ସ୍ଥାନ ନିରୂପଣ କରିବା। ଏପରିକି ଓଡରାଫ, ଏନଡିଆରଫ ମୃତାୟନ,ସିଭିଲ ଡିଫେନ୍ସ,ସ୍ୱୟଂ ସହାୟକ ଗୋଷ୍ଠୀ,ପଂଚାୟତିରାଜ ଅନୁଷ୍ଠାନ ମାନଙ୍କୁ ନିୟୋଜିତ କରି ସମ୍ଭାବ୍ୟ ବନ୍ୟା ବାତ୍ୟା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କୁ ସେବା ଯୋଗାଇବ ତଥା ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ସେହିପରି ସମସ୍ତ ଅଧିକାରୀ ମାନଙ୍କ ମୋବାଇଲ ନମ୍ବର ରଖିବା,ରେନ୍ ଗଜ ରିପୋର୍ଟ,ଜାତୀୟ ରାଜପଥ, ପୂର୍ତ୍ତ,ଗ୍ରାମ୍ୟ ଉନ୍ନୟନ ବିଭାଗ ନିଚାରାସ୍ତା ଗୁଡ଼ିକର ବିବରଣୀ ପ୍ରଦାନ କରିବା ,ପ୍ରତ୍ୟେକ ଅଙ୍ଗନୱାଡ଼ି କେନ୍ଦ୍ର ଠିକ୍ ଅଛି କି ନାହିଁ, ସେ ସମ୍ବନ୍ଧରେ ବି ଡି ଓ ମାନେ ବିଭାଗୀୟ ଅଧିକାରୀଙ୍କ ସହ ତଦନ୍ତ କରି ରିପୋର୍ଟ ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ବୋଲଗଡ଼ ସହରକୁ ସଫା କରିବା ଓ ଡଙ୍ଗା ମୃତୟନ ତଦନ୍ତ ରିପୋର୍ଟ ୨୩ ତାରିଖ ସୁଦ୍ଧା ଦେବାକୁ ସଂପୃକ୍ତ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ସେହିପରି ବି ଡି ଓ ଟାଙ୍ଗି,ଚିଲିକା ଡଙ୍ଗା ଓ ବୋଟ ର ଚୂଡାନ୍ତ ସ୍ଥିତି, ଜୀବନ ରକ୍ଷାକାରୀ ଜ୍ୟାକେଟ ରିପୋର୍ଟ ପ୍ରଦାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଉପଜିଲ୍ଲାପାଳ ଏବଂ ତହସିଲଦାର ମିଳିତ ଭାବେ ରେଡ୍ କରି ବିନା ଲାଇସେନ୍ସ ଥିବା ବୋଟ ଗୁଡ଼ିକୁ ରଦ୍ଦ କରିବା ସହ ପାୱାର ବୋଟ ଗୁଡ଼ିକ ଠିକଠାକ ଅଛି କି ନାହିଁ ତାହାର ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ କରିବେ । ବିଦ୍ୟୁତ୍ ବିଭାଗ,ବି ଏମ୍ ସି ,ପ୍ରତ୍ୟେକ ବ୍ଲକ୍ ଅଫିସରେ ଜେନେରେଟର ମହଜୁଦ କରି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ । ଟି ପି ସି ଓ ଏନ୍ ଡି ଏଲ କୁ ବିଦ୍ୟୁତ୍ ସରବରାହ ସେବା ସଠିକ୍ ଭାବେ ପରିଚାଳନା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସ୍କୁଲ ବିଲ୍ଡିଂ ଗୁଡ଼ିକ ଯେଉଁଠି ଅସ୍ଥାୟୀ ଆଶ୍ରୟ ସ୍ଥଳି ହେବ ସେଗୁଡିକ ତାଲିକା ପ୍ରଦାନ କରିବାକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ । ବୋଲଗଡ଼, ବାଣପୁର ଆଦି ଅଂଚଳରେ ଲାଇନ କଟିବା ସ୍ଥାନରେ ପାଟ୍ରୋଲିଂ କରାଯିବାକୁ ସଂପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସହରାଂଚଳରେ ଡ୍ରେନ ସଫା,ଖାଦ୍ୟ ପଦାର୍ଥ ଯାଂଚ ଫୁଡ୍ ସେଫ୍ଟି ଅଧିକାରୀଙ୍କ ଦ୍ୱାରା, ପି ଡବ୍ଲୁ ଡ଼ି,ଆର ଆଣ୍ଡ ବି,ଆର ଡି ମିଳିତ ଭାବେ ଡ୍ରେନ ସଫା କରିବା, ତହସିଲଦାର, ଉପଜିଲ୍ଲାପାଳ ଏବଂ ବି ଏମ୍ ସି ମିଳିତ ଭାବେ ସମସ୍ତ କାର୍ଯ୍ୟର ତଦାରଖ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ବାଲିଅନ୍ତା ବ୍ଲକରେ ଇଂଟରନେଟ ସୁବିଧା ବ୍ୟାଘାତ ହେଉଥିବାରୁ ,ତୁରନ୍ତ ଠିକ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ସହ ସମସ୍ତ ବିଭାଗ ଜିରୋ କାଯୁଆଲ୍ଟୀ ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଶେଷରେ ଡେପୁଟି କଲେକ୍ଟର ରାଜସ୍ୱ ନିବେଦିତା ପରିଡ଼ା ବୈଠକରେ ଯୋଗ ଦେଇଥିବା ସମସ୍ତ କର୍ମକର୍ତାଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ବୈଠକରେ ଅନ୍ୟ ମାନଙ୍କ ମଧରେ ଉପଜିଲ୍ଲାପାଳ ଭୁବନେଶ୍ୱର ଡ.ମନୋରଞ୍ଜନ ସାହୁ, ଉପଜିଲ୍ଲାପାଳ, ଖୋର୍ଦ୍ଧା କିଶୋର କୁମାର ପଣ୍ଡା,ଶିକ୍ଷା , ସ୍ୱାସ୍ଥ୍ୟ, ଗମନାଗମନ, କୃଷି, ସମସ୍ତ ତହସିଲଦାର,ବି ଡି ଓ,ବି ଏମ୍ ସି ,ପୌର ପରିଷଦ, ବିଜ୍ଞାପିତ ଅଂଚଳ ପରିଷଦ, ବ୍ୟାଙ୍କ, ଦୁରଭାସ, ବିଭିନ୍ନ ଲାଇନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ,ନିର୍ବାହୀ ଯନ୍ତ୍ରୀ,ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

# କଂଗ୍ରେସ ସଭାପତିଙ୍କ ଧର୍ମଶାଳା ଗସ୍ତ ସ୍ଥଗିତ : ପରିବାରକୁ ଭେଟିଲେ ସ୍ଥାନୀୟ କଂଗ୍ରେସ ନେତା ଓ କର୍ମୀ

ଧର୍ମଶାଳା,୦୯/୫(ନି. ପ୍ର): ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଜାରକା ଜାମୁବଣୀ ମୌଜାର ଅରଜିତ ଜେନା (୨୨)ଙ୍କୁ ପିଟି ପିଟି ହତ୍ୟା ଘଟଣାରେ ମୃତକଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇବା ଲାଗି ଆଜି ରାଜ୍ୟ କଂଗ୍ରେସ ସଭାପତି ଧର୍ମଶାଳା ଗସ୍ତରେ ଆସିଥାନ୍ତେ । ହେଲେ ଦେଶରେ ଜରୁରୀ କାଳିନ ପରିସ୍ଥିତି ଲାଗିଥିବାରୁ ପିସିସି ସଭାପତି ଭକ୍ତ ଦାସ ଏହି କାର୍ଯ୍ୟକ୍ରମକୁ ଏବେ ସ୍ଥଗିତ ରଖିଥିବା ଜଣାଯାଇଛି । ତେବେ ଆଜି ଧର୍ମଶାଳା କଂଗ୍ରେସ ନେତା କିଶାନ ପଣ୍ଡାଙ୍କ ନେତୃତ୍ୱରେ କଂଗ୍ରେସର ଏକ ପ୍ରତିନିଧି ଦଳ କୁମାରୀ ପଂଚାୟତ ଜାମୁବଣିଆ ମୌଜାସ୍ଥିତ ମୃତକ ଅରଜିତ ଜେନାଙ୍କ ଘରକୁ ଯାଇ ତାଙ୍କ ବାପା ଓ ମାଆଙ୍କ ସହିତ ଆଲୋଚନା କରିବା ସହିତ ମୃତକକୁ ନ୍ୟାୟ ପ୍ରଦାନ ପାଇଁ କଂଗ୍ରେସ ଦଳ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ସହିତ ଆଲୋଚନା କରିବେ ବୋଲି ପ୍ରତିସୃତି ଦେଇଥିବା ଜଣାଯାଇଛି । ଆଜିର ଏହି କାର୍ଯ୍ୟକ୍ରମରେ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ପଂଚାୟତର ସଭାପତି ସାଗର କୁମାର ପାଳ, ସୁକାନ୍ତ ଦାସ, ଦୁର୍ଗା ପ୍ରଦାନ, ନକୁଳ ଜେନା ଓ ଦଳୀୟ କର୍ମୀ ସେକ ଇଦ୍ରିସ,ପ୍ରଫୁଲ୍ଲ କୁମାର ରାୟ, କୃଷକ ନେତା ବସନ୍ତ ପରିଡା, ବାବୁଲି ମଲିକ,ଦୀପକ ବଳ, ସଞ୍ଜୟ କୁମାର ରାଉତ, ଅମରେନ୍ଦ୍ର ସାମଲ, ଭୀମଶେନ ଦାସ, ବାଞ୍ଛାନିଧି ସାମଲ, ଧିରେନ୍ଦ୍ର ସାମଲ, ରୁଦ୍ର ନାରାୟଣ ରାଉତ, ରଜତ ମଲିକ ପ୍ରମୁଖ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ରହିଥିଲେ। ସୂଚନା ମୁତାବକ ଏହି ନିର୍ବାଚନ ମଣ୍ଡଳୀର ରାହାଡପୁରସ୍ଥିତ ଏକ କ୍ରସରରେ କାମ କରୁଥିବା ଜାମୁବଣିଆ ମୌଜାର ଅରଜିତକୁ ଭଡଙ୍ଗାସ୍ଥିତ ମାଲିକଙ୍କ ଘରକୁ ଅଣାଯାଇ ଲୁହା ରଡରେ ମାଡ ମରାଜିବା ସହ ଚେଙ୍କ ଦିଆଯାଇଥିଲା । ଯାହା ଫଳରେ ସେ ଗୁରୁତର ହୋଇ ସେଠାରେ ପଡିରହିଥିଲେ । ଗତ ୨୭ ତାରିଖ ରାତିରେ ତାର ମା ଓ ସମ୍ପର୍କୀୟ ଭାଇ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ସେଠାରୁ ଉଦ୍ଧାର କରି କଟକ ମେଡିକାଲରେ ଭର୍ତି କରିଥିଲେ । ସେଠାରେ ଚିକିତ୍ସା ଚାଲିଥିବା ବେଳେ ଗତ ୩୦ ତାରିଖ ଅପରାହ୍ନରେ ଅରଜିତଙ୍କ ମୃତ୍ୟୁ ହୋଇଥିଲା ଏନେଇ ତାର ବାପା ଅଜୟ ନାୟକ କ୍ରସର ମାଲିକ ସମେତ ୩ ଜଣ କର୍ମଚାରୀଙ୍କ ନାମରେ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏନେଇ ପୁଲିସ ୫୮/୨୫ରେ ଏକ ମମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ବେଳେ ମଙ୍ଗଳବାର କ୍ରସରର କର୍ମଚାରୀ ସତ୍ୟରଞ୍ଜନ ବଳଙ୍କୁ ଗିରଫ କରି କୋର୍ଟ ଚଲଣ କରିଛି । ହେଲେ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ପୁଲିସ ଗିରଫ କରିବାରେ ବିଫଳ ହୋଇଛି ।

# ଶ୍ରୀ ସିଦ୍ଧ ବଳେଦବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ନିର୍ମାଣ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡା,୦୯/୫(ନି. ପ୍ର): ତୁଳସୀକ୍ଷେତ୍ର ର ଆରାଧ୍ୟ ଦେବ ଶ୍ରୀ ସିଦ୍ଧ ବଳେଦବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ନିର୍ମାଣ ପାଇଁ ଏକ ପ୍ରସ୍ତୁତି ବୈଠକ ଇଛାପୁର ଯାତ୍ରୀ ନିବାସ ପରିସର ରେ ଅନୁଷ୍ଠିତ ହୋଇଯାଇଛି । ମନ୍ଦିର ପରିଚାଳନା କମିଟି ସଭାପତି ତଥା ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି ବୈଠକେର କଟକ ଜୋନର ସହକାରୀ ଦେବୋତର କମିଶନର ପ୍ରକାଶ କର, ପୁର୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ରତୀକାନ୍ତ ବେହେରା, ଦେବୋତର ନିରୀକ୍ଷକ ଶକ୍ତି ସ୍ୱରୂପ ନାୟକ, ବଡ ପଣ୍ଡା ମାଧବ ଚନ୍ଦ୍ର ପତ୍ରୀ, କାର୍ଯ୍ୟ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ମୁଖ୍ୟ ବିଶ୍ୱକର୍ମା ରଘୁନାଥ ମହାରଣା ଓ ପୁରୋସ୍ତମ ଓଝା ପ୍ରମୁଖ ଉପସ୍ଥିତ ରହି ରଥ ନିର୍ମାଣ ସଂପକର୍ରେ ଅଲୋଚନା କରିଥିଲେ । ଗତ ୨ ବର୍ଷ ହେଲା ରଥ ନିର୍ମାଣ ରେ ତ୍ରୁଟି ରହୁଥିବାରୁ ରଥ ଚାଲିଲା ବେଳ ବାମ ମୋଡ ଡାହାଣ ମୋଡ ନେଇ ଅଟକି ରହିବା ଓ ମୋଡ ଭାଙ୍ଗି ନପାରି ଜଗ୍ ମାଧମେର ଘୁଂଚାଇବା ସହ ବହୁ ସମୟ ନଷ୍ଟ ଏବଂ ଦୁଇ ଦିନ ଯାଗରେ ଚାରିଦିନ ଗୁଣ୍ଡିଚା ଯାତ୍ରା ହେବା ଭଳି ଅଘଟଣ ଘଟି ଯାଇଛି । ଏହାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଯେପରି କୌଣସି ଅଘଟଣ ନଘେଟ ସେଥିପାଇଁ ରଥ ନିର୍ମାଣ ସମୟେର ପୁରୀରୁ ଅଭିଜ୍ଞ ଭୋଇ ମହାରଣାଙ୍କ ଦ୍ୱାରା ରଥ ନିର୍ମାଣ ତଦାରଖ କରାଇବା ସହ ବ୍ରେକ୍ ନିର୍ମାଣ ରେ ପୁରୀ ସିଷ୍ଟମ ଲାଗୁ କରି ଚେନ୍ ପୁଲି ମାଧମେର ବ୍ରେକ୍ ଲଗାଇବା ପାଇଁ ପ୍ରସ୍ତାବ ଦିଆଯାଇଛି । ପ୍ରେତ୍ୟକ ବର୍ଷ ଗୋଟିଏ ଅଖ ଓ ଦୁଇଟି ଚକ ବଦଳା ଯାଉଥିବା ବେଳେ ଚଳିତ ବର୍ଷ ତିନିଟି ଅଖ, ଚାରୋଟି ଚକ ନୂଆ ଲଗାଇବା ପାଇଁ ବୈଠକେର ସ୍ଥିର କରାଯାଇଛି । ଏଥି ସହିତ ରଥ ନିର୍ମାଣ ଦାୟିତ୍ୱେର ଥିବା ମୁଖ୍ୟ ମହାରଣା ଓ ତାଙ୍କ ସହକାରୀ ମାନେ ସେବା ମେନାଭାବ ନେଇ କାମ କରିବା ପାଇଁ ଅଲୋଚନା କରାଯିବା ସହ ରଥ ନିର୍ମାଣ ସୁରୁଖୁରୁ ରେ କରାଯାଇ ଚଳିତ ବର୍ଷ ରଥଯାତ୍ରା କୁ ନିର୍ବିଘ୍ନେର ସାରିବା ପାଇଁ ସବର୍ସମ୍ମତ ପ୍ରସ୍ତାବ ଗୃହୀତ ହୋଇଥିବା ଓ ଏହା ଉପେର ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ ଗୁରୁତ୍ୱାରୋପ କରିଥିବା ଜଣାପଡିଛି ।

# ଭଦ୍ରକରେ ବିଶ୍ୱ ରେଡକ୍ରସ୍ ଦିବସ ଓ ରକ୍ତଦାନ ଶିବିର ଅନୁଷ୍ଠିତ: ଆୟ ୧ କୋଟି ୫ ଲକ୍ଷ ୮୦ ହଜାର ୮୨୧ ଟଙ୍କା, ବ୍ୟୟ ୫୧ ଲକ୍ଷ ୫୩ ହଜାର ୬୯୨ ଟଙ୍କା

ଭଦ୍ରକ,୦୯/୫(ନି. ପ୍ର): ରେଡକ୍ରସ ର ପ୍ରତିଷ୍ଠାତା ହେନେରୀ ଡୁନାଂଟ ଙ୍କ ଜନ୍ମ ଦିବସ ଅବସର ରେ ବିଶ୍ୱ ରେଡକ୍ରସ ଦିବସ ଏବଂ ରକ୍ତ ଦାନ ଶିବିର ଭାରତୀୟ ରେଡକ୍ରସ ସୋସାଇଟୀ ଏବଂ ଭଦ୍ରକ ଜିଲ୍ଲା ରେଡକ୍ରସ ଶାଖା ପ୍ରଶାସନ ପକ୍ଷ ରୁ ଜିଲ୍ଲାପାଳ ଙ୍କ ସଦଭାବନା ସଭା ଗୃହ ରେ ଅନୁଷ୍ଠିତ ହୋଇଛି । ଏଥିରେ ଜିଲ୍ଲାପାଳ ତଥା ରେଡକ୍ରସ ର ଅଧକ୍ଷ ଦିଲୀପ ରାଉତରାଏ ଯୋଗ ଦେଇ ପତାକା ଉତୋଳନ କରିଥିଲେ । ଏହି ସଭା ରେ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ ମହାନ୍ତି , ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ,ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତୀ ,ଡେପୁଟୀ କଲେକ୍ଟର କାର୍ତିକ ନାଥ ମଣ୍ଡଳ,ମୁଖ୍ୟ ଚିକିତ୍ସ୍ୟା ଧିକାରୀ ଡାକ୍ତର ସୁଧାଂଶୁ ଶେଖର ବଳ,ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ସାଗରିକା ସାହୁ ସହିତ ର ରେଡକ୍ରସ ର ଆଜୀବନ ସଦସ୍ୟ ମନୋରଂଜନ ଦାସ ,ରାଧା ରାଣୀ ମହାପାତ୍ର,ଚାରୁଲତା ମହାପାତ୍ର , ନିବାସ ପତି , ଅତୀଶ ବେହେରା ଓ ଅନେକ ବୁଦ୍ଧି ଜୀବି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ ମହାନ୍ତି ବାର୍ଷିକ ବିବରଣୀ ପଠନ କରିଥିଲେ। ଗତବର୍ଷ ୨୦୨୪-୨୫ ର ସମସ୍ତ ଆୟ ବ୍ୟୟ ର ହିସାବ ହୋଇଥିଲା। ଏହି ଆର୍ଥିକ ବର୍ଷ ରେ ୧ କୋଟି ୫ ଲକ୍ଷ ୮୦ ହଜାର ୮୨୧ ଟଙ୍କା ରେଡକ୍ରସ ରେ ଆୟ ହୋଇଥିବା ବେଳେ ୫୧ ଲକ୍ଷ ୫୩ ହଜାର ୬୯୨ ଟଙ୍କା ରେଡକ୍ରସ ସହାୟତା ରେ ଖର୍ଚ୍ଚ ହୋଇଛି । ଜିଲାର ୭ଟି ବ୍ଲକ୍ ଓ ପୌରାଂଚଳର ୩୫୪ ଗରିବ ଓ ଅସହାୟ ରୋଗୀଙ୍କୁ ୨୪ ଲକ୍ଷ ୮୫ ହଜାର ୮୫୪ ଟଙ୍କା ରେଡକ୍ରସ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଇଛି। ଏହାବ୍ୟତୀତ ପ୍ରଶାସନ ତରଫରୁ ସହରାଂଚଳର ରାସ୍ତା ପ୍ରଶସ୍ତିକରଣ ପାଇଁ ସରକାରୀ ଜାଗାରେ ଜବରଦଖଲ ଉଚ୍ଛେଦର ଶୀକାର ହୋଇଥିବା ୧୧୭ ଜଣ ଗରିବ ଦୋକାନୀଙ୍କୁ ୧୫ ହଜାର ଟଙ୍କା ଲେଖାଏଁ ଅନୁକମ୍ପା ରାଶି ପ୍ରଦାନ କରାଯିବାରେ ୧୭ ଲକ୍ଷ ୫୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ସେହିପରି ବାସୁଦେବପୁର ତହସିଲଦାରଙ୍କୁ ରୋଗୀଙ୍କ ଚିକିତ୍ସା ସକାଶେ ୧ ଲକ୍ଷ ୯୦ ହଜାର, ଜାନୁଆରୀ ୨୪ ରୁ ମାର୍ଚ୍ଚ ୨୦୨୫ ମଧ୍ୟରେ ରେଡକ୍ରସ୍ କର୍ମଚାରୀଙ୍କୁ ଦରମା ବାବଦରେ ୬ ଲକ୍ଷ ୫୯ ହଜାର ୭୫୮ ଟଙ୍କା ପ୍ରଦାନ କରାଯାଇଛି। ସେହିପରି ଆର.ଏନ. ବେତଡା ଅନ୍ଧ ବିଦ୍ୟାଳୟର ହେଡମାଷ୍ଟ୍ରଙ୍କୁ ସଂଗୀତ ଯନ୍ତ୍ର କିଣିବା ବାବଦରେ ୨୫ ହଜାର, ଟ୍ରାଇ ସାଇକେଲ୍ ସଚେତନତା ବାବଦରେ ଅରବିନ୍ଦ କୁମାର ମିଶ୍ରଙ୍କୁ ୧୦ ହଜାର ଟଙ୍କା, ଡିସପେନସାରୀକୁ ୪ଟି ସିଲିଂ ଫ୍ୟାନ୍ ବାବଦରେ ୬ ହଜାର ୪୦ ଟଙ୍କା, ରେଡକ୍ରସ୍ ଅଫିସ୍‌ର ଫର୍ଣ୍ଣିଚର ବାବଦରେ ୧୩ ହଜାର ୫ ଶହ ଟଙ୍କା, କଂଟିଜେନ୍ସି ବାବଦରେ ୧୯୯୦ ଟଙ୍କା, କମ୍ପ୍ୟୁଟର, ଆକ୍ୱାଗାର୍ଡ, ପଂଚୁଟିକ୍ରି ଡିସେପେନସାରୀର ପ୍ରେସକିପସନ ପ୍ରିଂଟିଂ, ପାନ୍ ପ୍ରସ୍ତୁତି ବାବଦରେ ୬ ହଜାର ୫୫୦ ଟଙ୍କା ସମେତ ମୋଟ ୫୧ ଲକ୍ଷ ୫୩ ହଜାର ୬୯୨ ଟଙ୍କା ୨୦୨୪-୨୫ ଆର୍ଥିକ ବର୍ଷରେ ରେଡକ୍ରସ୍ ପାଣ୍ଠିରୁ ବ୍ୟୟ କରାଯାଇଛି। ରିପ୍ୟାରିଂ ବାବଦରେ ଏକ ହଜାର ଟଙ୍କା, ବାବଦରେ ରେଡକ୍ରସ ର କ୍ରିୟାଶୀଳ ,ଗତିଶୀଳ ଅଧିକ ହେବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଆରୋପ କରିଥିଲେ । ଏହା ପରେ ରେଡକ୍ରସ ବିଭାଗ କୁ ସର୍ବାଧିକ ଆୟ ଯୋଗାଇଥିବା ଅଧିକାରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା ।

# ରାଜ୍ୟସ୍ତରୀୟ ଦକ୍ଷତା ବିକାଶ କର୍ମଶାଳା

ଭୁବନେଶ୍ୱର,୦୯/୫(ନି. ପ୍ର): ମହିଳା ଏବଂ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଲକ୍ଷ ନେଇ ଏକ ଦୁଇ ଦିନିଆ ରାଜ୍ୟସ୍ତରୀୟ ଦକ୍ଷତା ବିକାଶ କର୍ମଶାଳା ୭ ଓ ୮ ମଇ ରେ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ, ଲକ୍ଷ୍ମୀସାଗର, ଭୂବନେଶ୍ୱର ଠାରେ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ବିଭାଗର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି କର୍ମଶାଳାରେ ଓଡ଼ିଶାର ୩୦ଟି ଜିଲ୍ଲାରୁ ସୁରକ୍ଷା ତଥା କାର୍ଯ୍ୟକ୍ରମ ଅଧିକାରୀ, ଆର୍ଥିକ କାରବାର ବୁଝୁଥିବା ଜିଲ୍ଲା ସ୍ତରୀୟ କର୍ମଚାରୀ, ୱାନ ଷ୍ଟପ ସେଂଟର, ଶକ୍ତି ସଦନ ତଥା ସଖୀ ନିବାସ ପରିଚାଳନା କରୁଥିବା ଅଣ-ସରକାରୀ ସଂଗଠନ (ଏନଜିଓ)ଙ୍କ ପ୍ରତିନିଧି ମାନେ ଯୋଗ ଦେଇଥିଲେ। ସରକାରୀ ବ୍ୟବସ୍ଥା ଏବଂ ପ୍ରୋଟୋକଲ ସହିତ ସୁସଙ୍ଗତ ହେବା ପାଇଁ ତଥା ଆର୍ଥିକ ପ୍ରକ୍ରିୟା ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାନ୍ୱୟନ କ୍ଷେତ୍ରଗୁଡ଼ିକ ଉପରେ ପ୍ରତକ୍ଷ ତାଲିମ ଦେବା ଏହି କାର୍ମଶାଳାର ଲକ୍ଷ । ଏହି ଦୁଇ ଦିନିକିଆ କର୍ମଶାଳା କେବଳ ଏନ. ଜି. ଓ. ଗୁଡ଼ିକର ଆର୍ଥିକ ଦକ୍ଷତା ବୃଦ୍ଧି କରିବା ନୁହେଁ ବରଂ ଡକ୍ୟୁମେଂଟେସନ୍, ଅନୁପାଳନ, ପ୍ରଭାବୀ ରିପୋର୍ଟିଂ, ଆଇନଗତ ଢାଂଚା ଏବଂ ଡିଜିଟାଲ୍ ସମନ୍ୱୟ ଭଳି ପ୍ରମୁଖ ଦାୟିତ୍ୱ ବିଷୟରେ ସେମାନଙ୍କର ଧାରଣା ଆହୁରି ଶାଣିତ କରିବା ଲକ୍ଷ୍ୟରେ ଆୟୋଜନ କରାଯାଇଥିଲା । ଯେହେତୁ ଆଜିକାଲି ସରକାରଙ୍କ ସମସ୍ତ ଦେଣନେଣ ପ୍ରକ୍ରିୟା ଏସ.ଏନ.ଏ ସ୍ୱର୍ଣ୍ଣ ପୋର୍ଟାଲ ମାଧ୍ୟମରେ ସମ୍ପାଦିତ କରାଯାଉଛି ତେଣୁ ଏହାର କାର୍ଯ୍ୟକାରିତାକୁ ପରିଚିତ କରାଇବା ତଥାରେ ବିଲ୍ କିପରି ଜେନେରେଟ୍ ଏବଂ ଅପଲୋଡ୍ କରାଯିବ, ବିନିଯୋଗ ପ୍ରମାଣପତ୍ର /ଖର୍ଚ୍ଚ ବିବରଣୀ ଦାଖଲ, ପାଣ୍ଠି ପ୍ରକାଶନ ପ୍ରୋଟୋକଲ ଏବଂ ରିପୋର୍ଟିଂ ଭଳି ଜରୁରୀ କାର୍ଯ୍ୟଗୁଡ଼ିକ ଉପରେ ପ୍ରତ୍ୟକ୍ଷ ମାର୍ଗଦର୍ଶନ ପ୍ରଦାନ କରାଯାଇଥିଲା ।


**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER,**
**JAGATSINGHPUR IRRIGATION DIVISION**
**TENDER CALL NOTICE**
**INVITATION FOR BIDS (IFB)**
**IDENTIFICATION NO-JID-02/2025-26**

The Superintending Engineer, Jagatsinghpur Irrigation Division on behalf of Governor of Odisha invites Percentage Rate off-line Bid in sealed cover from eligible class of registered contractors for execution of civil works as detailed in the table mentioned below registered with State Government & contractors of equivalent grade / class registered with Central Government / MES/ Railway to be eventually drawing agreement in P-1 contract forms of Govt. of Odisha.

| | | |
|---|---|---|
| 1 | Name of the Work | : Detail can be seen in the DTCN of the respective works. |
| 2 | Total No. of the Works | : 98 (Ninety eight) Nos. |
| 3 | Estimated Cost put to Tender (Approx.) | : Varies from Rs.1.92 lakhs to Rs. 4.43 lakhs Details can be seen in the DTCN of the respective works. |
| 4 | Cost of Bid Documents | : Details can be seen in DTCN |
| 5 | Bid Security of the estimated cost put to tender | : Details can be seen in DTCN |
| 6 | Period of Completion | : Details can be seen in DTCN |
| 7 | Other details as follows | |
| | (i) Tender Inviting Authority | : Superintending Engineer, Jagatsinghpur Irrigation Division, Jagatsinghpur |
| | (ii) Availability of Tender Document for bidding | : Dt.13.05.2025 from 7.00 A.M to Dt.22.05.2025 up to 1.00 P.M |
| | (iii) Date of opening of Bid Document | : On Dt. 23.05.2025 at 10.00 A.M in the office of the Superintending Engineer, Jagatsinghpur Irrigation Division |
| | (iv) Decision to Conduct lottery | : If required the transparent lottery shall be conducted on dt.26.05.2025 at 10.00 A.M onwards in the office of the Superintending Engineer, Jagatsinghpur Irrigation Division. |

**Superintending Engineer**
**Jagatsinghpur Irrigation Division**
**Jagatsinghpur**


# ଖୁବଶୀଘ୍ର ରାଜ୍ୟରେ ଆରମ୍ଭ ହେବ କୁଳପତି ଓ ପ୍ରଫେସର ନିଯୁକ୍ତି ପ୍ରକ୍ରିୟା

ଭୁବନେଶ୍ୱର,୦୯/୫(ନି. ପ୍ର): ଖୁବଶୀଘ୍ର ରାଜ୍ୟରେ ଆରମ୍ଭ ହେବ କୁଳପତି ଓ ପ୍ରଫେସର ନିଯୁକ୍ତି ପ୍ରକ୍ରିୟା । ସୁପ୍ରିମକୋର୍ଟ ରାୟ ପରେ ବିଶ୍ୱ ବିଦ୍ୟାଳୟ ନିଯୁକ୍ତି ରେ ଫିଟିଲା ବାଟ । ଆଇନଗତ ପ୍ରତିବନ୍ଧକ ହଟିବା ପରେ ପ୍ରତିକ୍ରିୟା ରଖିଲେ ଉଚ୍ଚ ଶିକ୍ଷା ମନ୍ତ୍ରୀ । ଲେକ୍ଚର ଓ ପ୍ରଫେସର ନିଯୁକ୍ତି ରେ ଅସଙ୍ଗତି ରହିଥିଲା ତାହାକୁ ସୁପ୍ରିମକୋର୍ଟ ଦୂର କରିଛନ୍ତି । ଗତ ସରକାର ସମୟ ରେ ଯେଉଁ ବ୍ୟବସ୍ଥା କୁ ଗ୍ରହଣ କରାଯାଇ ଥିଲା ତାହା ଭୁଲ ଥିଲା ବୋଲି ସୁପ୍ରିମକୋର୍ଟ ମତ ଦେଇଛନ୍ତି । ନିଯୁକ୍ତି କୁ ନେଇ ନ୍ୟାୟକି ଅସଙ୍ଗତି ଯାହା ରହିଥିଲା ତାହା ଉଠି ସାରିଛି । ଆମେ ପ୍ରସ୍ତୁତ ରହିଛୁ ଖୁବଶୀଘ୍ର କୁଳପତି ଓ ପ୍ରଫେସର ନିଯୁକ୍ତି ଆରମ୍ଭ କରିବା ପାଇଁ । ଏକା ସାଙ୍ଗ ରେ ଏହି ଦୁଇଟି ପ୍ରକ୍ରିୟା ଆଗକୁ ଆଗେଇବ । ଗତ ମାସରେ ରାଜ୍ୟ ସରକାର ଯେଉଁ ଅଧ୍ୟାଦେଶ ଆଣିଥିଲେ ତାହା ୟୁଜିସି ସହ ସମନ୍ୱୟ ରକ୍ଷା କରି ଅଣା ଯାଇଛି ।

# ଧାମରା-ଚନ୍ଦନୀପାଳ ବେଳାଭୂମି ପର୍ଯ୍ୟଟନର ବିକାଶ ଅପରିହାର୍ଯ୍ୟ: ଜିଲ୍ଲାପାଳ

ଭଦ୍ରକ,୦୯/୫(ନି. ପ୍ର): ଭଦ୍ରକ ଜିଲା ଧାମରା ରେ ବେଳାଭୂମିର ବିକାଶ ଅପରିହାର୍ଯ୍ୟ ଏହା କେବଳ ମୋର ମତ ନହେଁ ଅଂଚଳବାସୀଙ୍କ ମତ ବୋଲି ମତବ୍ୟକ୍ତ କରିଥିଲେ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାୟ। ଧାମରା ଅଂଚଳେର ବିକାଶ ଧାରା ଦିନକୁ ଦିନ ବଢି ବଢି ଚାଲିଥିବା ବେଳ ଆଗାମୀ ଦିନେର ଏହି ଧାରା ବଜାଇ ରହିବା ସହ ଅଂଚଳର ବିକାଶ ତ୍ୱରାନ୍ୱିତ ହେଉଥିବା ସହ ବେଳାଭୂମିର ମଧ୍ୟ ବିକାଶ ଜରୁରୀ ହୋଇ ପଡିଛି। ଧାମରା ନିକଟସ୍ଥ ଚନ୍ଦନୀପାଳ ଠାରୁ ଏହି ସୁଦୀର୍ଘ ବେଳାଭୂମି ବାସୁଦେବପୁର ସହ ଯୋଡି ହୋଇଥିବା ବେଳ ଏହା ମଧ୍ୟ ଚାନ୍ଦିପୁର ସହ ଓତେପ୍ରୋତ ଭବୋ ଜଡିତ। ଗତ ମାର୍ଚ୍ଚ ମାସେର ଧାମରା ଅଂଚଳବାସୀ ଏହି ବେଳାଭୂମିର ଉନ୍ନତୀକରଣ ପାଇଁ ସମାଜେସବୀ ଅତୁଲ କୁମାର ଜାନା ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡାଙ୍କୁ ଭେଟି ଏକ ଦାବୀ ପତ୍ର ପ୍ରଦାନ କରିଥିଲେ। ଏଥିସହ ଏହି ବେଳାଭୂମିର ସୌନ୍ଦର୍ଯ୍ୟକରଣ ପାଇଁ ମଧ୍ୟ ଓଡିଶା ପର୍ଯ୍ୟଟନ ବିଭାଗର ଶଚିବ ବଲମ୍ବତ ସିଂ ଙ୍କ ମଧ୍ୟ ଏହି ଦାବୀପତ୍ର ପ୍ରଦାନ କରାଯିବା ସହ ଏହାର ଏକକିତା ନକଲ ମଧ୍ୟ ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମର ପରିଚାଳନା ନଦିେର୍ଶକ ମାନସୀ ନିମ୍ଭଲଙ୍କୁ ମଧ୍ୟ ପ୍ରଦାନ କରାଯାଇଥିଲା। ଧାମରା ନିକଟସ୍ଥ ଚନ୍ଦନୀପାଳ ଠରେ ଥିବା ସୁଦୀର୍ଘ ବେଳାଭୂମିରେ ପର୍ଯ୍ୟର୍ଟନର ବିକାଶ ହୋଇ ପାରିଲେ ବହୁ ପର୍ଯ୍ୟର୍ଟକ ଧାମରା ଆସୁଥିବା ବେଳ ଏହି ବେଳାଭୂମିର ମଜା ମଧ୍ୟ ନେଇ ପାରେନ୍ତ ବୋଲି ଭଦ୍ରକ ଜିଲ୍ଲାପାଳ ମତ ପୋଷଣ କରିଥିଲେ। ଏହାର ବିକାଶ ପାଇଁ ଭଦ୍ରକ ଜିଲ୍ଲାପାଳ ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମର ପରିଚାଳନା ନଦିେର୍ଶକଙ୍କ ସହ ଯୋଗାଯୋଗ କରିଥିଲେ। ତୁରନ୍ତ ଏକ ଟେକନିକାଲ ଟିମ ମଧ୍ୟ ଆସି ଏହି ଅଂଚଳର ଉନ୍ନତି ପାଇଁ ଏକ ଡିପିଆର ପ୍ରସ୍ତୁତ କରିବା ସହ ଏହାର ଚୁଡାନ୍ତ ତଥ୍ୟ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ମଧ୍ୟ ପ୍ରଦାନ କରିବେ। ପେର ଏହାର ଚୁଡାନ୍ତ ତଥ୍ୟ ଆସିବା ପେର ଓଡିଶା ରାଜ୍ୟ ପର୍ଯ୍ୟର୍ଟନ ବିଭାଗ ନିଷ୍ଚୟ ଭବୋ ଏହି ପ୍ରକଳ୍ପ କୁ ହାତକୁ ନେଇ ଚୁଡାନ୍ତ ରୂପେରଖ ଦେବ ବୋଲି ଜିଲ୍ଲାପାଳ ମତ ରଖିଥିଲେ। ଏଥିସହ ରାଜ୍ୟେର ଥିବା ଅନ୍ୟ ବେଳାଭୂମି ଯଥା ପୁରୀ,ଗାପାଳପୁର, ଚନ୍ଦ୍ରଭାଗା ଏବଂ କୋଣାର୍କ ବେଳାଭୂମି ଭଳି ଚନ୍ଦନୀପାଳ ବେଳାଭୂମିର ବିକାଶ କରିବା ପାଇଁ ଭଦ୍ରକ ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାର ପ୍ରତିଶ୍ରୁତି ବଦ୍ଧ। ଭଦ୍ରକ ଜିଲ୍ଲାପାଳ ଆଜି ଏହି ବେଳାଭୂମି କୁ ପରିଦଶର୍ନ ଆସିଥିବା ବେଳ ତାଙ୍କ ସହ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ, ଉପଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଚାନ୍ଦବାଲି ତହସିଲଦାର ଭବେତାଷ ମଲିକ,ଭଦ୍ରକ ଜିଲ୍ଲା ପର୍ଯ୍ୟର୍ଟନ ଅଧିକାରୀ ସୁଧାଂଶୁ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିବା ବେଳ ଖୁବ ଶୀଘ୍ର ରାଜ୍ୟ ସରକାର ଠିକ ସମୟେର ନିଷ୍ଚୟ ବେଳାଭୂମି ପର୍ଯ୍ୟର୍ଟନର ବିକାଶ ହେବ ବୋଲି ମତ ପ୍ରକାଶ ପାଇଥିଲା। ଆଜି ଦୋସିଙ୍ଗା ଅଂଚଳର ଅତୁଲ ଜାନା, ରାମକୃଷ୍ଣ ଜାନା, ସୁକୁମାର ଗିରି, ଅଶୋକ କୁମାର ଜାନା ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାପାଳ ଏବଂ ତାଙ୍କ ଟିମ ସହ ଚନ୍ଦନୀପାଳ ବେଳାଭୂମି ପର୍ଯ୍ୟର୍ଟନ ବିଷୟେର ଆଲୋଚନା କରିଥିଲେ।

# ବିଶ୍ୱଭୂଷଣ ହରିଚନ୍ଦନଙ୍କ ରଚିତ 'ଏ ମାଟିର ଡାକ' ପୁସ୍ତକର ଇଂରାଜୀ ଅନୁବାଦ ରାଜ୍ୟପାଳଙ୍କ ଦ୍ୱାରା ଲୋକାର୍ପିତ

ଭୁବନେଶ୍ୱର,୦୯/୫(ନି. ପ୍ର): ଆନ୍ଧ୍ରପ୍ରଦେଶ ଓ ଛତିଶଗଡ ରାଜ୍ୟର ପୂର୍ବତନ ରାଜ୍ୟପାଳ ତଥା ପ୍ରବୀଣ ରାଜନେତା ବିଶ୍ୱଭୂଷଣ ହରିଚନ୍ଦନଙ୍କ ରଚିତ ପୁସ୍ତକ "ଏ ମାଟିର ଡାକ"ର ଇଂରାଜୀ ଅନୁବାଦ "ଦି କଲ୍ ଅଫ୍ ଦି ମଦରଲାଣ୍ଡ" ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟିଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି । ଚଳିତ ମଇ ୮ ତାରିଖରେ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ପ୍ରେକ୍ଷାଳୟଠାରେ ଆୟୋଜିତ ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟପାଳ ଏହି ଅନୁବାଦିତ ପୁସ୍ତକକୁ ଲୋକାର୍ପିତ କରିବା ସହିତ ବିଶ୍ୱଭୂଷଣଙ୍କ କୃତି ଓ କୀର୍ତ୍ତୀ ଆଗାମୀ ପୀଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି କହିଥିଲେ।

# ପଡିଯିବାରୁ ଅଁଟା ଓ ପିଠିରେ ଯନ୍ତ୍ରଣା ହେଉଛି କି... କରନ୍ତୁ ଏହି ଆସନ, ହେଇଯିବ ଭଲ

ଦେଖାଯାଏ ସାଧାରଣତଃ, ଯେଉଁମାନେ ତଳେ ପଡିଯାଆନ୍ତି ସେମାନଙ୍କ ପିଠି ଏବଂ ଅଣ୍ଟାରେ ଗଭୀର ଆଘାତ ଲାଗେ। ତେବେ ଆଘାତ କିମ୍ବା ଅନ୍ୟାନ୍ୟ କାରଣରୁ ଯଦି ପିଠି ଏବଂ ଅଣ୍ଟା ଯନ୍ତ୍ରଣା ହେଉଥାଏ ତେବେ ଏହା ହ୍ରାସ କରିବାରେ କିଛି ଯୋଗାସନ ଖୁବ ପ୍ରଭାବଶାଳୀ ହୋଇଥାଏ। ଅନେକ ସମୟରେ ବ୍ୟସ୍ତବିବ୍ରତ, ଭୟ କିମ୍ବା ଝୁଣ୍ଟିଯିବା ଇତ୍ୟାଦି କାରଣରୁ କେହିବି ପଡିଯିବା ଦେଖାଯାଏ। ସାଧାରଣତଃ, ଯେଉଁମାନେ ତଳେ ପଡିଯାଆନ୍ତି ସେମାନଙ୍କ ପିଠି ଏବଂ ଅଣ୍ଟାରେ ଗଭୀର ଆଘାତ ଲାଗେ। ଅନେକ ସମୟରେ ଯଦିଓ ଆଘାତ ଗୁରୁତର ହୁଏ ନାହିଁ, କିନ୍ତୁ ଏହା ଅନେକ ଯନ୍ତ୍ରଣା ସୃଷ୍ଟି କରିଥାଏ, ଯେପରିକି ପିଠି, ଅଣ୍ଟା କିମ୍ବା ପିଚାରେ ନାଲି ଏବଂ ନୀଳ ଚିହ୍ନ ହୋଇଯାଏ।

ଏହାର କାରଣ ହେଉଛି ଆଘାତ ହେତୁ ରକ୍ତବାହୀକା ନଷ୍ଟ ହୋଇଯାଏ। ଛୋଟ ଛୋଟ ରକ୍ତବାହୀଲା ଫାଟି ଯାଇପାରେ, ଯାହାଦ୍ୱାରା ରକ୍ତ ବାହାରି ଚର୍ମ ତଳେ ଜମିଯାଏ। ଆରମ୍ଭରେ ଏହା ଲାଲ ଦେଖାଯାଏ କିନ୍ତୁ ଅମ୍ଳଜାନର ଅଭାବ ହେତୁ ଚର୍ମ ତଳେ ଜମା ହୋଇଥିବା ରକ୍ତ ରଙ୍ଗ ନୀଳ କିମ୍ବା ବାଇଗଣୀ ରଙ୍ଗରେ ବଦଳିଯାଏ।

ଆଘାତ ପରେ ଫୁଲା ଏବଂ ପ୍ରଦାହ ମଧ୍ୟ ହୁଏ, ଯାହା ପ୍ରଭାବିତ ଅଞ୍ଚଳରେ ଖୁବ ଯନ୍ତ୍ରଣା ହୁଏ। ଏପରି ପରିସ୍ଥିତିରେ ଉଠିବା ଏବଂ ବସିବାରେ ସମସ୍ୟା ହୋଇପାରେ। ତେବେ ଆଘାତ କିମ୍ବା ଅନ୍ୟାନ୍ୟ କାରଣରୁ ଯଦି ପିଠି ଏବଂ ଅଣ୍ଟା ଯନ୍ତ୍ରଣା ହେଉଥାଏ ତେବେ ଏହା ହ୍ରାସ କରିବାରେ କିଛି ଯୋଗାସନ ଖୁବ ପ୍ରଭାବଶାଳୀ ହୋଇଥାଏ। ତଥାପି, ଏଭଳି ପରିସ୍ଥିତିରେ ଯୋଗ କରିବା ପୂର୍ବରୁ ନିଶ୍ଚିତ ଭାବରେ ଡାକ୍ତରୀ ପରାମର୍ଶ ନେବା ଜରୁରୀ।

*ବାଳାସନ:*

ଏଭଳି କ୍ଷେତ୍ରରେ ନିୟମିତ ଭାବରେ ବାଳାସନ ଅଭ୍ୟାସ କରନ୍ତୁ। ଏହି ଆସନର ପ୍ରଭାବ ମେରୁହାଡ ଉପରେ ପଡେ। କରିବାକୁ ହେଲେ ମ୍ୟାଟ୍ ଉପରେ ଆଣ୍ଠୁରେ ବସନ୍ତୁ। ବର୍ତ୍ତମାନ ଉଭୟ ଆଣ୍ଠୁ ଏବଂ ଗୋଇଠି ଏକାଠି ସ୍ପର୍ଶ କରନ୍ତୁ। ଏକ ଗଭୀର ଶ୍ୱାସ ନେଇ, ହାତକୁ ଉପରକୁ ନେଇ ପରେ ଶ୍ୱାସ ଛାଡି ଆଗକୁ ନଇଁଯାଆନ୍ତୁ। ଜଙ୍ଘରେ ପେଟକୁ ଲଗାନ୍ତୁ। ଆଗକୁ ଚାହିଁ ଏହି ଅବସ୍ଥାରେ କିଛି ସମୟ ରୁହନ୍ତୁ। ପରେ, ଆଣ୍ଠୁକୁ ସିଧା କରି ସାଧାରଣ ସ୍ଥିତିକୁ ଫେରନ୍ତୁ। ଏହାକୁ ୩-୫ ଥର କରନ୍ତୁ।



*ତାଡାସନ:*

ତାଡାସନ କରିବା ଦ୍ୱାରା ସମଗ୍ର ଶରୀର ପ୍ରସାରିତ ହୁଏ। ଏହି ଆସନ କରିବାକୁ ହେଲେ ପ୍ରଥମେ ଯୋଗ ମ୍ୟାଟ୍ ଉପରେ ସିଧା ଠିଆ ହୁଅନ୍ତୁ ଏବଂ ଗୋଡ ମଧ୍ୟରେ କିଛି ଦୂରତା ରଖନ୍ତୁ। ଏକ ଗଭୀର ଶ୍ୱାସ ନେବା ସହିତ, ଉଭୟ ହାତକୁ ଛନ୍ଦି ଉପରକୁ ଉଠାନ୍ତୁ। ଏହି ସମୟରେ ଗୋଇଠି ଉଠାଇ ଆଙ୍ଗୁଠି ଉପରେ ଠିଆ ହୁଅନ୍ତୁ ଏବଂ ଶରୀରକୁ ଉପରରୁ ଷ୍ଟ୍ରେଚ୍ କରନ୍ତୁ।



*ଭୁଜଙ୍ଗାସନ:*

ଭୁଜଙ୍ଗାସନ ଅଭ୍ୟାସ ବେକ ଏବଂ ମେରୁଦଣ୍ଡର ଉପର ହାଡ ଉପରେ ଚାପ ପକାଇଥାଏ। ପିଠି ଏବଂ ଅଣ୍ଟାର ଯନ୍ତ୍ରଣା ସହ ଫ୍ରୋଜେନ୍ ସୋଲ୍ଡର୍ ଏବଂ ଛାତି ମାଂସପେଶୀକୁ ସୁସ୍ଥ ରଖିବା ପାଇଁ ଏହି ଆସନ ଅତ୍ୟନ୍ତ ଲାଭଦାୟକ। ଏହି ଆସନରେ ଶରୀରର ଆକୃତିକୁ ସାପ ସଦୃଶ କରାଯାଏ। ଏହି ଯୋଗାସନ କରିବା ପାଇଁ, ପେଟ ଉପରେ ଶୋଇ ପାପୁଲିକୁ କାନ୍ଧ ତଳେ ରଖନ୍ତୁ। ତା'ପରେ ଶରୀରର ଆଗ ଭାଗକୁ ଉପରକୁ ଉଠାନ୍ତୁ ଏବଂ ଏହି ଅବସ୍ଥାରେ ୧୦-୨୦ ସେକେଣ୍ଡ ପର୍ଯ୍ୟନ୍ତ ରୁହନ୍ତୁ। ପରେ ସାଧାରଣ ଅବସ୍ଥାକୁ ଆସନ୍ତୁ।



*ସେତୁବନ୍ଧାସନ:*

ଏହି ଆସନ ମେରୁଦଣ୍ଡଜନିତ ସମସ୍ୟାକୁ ଦୂର କରିବାରେ ଖୁବ ଭଲ କାମ କରିଥାଏ। ଏହାକୁ କରିବା ପାଇଁ, ତୁମର ପିଠି ଉପରେ ମ୍ୟାଟ୍ ଉପରେ ଶୋଇଯାଆନ୍ତୁ। ଏହାପାରେ ଆଣ୍ଠୁକୁ ବଙ୍କା କରି ପାଦକୁ ତଳେ ରଖନ୍ତୁ। ଦୁଇ ହାତରେ ବଳାଗଣ୍ଠିକୁ ଧରି ରଖନ୍ତୁ। ଶ୍ୱାସ ନେଇ ଧୀରେ ଧୀରେ ଅଣ୍ଟା ପାଖରୁ ଉପରକୁ ଉଠାନ୍ତୁ। ଏହି ଅବସ୍ଥାରେ ୧-୨ ମିନିଟ୍ ରୁହନ୍ତୁ। ଏହାପରେ ଶ୍ୱାସ ଛାଡ଼ି ଆରମ୍ଭ ସ୍ଥିତିକୁ ଆସନ୍ତୁ।



# ମଧୁମେହ ଏବଂ କୋଲେଷ୍ଟ୍ରଲ ପାଇଁ ରାମବାଣ ମହୁ, ଏପରି କରନ୍ତୁ ବ୍ୟବହାର

ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଫଳପ୍ରଦ ହୋଇଥାଏ ମହୁ । ଅନେକ ରୋଗ ପାଇଁ ମହୁ ବ୍ୟବହାର କରାଯାଇଥାଏ । ଏଥିରେ ପ୍ରୋଟିନ୍, ଆଣ୍ଟି-ବ୍ୟାକ୍ଟେରିଆଲ୍, ଆଣ୍ଟି-କର୍କନୋଜେନିକ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ଗୁଣ ରହିଥାଏ । ମହୁରେ ଥିବା ପୋଷକ ତତ୍ତ୍ୱ ମଧୁମେହ ଏବଂ କୋଲେଷ୍ଟ୍ରଲକୁ ମଧ୍ୟ ରକ୍ଷା କରିଥାଏ ।ତେବେ ମହୁକୁ କିପରି ଖାଇବା ଉଚିତ୍ ଆସନ୍ତୁ ଜାଣିବା । ମହୁ ବ୍ୟବହାର କରି ମଧୁମେହକୁ ନିୟନ୍ତ୍ରଣରେ ରଖାଯାଇ ପାରିବ ଏହା ଶୁଣିଲେ ଆପଣମାନେ ନିଶ୍ଚିତ ଆଶ୍ଚର୍ଯ୍ୟ ହେଉଥିବେ । ମହୁ କିପରି ମଧୁମେହ ରୋଗରେ ଲାଭଦାୟକ ହୋଇପାରେ ସେ ବିଷୟରେ ସମସ୍ତେ ଚିନ୍ତାରେ ପଡ଼ନ୍ତି । ବାସ୍ତବରେ, ମହୁରେ ଥିବା ପୋଷକ ତତ୍ତ୍ୱ ଗ୍ଲୁକୋଜକୁ ନିୟନ୍ତ୍ରଣ କରିବା ପାଇଁ କାମ କରିଥାଏ । ଏହା ମିଠାର ଲୋଭକୁ ମଧ୍ୟ ଶାନ୍ତ କରିଥାଏ, ଏହି ଉପାୟରେ ମଧୁମେହ ରୋଗ ନିୟନ୍ତ୍ରଣରେ ରହିଥାଏ ।

ମହୁ କାର୍ଡିଓମେଟାବୋଲିକ୍ ସ୍ୱାସ୍ଥ୍ୟରେ ଲାଭଦାୟକ ହୋଇଥାଏ। ଅନୁସନ୍ଧାନ ଅନୁଯାୟୀ, ମହୁ ଉପବାସରେ ରକ୍ତ ଶର୍କରାକୁ ନିୟନ୍ତ୍ରଣ କରିଥାଏ ଏବଂ ଭଲ କୋଲେଷ୍ଟ୍ରଲ ବଢାଇବାରେ ସାହାଯ୍ୟ କରିଥାଏ ।

କୋଲେଷ୍ଟ୍ରଲ ନିୟନ୍ତ୍ରଣ କରନ୍ତୁ:

ମହୁ କୋଲେଷ୍ଟ୍ରଲ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ । ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଥାଏ ଯାହା କୋଲେଷ୍ଟ୍ରଲ ହ୍ରାସ କରିଥାଏ । ଯଦି ଆପଣ କୋଲେଷ୍ଟ୍ରଲ ବଢିବାକୁ ଭୟ କରୁଛନ୍ତି, ତେବେ ଏକ ଚାମଚ ମହୁ ସହିତ କଞ୍ଚା ରସୁଣ ଖାଇବା ଅତ୍ୟନ୍ତ ଲାଭଦାୟକ ହେବ । ଏହା କୋଲେଷ୍ଟ୍ରଲକୁ




ନିୟନ୍ତ୍ରଣ କରିବା ପାଇଁ ଏହା କାମ କରିଥାଏ ଏବଂ ହୃଦୟ ପାଇଁ ମଧ୍ୟ ଲାଭଦାୟକ ହୋଇଥାଏ ।

କିପରି ଖାଇବେ ମହୁ ?:

ପ୍ରତିଦିନ ଗୋଟିଏ ଚାମଚ (୩୫-୪୦) ଗ୍ରାମ ମହୁ ଖାଇବା ଲାଭଦାୟକ ହୋଇଥାଏ । ଯଦି ଆପଣ ଚା'ରେ ଚିନି ବଦଳରେ ମହୁ ବ୍ୟବହାର କରନ୍ତି, ତେବେ ଏହା ବହୁତ ଲାଭଦାୟକ ହେବ । ଆପଣ ଏହାକୁ ଏକ ସୁସ୍ଥ କାଢାରେ ମିଶାଇ ମଧ୍ୟ ଖାଇପାରିବେ ।

ମଧୁମେହ ଏବଂ କୋଲେଷ୍ଟ୍ରଲ ବ୍ୟତୀତ ମହୁ ଅନ୍ୟାନ୍ୟ ରୋଗକୁ ଉପଶମ କରିବାରେ ଲାଭଦାୟକ ହୋଇଥାଏ । ମହୁ ହଜମ, ଥଣ୍ଡା, ଗଳା ସମସ୍ୟା ଏବଂ ମେଦବହୁଳତା ଭଳି ସମସ୍ୟା ଦୂର କରିବା ପାଇଁ କାମ କରେ । ମହୁ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢିଥାଏ । ଏହା କେଶ ଏବଂ ଚର୍ମ ପାଇଁ ମଧ୍ୟ ଲାଭଦାୟକ ହୋଇଥାଏ ।



# ମଧୁମେହ ରୋଗୀଙ୍କ ପାଇଁ ଖୁସି ଖବର, ଉପଶମ ଦେବ ଔଷଧୀୟ ଚା'

ମଧୁମେହ ରୋଗୀଙ୍କ ପାଇଁ ଖୁସି ଖବର। ଏଣିକି ରୋଗରୁ ଉପଶମ ଦେବ ଏକ ସ୍ୱତନ୍ତ୍ର ଚା' । ଯାହାକୁ ପିଇଲେ ଆପଣ ଚା'ର ମଜା ଉଠାଇବା ସହ ଏହାର ଔଷଧୀୟ ଗୁଣ ଆପଣଙ୍କ ଶରୀର ପାଇଁ ସାଜିବ ରାମବାଣ। କେବଳ ମଧୁମେହ ରୋଗ ପାଇଁ ନୁହେଁ ହୃଦରୋଗ ସମେତ କିଡନୀ, ହୃଦରୋଗ ଓ ଗଣ୍ଠିବାତ ସମସ୍ୟା ପାଇଁ ବି ଏହା ହେବ ଲାଭଦାୟକ । ଗନ୍ଧମାର୍ଦ୍ଦନ ପର୍ବତରୁ ସଂଗୃହୀତ ଚେରମୂଳିର ମିଶ୍ରଣରେ ପ୍ରସ୍ତୁତ ହୋଇଛି ଏଭଳି ଔଷଧୀୟ ଚା' । ଏଭଳି ଔଷଧୀୟ ଚା' ପ୍ରସ୍ତୁତ କରିଛି ସମ୍ବଲପୁର ବିଶ୍ୱବିଦ୍ୟାଳୟ । ବିଶ୍ୱବିଦ୍ୟାଳୟର ଜୈବ ପ୍ରଯୁକ୍ତି ଓ ଜୈବ ସୂଚନା ବିଜ୍ଞାନ ପକ୍ଷରୁ ପ୍ରାୟ ୩୦ ପ୍ରକାର ଔଷଧୀୟ ଚା' ଉତ୍ପାଦନ କରାଯାଇଛି । ମୂଷାଙ୍କ ଉପରେ ସଫଳ ପ୍ରୟୋଗ ପରେ ଏହାର ବଜାର ପ୍ରବେଶ କରିବାକୁ ଯୋଜନା ରଖିଛନ୍ତି କର୍ତ୍ତୃପକ୍ଷ । ଏନେଇ ଷ୍ଟାର୍ଟ ଅପ୍ ସଂସ୍ଥା ଅର୍କିଡ୍ ହର୍ବାଲ ପ୍ରାଇଭେଟ୍ ଲିମିଟେଡ୍ ଚୁକ୍ତି ହୋଇଛି । ଏମଧ୍ୟରେ **FSSI, GMO, ISO**ର ଅନୁମୋଦନ ମିଳିସାରିଛି । ଖୁବଶୀଘ୍ର ଏହି ନୂତନ ଚା' ବଜାରରେ ଉପଲବ୍ଧ ହେବ ବୋଲି କର୍ତ୍ତୃପକ୍ଷ କହିଛନ୍ତି । ଜୈବ ପ୍ରଯୁକ୍ତି ଓ ଜୈବ ସୁଚନା ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ପ୍ରଦୀପ କୁମାର ନାୟକ କହିଛନ୍ତି, ଗ୍ରୀନ୍ ଟି ସହ ଗନ୍ଧମାର୍ଦ୍ଦନର ଜଟିବୁଟିକୁ ମିଶ୍ରଣ କରି ଆମେ ଏହି ଚା' ପ୍ରସ୍ତୁତ କରୁଛୁ। ଆମେ ୩୦ ପ୍ରକାର ଔଷଧୀୟ ଚା' ତିଆରି କରୁଛୁ। ଏହା ମଧୁମେହ ସମେତ, କୋଲେଷ୍ଟ୍ରଲ, ଆଣ୍ଠୁଗଣ୍ଠି ବାତ, ଲିଭର ଓ କିଡ଼ନୀ ପାଇଁ ବି ଭଲ ଫଳପ୍ରଦ ହୋଇ ପାରିବ । ହର୍ବାଲ ଚା'ରେ



ମିଶୁଥିବା ଔଷଧୀୟ ଉପାଦାନ। ଚା' ଉତ୍ପାଦନ ପାଇଁ ବିଶ୍ୱବିଦ୍ୟାଳୟର ଫୁଡ୍ ସାଇନ୍ସ ବିଭାଗରେ ଆବଶକୀୟ ଯନ୍ତ୍ରପାତି ଓ ପ୍ୟାକିଂ ମେସିନ୍ ଲଗାଯାଇଛି । ଆଗାମୀ ଦିନରେ ୨୭ ପ୍ରକାର ଚା' ଉତ୍ପାଦନ ହେବାକୁ ଥିବା ବେଳେ ୮ ରୋଗ ପାଇଁ ଏହା ଉପଶମ ଦେବ । ଦାର୍ଜିଲିଂ ଓ ଆସାମରୁ ଏନେଇ ଉତ୍ତମ ଗୁଣବତ୍ତା ବିଶିଷ୍ଟ ଚା' ଅଣାଯାଉଛି । ପରେ ବରଗଡ଼ ପାଇକମାଳସ୍ଥିତ ଗନ୍ଧମାର୍ଦ୍ଦନ ପର୍ବତରୁ ସଂଗୃହୀତ ଚେରମୂଳି ମିଶ୍ରଣ କରାଯାଇ ପ୍ରସ୍ତୁତ ହେଉଛି ଏହି ସ୍ୱତନ୍ତ୍ର ଗର୍ବାଲ ଚା' । ହର୍ବାଲ-ଟି ପାଇଁ ସୁଗନ୍ଧିତ ବାସ୍ନା , ଗୁଡମାରୀ , ଅଶ୍ୱଗନ୍ଧା , ପିପଳୀ , କଟୁକୀ, ପୁନଃନର୍ଭା ଆଦି ଜଡ଼ିବୁଟୀ ଗନ୍ଧମାର୍ଦ୍ଦନରୁ ସଂଗୃହୀତ ହେଉଥିବା ବେଳେ. ଉତ୍ତରାଖଣ୍ଡରୁ ସ୍ୱତନ୍ତ୍ର ଗୋଲାପ ଆମଦାନୀ କରାଯାଉଛି ।

# କେବଳ ଡାଳିମ୍ବ ନୁହେଁ, ଚୋପାରେବି ରହିଛି ଉପକାରୀ ଗୁଣ





**ଡାଳିମ୍ବକୁ ବିଭିନ୍ନ ଉପକାରୀ ଫଳ ମଧ୍ୟରୁ ଅନ୍ୟତମ ଭାବେ ବିବେଚନା କରାଯାଏ। ଏଥିରେ ଜିଙ୍କ, ପୋଟାସିୟମ୍, ଆଇରନ୍ ଏବଂ ଓମେଗା-୬ ଫ୍ୟାଟି ଏସିଡ୍ ଥାଏ। ଡାଳିମ୍ବ ଖାଇବା ଦ୍ୱାରା ଶରୀରକୁ ଶକ୍ତି ମିଳିବା ସହ ରକ୍ତହୀନତା ସମସ୍ୟା ଦୂର ହୋଇଥାଏ ଏବଂ ରୋଗପ୍ରତିରୋଧକ ଶକ୍ତି ମଧ୍ୟ ବଢିଥାଏ। ହେଲେ ଡାଳିମ୍ବ ଚୋପା ବି ସ୍ୱାସ୍ଥ୍ୟ ପାଇଁ ଉପକାରୀ ବୋଲି ଜାଣନ୍ତି କି ? ଆଜ୍ଞା ହଁ, କେବଳ ଡାଳିମ୍ବ ନୁହେଁ, ଏହାର ଚୋପାରେ ମଧ୍ୟ ଅନେକ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି। ଅନେକ ଲୋକ ଡାଳିମ୍ବ ଖାଇ ଏହାର ଚୋପାକୁ ଫିଙ୍ଗି ଦିଅନ୍ତି। ଯଦି ଆପଣ ଏହାର ଚୋପାକୁ ସଠିକ୍ ଭାବେ ବ୍ୟବହାର କରିପାରିବେ ତେବେ ହୃଦୟ ସ୍ୱାସ୍ଥ୍ୟଠୁ ନେଇ ମେଦବହୁଳତା ପର୍ଯ୍ୟନ୍ତ ବଡ଼ ବଡ଼ ସମସ୍ୟାକୁ ଦୂର କରିପାରିବେ! କିପରି, ଜାଣନ୍ତୁ...**

ଡାଳିମ୍ବ ଚୋପାର ଉପକାରିତା:

ହୃଦୟକୁ ସୁସ୍ଥ ରଖେ- ଡାଳିମ୍ବ ଚୋପା ଆଣ୍ଟିଅକ୍ସିଡାଣ୍ଟରେ ଭରପୂର। ଏହା ହୃଦୟ ସ୍ୱାସ୍ଥ୍ୟକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ଡାଳିମ୍ବ ଚୋପାର ଚା' ପିଇବା ଦ୍ୱାରା କୋଲେଷ୍ଟ୍ରଲ ହ୍ରାସ ହୋଇପାରେ। କୋଲେଷ୍ଟ୍ରଲ ନିୟନ୍ତ୍ରଣରେ ରହିଲେ, ହୃଦୟ ସ୍ୱାସ୍ଥ୍ୟ ଆପଣାଛାଏଁ ବଜାୟ ରହିଥାଏ।

ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି- ଡାଳିମ୍ବରୁ ଭିଟାମିନ୍ ଏବଂ ଅନ୍ୟାନ୍ୟ ଜରୁରୀ ପୋଷକ ତତ୍ତ୍ୱ ମିଳିଥାଏ, ଯାହା ରୋଗ ପ୍ରତିରୋଧକ ଶକ୍ତିକୁ ବଢାଇଥାଏ। ତେଣୁ ଡାଳିମ୍ବ ଚା' ପିଇବା ଦ୍ୱାରା ମଧ୍ୟ ରୋଗ ପ୍ରତିରୋଧକ ଶକ୍ତି ବଢି ପାରିବ। ଫଳରେ ମୌସୁମୀରେ ହେଉଥିବା ସାଧାରଣ ଥଣ୍ଡା-ଜ୍ୱର ଏବଂ ସଂକ୍ରମଣ ସମସ୍ୟା ହେବ ନାହିଁ। ଓଜନ ହ୍ରାସ- ଡାଳିମ୍ବ ଚୋପା ଚା' ଓଜନ ହ୍ରାସ କରିବାରେ ବେଶ୍ ଲାଭଦାୟକ ହୋଇପାରିବ। ମେଦବହୁଳତା ଥିଲେ ଦିନକୁ ଥରେ ଡାଳିମ୍ବ ଚୋପା ଚା' ପିଇବା ଆବଶ୍ୟକ। ଏହି ଚା' ପିଇବା ଦ୍ୱାରା ଶରୀରରେ ଜମା



ହୋଇଥିବା ଅତିରିକ୍ତ ଚର୍ବି କମିଯାଏ। ଫଳରେ ମେଦବହୁଳତା ସମସ୍ୟା ଦୂର ହୋଇପାରିବ। ଡାଳିମ୍ବ ଚୋପା ଚା' କିପରି ପ୍ରସ୍ତୁତ କରିବେ ? ଚା' ତିଆରି କରିବା ପାଇଁ ଡାଳିମ୍ବ ଚୋପାକୁ ପରିସ୍କାର ପାଣିରେ ଧୋଇ ଦିଅନ୍ତୁ। ଏହାପରେ ଚୋପାକୁ ଛୋଟ ଛୋଟ ଖଣ୍ଡ କରି କାଟିଦିଅନ୍ତୁ। ଏହି ଚୋପାକୁ ସୂର୍ଯ୍ୟକିରଣରେ ଶୁଖାନ୍ତୁ। ଚୋପା ଶୁଖିଗଲା ପରେ ସେଗୁଡିକୁ ଗ୍ରାଇଣ୍ଡିଂ କରି ପାଉଡର ତିଆରି କରନ୍ତୁ। ଏହି ପାଉଡରକୁ ଏକ ବାକ୍ସରେ ରଖନ୍ତୁ। ଚା' କରିବା ସମୟରେ ପାଣିରେ ଏହି ପାଉଡର ମିଶାନ୍ତୁ। ଏଥିରେ ମହୁ ଏବଂ ଲେମ୍ବୁ ରସ ମଧ୍ୟ ମିଶାଇ ପାରିବେ। ଚା' ଫୁଟିଗଲା ପରେ ଏହି ପାଣିକୁ ପିଅନ୍ତୁ।

ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୧୦ ମଇ ୨୦୨୫, ଶନିବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ସିନ୍ଦୂର ପାଇଁ 'ସିନ୍ଦୂର'...

ଭାରତ ଏବେ ପାକିସ୍ତାନରେ ପରିପୋଷିତ ଆତଙ୍କବାଦୀମାନଙ୍କ ବିରୁଦ୍ଧରେ ଯୁଦ୍ଧରେ ବ୍ୟାପୃତ । ବୁଧବାରର ବ୍ରାହ୍ମ ମୁହୂର୍ତ୍ତରେ ଏହା ପାକ-ସମର୍ଥିତ ଆତଙ୍କବାଦୀମାନଙ୍କ ଉପରେ ଅପରେସନ୍ ସିନ୍ଦୂର ନାମରେ ସଫଳ ଆକ୍ରମଣ କରି ସାରିଛି, ଯାହା ଉଦ୍ଦିଷ୍ଟ ଥିଲା ଆତଙ୍କୀମାନଙ୍କୁ ଶିକ୍ଷା ଦେବା ନିମନ୍ତେ ଯେଉଁମାନେ ଏପ୍ରିଲ ୨୨ ତାରିଖରେ କାଶ୍ମୀରର ପହଲଗାମ୍‌ରେ ୨୬ ଜଣ ନିରୀହ ପର୍ଯ୍ୟଟକଙ୍କୁ ହତ୍ୟା କରିଥିଲେ। ଏହି ଲୋକମାନଙ୍କ ମଧ୍ୟରୁ ୨୫ ଜଣ ଥିଲେ ପର୍ଯ୍ୟଟକ ଏବଂ ୨୪ ଜଣ ଥିଲେ ହିନ୍ଦୁ । ଏହାର ପ୍ରତିଶୋଧ ନେବାକୁ ଯାଇ ଭାରତ ଉପରୋକ୍ତ ଆକ୍ରମଣ କରିଛି ପାକ୍- ଅଧିକୃତ କାଶ୍ମୀର (ପିଓକେ)ରେ ଅବସ୍ଥିତ ଆତଙ୍କବାଦୀମାନଙ୍କ ନଅ ଗୋଟି ଆଡ୍‌ଡା ଉପରେ ଯାହା ମଧ୍ୟରେ ଅନ୍ତର୍ଭୁକ୍ତ ଲସ୍କର-ଇ-ତାଇବା ଏବଂ ଜୈଶ୍-ଇ-ମହମ୍ମଦ ଭଳି ଆତଙ୍କୀ ସଂଗଠନମାନଙ୍କ ଆଡ୍‌ଡା ତଥା ପାକିସ୍ତାନୀ ହୃଦୟ ପଞ୍ଜାବର ବାହାବଳପୁରଠାରେ କୁଖ୍ୟାତ ଆତଙ୍କବାଦୀ ମାସୁଦ ଆଝାର ନେତୃତ୍ୱାଧୀନ ଜେଇଏମ୍‌ର ମୁଖ୍ୟାଳୟ ଉପରେ। ଭାବାବେଗରେ ଏହି ଅପରେସନ୍ ନାମ ସିନ୍ଦୂର ରଖା ଯାଇଥିବା ବେଳେ ଏହା ଭାରତ ଦ୍ୱାରା ସମ୍ପାଦିତ ପୂର୍ବର ଅନ୍ୟ ସମସ୍ତ ପ୍ରତିଶୋଧାତ୍ମକ ଆକ୍ରମଣଗୁଡ଼ିକଠାରୁ ଭିନ୍ନ ଥିଲା । ଏହି ଆକ୍ରମଣରେ ଭାରତ ପାକିସ୍ତାନର ମୌଳିକ ସାମରିକ ସ୍ୱାର୍ଥ ବା ଏହାର ବେସାମରିକ ବାସସ୍ଥାନଗୁଡ଼ିକୁ ଲକ୍ଷ୍ୟଭୁକ୍ତ କରି ନଥିଲା । ଇସଲାମାବାଦ, ଯାହା ପହଲଗାମ୍ ଆତଙ୍କୀ ଆକ୍ରମଣର ପ୍ରତିକ୍ରିୟା ଅସମ୍ବେଦନଶୀଳ ଭାବରେ ପ୍ରକାଶ କରିବାକୁ ଯାଇ ଏହାକୁ ସ୍ଥାନୀୟ ଲୋକଙ୍କ କାମ ଭାବରେ ଅଭିହିତ କରିଥିଲା ଏବଂ ପରବର୍ତ୍ତୀ ସମୟରେ ଉକ୍ତ ଘଟଣାର ଏକ 'ନିରପେକ୍ଷ ଏବଂ ସ୍ୱଚ୍ଛ' ତୃତୀୟ ପକ୍ଷ ତଦନ୍ତରେ ସହଯୋଗ କରିବାର ପ୍ରସ୍ତାବ ନିଜ ତରଫରୁ ଦେଇଥିଲା, ତାହା ବର୍ତ୍ତମାନ ଏହି ଆକ୍ରମଣର ପରିସରକୁ ବୃଦ୍ଧି କରିବାକୁ ଧମକ ଦେଇଛି । ଆଉ ଯଦି ତାହା କରେ, ତା'ହେଲେ ଏହାର ଔଦ୍ଧତ୍ୟ ସମସ୍ତ ସୀମା ଟପିବ । ଏଭଳି ପରିସ୍ଥିତିରେ ଭାରତ ପାଇଁ ଯେ କୌଣସି ପ୍ରକାରର ପରିଣତି ନିମନ୍ତେ ପ୍ରସ୍ତୁତ ହୋଇ ରହିବା ଶ୍ରେୟସ୍କର । ତେବେ ଅପରେସନ୍ ସିନ୍ଦୂର ଏହାର ୧୦ ଗୁଣରୁ ଅଧିକ ପାକ୍ ଆତଙ୍କୀଙ୍କୁ ନିପାତ କରିବାରେ ସଫଳ ହୋଇଛି। ଏହି ଆକ୍ରମଣ କରି ଭାରତ ଦର୍ଶାଇ ଦେଇଛି ଯେ ଯୁଦ୍ଧ ହେଲେ ଅଣୁ ଅସ୍ତ୍ର ପ୍ରୟୋଗ କରିବାକୁ ପାକିସ୍ତାନ ଦେଉଥିବା ଧମକୁ ଭାରତ ଖାତିର କରେନାହିଁ ବା ଭାରତକୁ ଏହା ତା'ର କାର୍ଯ୍ୟାନୁଷ୍ଠାନ କରିବାରୁ ନିବୃତ କରାଇ ପାରିବ ନାହିଁ । ଦ୍ୱିତୀୟରେ ଦିଲ୍ଲୀ ଦର୍ଶାଇ ପାରିଛି ଯେ ପାକିସ୍ତାନର ତଥାକଥିତ କୌଶଳପୂର୍ଣ୍ଣ ସମ୍ପତ୍ତିଗୁଡ଼ିକ ଯାହାକୁ ସୀମାରେ ଅଶାନ୍ତି ସୃଷ୍ଟି କରିବା ନିମନ୍ତେ ଏହା ମୁତୟନ କରିଛି, ସେସବୁକୁ ଠାବ କରି ଲକ୍ଷ୍ୟଭୁକ୍ତ ଭାବରେ ଅକାମୀ କରିଦେବାର ସାମର୍ଥ୍ୟ ଭାରତର ରହିଛି। ୧୯୭୧ ଯୁଦ୍ଧରେ ପରାଜିତ ହେବା ପରେ ପାକିସ୍ତାନ ତା'ର ଅର୍ଥକୁ ଆତଙ୍କବାଦୀ ଗୋଷ୍ଠୀମାନଙ୍କରେ ନିବେଶ କରି ଚାଲିଲା ଏବଂ ଏହାକୁ ଭାରତର ଅର୍ଥନୀତିକୁ ଦୁର୍ବଳ କରିବା ନିମନ୍ତେ ଭାରତର ଆଞ୍ଚଳିକ ଓ ଧାର୍ମିକ ତ୍ରୁଟିରେଖାର ଉପଯୋଗ କରି କୌଶଳପୂର୍ଣ୍ଣ ସମ୍ବଳଗୁଡ଼ିକ ଭାବରେ ବ୍ୟବହାର କରି ଆସୁଛି । ଜାମ୍ମୁ ଏବଂ କାଶ୍ମୀର, ଯାହାକୁ ଇସଲାମାବାଦ ଦେଶ ବିଭାଜନର ଅସମାପ୍ତ କାର୍ଯ୍ୟ ବୋଲି ବିବେଚନା କରୁଛି, ତାହା ଏହି କୌଶଳ ପାଇଁ ୧୯୮୦ ଦଶକରେ ଏକ ଖେଳ ପଡ଼ିଆ ପାଲଟି ଗଲା। ୧୯୮୯ରେ ପାକିସ୍ତାନ ଏହି ଉପତ୍ୟକାରେ ଏକ ଅଶାନ୍ତି ସୃଷ୍ଟିକୁ ପ୍ରାୟୋଜିତ କରିଥିଲା, ଯାହା ସମଗ୍ର ଉପତ୍ୟକାରୁ କାଶ୍ମୀର ହିନ୍ଦୁମାନଙ୍କୁ ବିତାଡ଼ିତ କରିବାରେ ସମର୍ଥ ହୋଇଥିଲା। ଏମିତିକି ପହଲଗାମ୍ ଆକ୍ରମଣରେ ମଧ ଧାର୍ମିକ ତ୍ରୁଟିରେଖାକୁ ଶୋଷଣ କରାଯାଇଥିବା ସମ୍ପର୍କରେ ଏକ ସ୍ପଷ୍ଟ ଚିତ୍ର ରହିଥିବା ଦେଖା ଯାଇଛି । ଅତୀତରେ ଭାରତ ଏହାର ଜାତୀୟ ସ୍ୱାର୍ଥ ପାଇଁ ଲୋହିତ ରେଖାକୁ ଇସଲାମାବାଦ ସମ୍ମାନ ପ୍ରଦର୍ଶନ କରିବାକୁ ବାଧ କରିବା ନିମନ୍ତେ ବିନା ସାମରିକ କାର୍ଯ୍ୟାନୁଷ୍ଠାନରେ ବିଭିନ୍ନ ପ୍ରକାରର କୌଶଳ ଅବଲମ୍ବନ କରି ଆସିଛି । ପରନ୍ତୁ, ଏହା ତା'ର ଔଦ୍ଧତ୍ୟର ସମସ୍ତ ସୀମା ଟପି ଚାଲିବା ସଙ୍ଗେ ସଙ୍ଗେ ଭାରତରେ ଗୋଟିଏ ପରେ ଗୋଟିଏ ଭୟାନକ ଆତଙ୍କୀ ଆକ୍ରମଣକୁ ସଂଘଟିତ କରି ଚାଲିଛି। ପହଲଗାମ୍ ଆକ୍ରମଣର ସବୁଠୁ ବଡ଼ ଆଶ୍ଚର୍ଯ୍ୟଜନକ ଦିଗଟି ହେଉଛି ପାକିସ୍ତାନର ଏଥିରେ ହାତ ନାହିଁ ବୋଲି ଏହା ସଫେଇ ଦେବା, ଯେତେବେଳେ କି ଏହା ପ୍ରକାଶ କରିବାରେ ତା'ର ସ୍ୱର କ୍ଷୀଣ ଜଣା ପଡୁଥିବା ବେଳେ ସମଗ୍ର ପାଶ୍ଚାତ୍ୟ ଜଗତ ଏହା ଉପରେ ଭାରତର ସିଧାସଳଖ ଆରୋପକୁ ଗ୍ରହଣ କରି ନେଇଛନ୍ତି । ସମ୍ପ୍ରତି ପାକ୍ ଆତଙ୍କୀ ଆଡ୍‌ଡାଗୁଡ଼ିକ ଉପରେ ଆକ୍ରମଣ ପରେ ଇସଲାମବାଦ ପ୍ରତିକ୍ରିୟାଶୀଳ ହୋଇ ଉଠିଛି ଏବଂ ଏକଥା ସମଗ୍ର ବିଶ୍ୱ ଜାଣିଛି ଯେ ପାକିସ୍ତାନ ପଛରେ ଯେଉଁ ଅଳ୍ପ ସଂଖ୍ୟକ କେତୋଟି ଦେଶ ଠିଆ ହୁଅନ୍ତି, ସେମାନଙ୍କ ମଧ୍ୟରେ ଚୀନ୍ ହେଉଛି ସର୍ବପ୍ରଥମ। ତେଣୁ କାଶ୍ମୀରରେ ଆତଙ୍କବାଦକୁ ପ୍ରୋତ୍ସାହିତ କରିବାରୁ ଓହରି ଯିବା ସହିତ ଅପରେସନ୍ ସିନ୍ଦୂର ପରେ କୌଣସି ପ୍ରକାରର ଧୃଷ୍ଟତାମୂଳକ ପ୍ରତିକ୍ରିୟା ପ୍ରକାଶ ନ କରିବା ନିମନ୍ତେ ପାକିସ୍ତାନକୁ ଯଦି କୌଣସି ରାଷ୍ଟ୍ର ବର୍ତ୍ତମାନ ବୁଝାଇ ପାରିବ, ତାହା ହେଉଛି କେବଳ ଚୀନ୍‌ର ନେତୃତ୍ୱ। ସତ କହିବାକୁ ଗଲେ, ୧୯୪୭ରେ ଦେଶ ବିଭାଜନ ହେବା ପରଠାରୁ ଯୁଦ୍ଧରେ ଉଭୟ ପକ୍ଷ, ଅର୍ଥାତ୍ କେବଳ ପାକିସ୍ତାନ ନୁହେଁ, ଭାରତ ମଧ ଯଥେଷ୍ଟ କ୍ଷତିଗ୍ରସ୍ତ ହୋଇଛନ୍ତି। ତେଣୁ ଯୁଦ୍ଧ କାହାର ସ୍ୱାର୍ଥ ସାଧନ କରିବ ନାହିଁ କି ଆତଙ୍କ କାହାକୁ ଶାନ୍ତି ଆଣିଦେବାର ସମ୍ଭାବନା ନାହିଁ ।




# ପହଲଗାମ ପରିଣାମ



### ପ୍ରମୋଦ କୁମାର ମହାପାତ୍ର

ଗତ ଏପ୍ରିଲ ୨୨ ତାରିଖରେ ପହଲଗାମ୍ ରେ ଯାହା ଘଟିଗଲା ସମଗ୍ର ମାନବ ସମାଜ ପାଇଁ ଥିଲା ତାହା ଘୃଣିତ, ବର୍ବର ଏବଂ ଲଜ୍ୟାକର। ଚାରିଜଣ ଆତଙ୍କବାଦୀ ବୈଶରନ୍ ଉପତ୍ୟକାରେ ଖୁସିରେ ବିଭୋର ଦେଶ ବିଦେଶର ପର୍ଯ୍ୟଟକ ମାନଙ୍କୁ ଧର୍ମ ପଚାରି ଚିହ୍ନଟ କରି ୨୬ ଜଣଙ୍କୁ ତାଙ୍କ ସ୍ତ୍ରୀ,ପିଲା, ଛୁଆ ଙ୍କ ସମ୍ମୁଖରେ ଯେମିତି ପଏଣ୍ଟ ବ୍ଲାଙ୍କ ରେଞ୍ଜରୁ ଗୁଳି କରି ନିର୍ମମ ହତ୍ୟା କରାଗଲା ତାହା ଦେଖି ସାରା ବିଶ୍ୱ ସ୍ତବ୍ଧ ହୋଇଗଲା, ଏ ନୃଶଂସ କାଣ୍ଡର ସମସ୍ୱରରେ ନିନ୍ଦାକଲା। ଭାରତ ଯାହା କରିବ ତାକୁ ଦୃଢ଼ ସମର୍ଥନ କରି ପଛରେ ଛିଡ଼ା ହେବାର ନୈତିକ ଆଶ୍ୱାସନା ପ୍ରଦାନ କଲା।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଦେଶ ଗସ୍ତ ଆଧାରୁ ଫେରିଆସି ବଜ୍ର ଗମ୍ଭୀର କଣ୍ଠରେ ଘୋଷଣା କଲେ – 'ଦେଶର ଶତ୍ରୁମାନେ ଭାରତର ଆତ୍ମା ଉପରେ ଆଘାତ କରିବାର ଦୁଃସାହସ କରିଛନ୍ତି.. .. ସେହି ଆତଙ୍କବାଦୀ ଆଉ ଏହି ଜଘନ୍ୟ କାଣ୍ଡ ପଛରେ ଥିବା ଲୋକଙ୍କୁ ଏମିତି ଜବାବ୍ ଦିଆଯିବ ଯାହା ସେମାନେ କେବେ କଳ୍ପନା କରି ନଥିବେ'।

କେନ୍ଦ୍ରରେ ତତ୍ କ୍ଷଣାତ ପାଞ୍ଚୋଟି ନିଷ୍ପତ୍ତି ନିଆଗଲା –

୧୯୬୦ ର ସିନ୍ଧୁ ଜଳ ଚୁକ୍ତି ସ୍ଥଗିତ, ୱାଘା ବୋର୍ଡ଼ର ବନ୍ଦ, ସମସ୍ତ ପାକିସ୍ତାନୀଙ୍କ ସାର୍କ ଭିସା ରଦ୍ଦ, ଉଭୟ ପାକ୍ ଓ ଭାରତ ଉଚ୍ଚାୟୁକ୍ତରେ ଅଫିସର୍ ସଂଖ୍ୟା ୩୦କୁ ହ୍ରାସ, ଭାରତ ଆସିଥିବା ସମଗ୍ର ପାକିସ୍ତାନୀଙ୍କୁ ନିର୍ଦ୍ଦିଷ୍ଟ ଦିନ ଭିତରେ ଫେରି ଯିବା ପାଇଁ ନିର୍ଦ୍ଦେଶ।

ପ୍ରତିକ୍ରିୟାରେ ପାକିସ୍ତାନ ମଧ୍ୟ ୧୯୭୧ ସିମଳା ଚୁକ୍ତି ସ୍ଥଗିତ, ଅଟାରି ବୋର୍ଡ଼ର ସିଲ୍, ପାକ୍ ବାୟୁ ସୀମାରେ ଭାରତୀୟ ବିମାନ ନିଷିଦ୍ଧ ଆଦି ପଦକ୍ଷେପ ଘୋଷଣା କରିଛି। ସିନ୍ଧୁ ଜଳ ଚୁକ୍ତି ସ୍ଥଗିତକୁ 'ଆକଟ୍ ଅଫ ୱାର' ରୁପେ ଚିତ୍ରଣ କରିଛି।

ଏହି ଅମାନବୀୟ ଘଟଣା ପାଇଁ ରେସିଷ୍ଟାଣ୍ଟ ଫ୍ରଣ୍ଟ (ଟି ଆର୍ ଏଫ୍) ଯାହାକି ଲସ୍କର-ଇ-ତୋଏବା ର ଏକ ଛାୟା ସଙ୍ଗଠନ,ନିଜକୁ ଦାୟୀ କରିଥଲେ ମଧ୍ୟ ପର ମୁହୂର୍ତ୍ତରେ ଭାରତର ରୋଷକୁ ଡରି ପ୍ରତ୍ୟାଖ୍ୟାନ କରିଛି।ପ୍ରକାଶ ଥାଉ କି ଏହା ସିଧା ସଳଖ ପାକ୍ ଆର୍ମି ଚିଫ୍ ଆସିଫ୍ ମୁନିର୍ ଜିନ୍ନାଙ୍କ 'ଦୁଇ-ଦେଶ' ତତ୍ତ୍ୱ ଉପରେ ସେଇ ପୁରୁଣା ବିବାଦୀୟ ବକ୍ତବ୍ୟର ପୁନର୍କଥନ ପରେ ପରେ ସଂଗଠିତ ହୋଇ ଥିବାରୁ ଏହା ପାକ୍ ସେନାର ସୁନିୟୋଜିତ ଷଡ଼ଯନ୍ତ୍ର ହୋଇ ଥିବାର ଆଶଙ୍କା ଅମୂଳକ ନୁହେଁ । ଏହା ସଂଯୋଗ ମାତ୍ର ନୁହେଁ ବରଂ ପ୍ରୟୋଗ।

୫ ଅଗଷ୍ଟ ୨୦୧୯ରେ ଅନୁଛେଦ ୩୭୦ ଓ ୩୫ଏ କୁ ସମ୍ବିଧାନ ସଂଶୋଧନ କରି ଉଚ୍ଛେଦ କରାଗଲା ଓ ତା ସହିତ ଜାମ୍ମୁ ଓ କାଶ୍ମୀର ର ବିଶେଷ ଦର୍ଜା ଖତମ୍ କରି ରାଜ୍ୟ ପାହ୍ୟା ଭାଙ୍ଗିଦେଇ ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳରେ ପରିଣତ ହୋଇଗଲା। କେନ୍ଦ୍ର ସରକାରଙ୍କ ଦୃଢ଼ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଆଇନ ଶୃଙ୍ଖଳା ନିୟନ୍ତ୍ରଣକୁ ଆସିଥିଲା, ପଥର ଫିଙ୍ଗା ଗ୍ୟାଙ୍ଗ ବନ୍ଦ ହୋଇ ଅବସ୍ଥା ସୁଧୁରି ଆସୁଥିଲା, ରାଜ୍ୟ ପୁଣି ମୁଖ୍ୟ ସ୍ରୋତକୁ ଲେଉଟୁଥିଲା। ସୁପ୍ରିମକୋର୍ଟଙ୍କ ପରାମର୍ଶ କ୍ରମେ ୩୦-୯-୨୦୨୪ ସୁଦ୍ଧା ନିର୍ବାଚନ ହୋଇ ଭାରୀ ବହୁମତରେ ନେସନାଲ କନଫରେନ୍ସ ପାର୍ଟି ଜିଣି ଉମର ଅବଦୁଲ୍ଲା ମୁଖ୍ୟମନ୍ତ୍ରୀ ହେଲେ। ଅନେକ ଉନ୍ନତି ମୂଳକ ଯୋଜନା, ବିଦେଶୀ ପୁଞ୍ଜିନିବେଶ ଓ ରେକର୍ଡ ସଂଖ୍ୟକ ଟୁରିଷ୍ଟ,ପ୍ରାୟ ୨.୪ କୋଟି, ଗତ ବର୍ଷକ ଭିତରେ ଆସିବା ପ୍ରମାଣିତ କରୁଥିଲା ଯେ ସବୁକିଛି ସ୍ୱାଭାବିକ ହୋଇ ଆସୁଥିଲା।

କିନ୍ତୁ ଗତ ଏପ୍ରିଲ ୨୨ ଘଟଣା ସାରା ଦେଶକୁ ହତବାକ୍ କରିଦେଇଛି। ଜାତି ଧର୍ମ ନିର୍ବିଶେଷରେ ସବୁ ସମ୍ପ୍ରଦାୟ, ସମସ୍ତ ବିରୋଧୀ ଦଳ ଦୃଢ଼ ସ୍ୱରରେ ଏହି ବର୍ବର କାଣ୍ଡର ନିନ୍ଦା କରିଛନ୍ତି, ଆତଙ୍କବାଦୀ ମାନଂକ ବିରୁଦ୍ଧରେ ନିର୍ଣ୍ଣାୟକ ପଦକ୍ଷେପ ନେବାପାଇଁ ଏକଜୁଟ ହୋଇ ପ୍ରଧାନମନ୍ତ୍ରୀଙ୍କର ପଛରେ ଛିଡ଼ା ହୋଇଛନ୍ତି। ପ୍ରଥମ ଥର ପାଇଁ କାଶ୍ମୀର ଉପତ୍ୟକାରେ ମଧ୍ୟ ଏହାର ପ୍ରବଳ ବିରୋଧ ଦେଖିବାକୁ ମିଳୁଛି।

୨୦୧୬ ରେ ଉରି କାଣ୍ଡ ପରେ ପିଓକେ ଉପରେ ସର୍ଜିକଲ୍ ଷ୍ଟ୍ରାଇକ୍ ଓ ୨୦୧୯ ର ପୁଲବାମା କାଣ୍ଡ ପରେ ବାଲାକୋଟ୍ ଏୟାର ଷ୍ଟ୍ରାଇକ୍ ପାକ୍ ସରକାର ଓ ଆତଙ୍କବାଦୀଙ୍କ ମନୋବଳ ଭାଙ୍ଗି ଦେଇଥିଲା। ଫଳରେ ଅନେକ ଦିନ ପର୍ଯ୍ୟନ୍ତ ସୀମା ଓ କଶ୍ମୀର ଉପତ୍ୟକା ଶାନ୍ତ ପଡିଥିଲା। ଏଥର ବି ପ୍ରଧାନମନ୍ତ୍ରୀ ରୋକ୍ ଠୋକ୍ ଶୁଣାଇଛନ୍ତି – 'ଆତଂକବାଦୀଂକୁ ଓ ତାଙ୍କ ପଛରେ ଥିବା ଶକ୍ତିକୁ ମାଟିରେ ମିଶେଇ ଦିଆଯିବ'। ସମୟ ସୀମିତ, ଲକ୍ଷ୍ୟ ବଡ଼ କହି ତିନି ସେନା ମୁଖ୍ୟଙ୍କୁ ଖୋଲା ଛୁଟ୍ ଦେଇଛନ୍ତି ଟାର୍ଗେଟ, ଟାଇମିଙ୍ଗ ଓ ରଣନୀତି ତିଆରି ପାଇଁ। ପୂର୍ବାପେକ୍ଷା ଏ ଥରର ଆକ୍ରମଣ ଯେ ଆହୁରି ଭୟଙ୍କର ଓ ନିର୍ଣ୍ଣାୟକ ହେବ ତାହା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟଶୈଳୀ ଓ ବଡ଼ି ଲାଙ୍ଗୁଏଜ୍‌ରୁ ଅନୁମାନ କରିବା କଥା।

ଗୋଟିଏ ପଟେ ଯୁଦ୍ଧ ପାଇଁ ସଦା ପ୍ରସ୍ତୁତ ଭାରତ ଓ ଅନ୍ୟ ପଟେ ଆର୍ଥିକ ଦେବାଳିଆ, ବେଲୁଚିସ୍ଥାନ, ଗିଲଗିଟ୍ ବଲ୍ଟିସ୍ଥାନ, ଖାଇବର୍ ପକ୍ତୁନ୍ୱାରେ ସଶସ୍ତ୍ର ବିଦ୍ରୋହୀଙ୍କ ରଣ ହୁଙ୍କାରରେ ବ୍ୟତିବ୍ୟସ୍ତ ପାକିସ୍ଥାନ,ଭାରତ ପାଇଁ ଏକ ଯୁଦ୍ଧ ଅନୁକୂଳ ପରିସ୍ଥିତି ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ ଭାରତ ପ୍ରଥମ ଆକ୍ରମଣରୁ କ୍ଷାନ୍ତ ରହି ଯଥେଷ୍ଟ ସଂଜମ ରକ୍ଷା କରି ଆସିଛି। ପୂର୍ବତନ ପ୍ରଧାନମନ୍ତ୍ରୀ ବାଜପେୟୀଜୀ ଥରେ କହିଥିଲେ – 'ଯୁଦ୍ଧ ଆରଂଭ କରିବା ଖୁବ୍ ସହଜ, କିନ୍ତୁ କେବେ ଓ କେମିତି ସରିବ ତାହା କାହାରି ହାତରେ ନ ଥାଏ।ଉଭୟ ପକ୍ଷ କେବଳ ହାରନ୍ତି'। ସମ୍ପ୍ରତି ବିଶ୍ୱରେ ଚାଲିଥିବା ଇସ୍ରାଏଲ – ହମାସ୍ ଏବଂ ରୁଷ – ୟୁକ୍ରେନ ଭଳି ଦୁଇ ଦୁଇଟା କେବେ ସରୁ ନ ଥିବା ଯୁଦ୍ଧ ଏହି ଯୁକ୍ତିକୁ ବଳିଷ୍ଠ କରେ।

ସୋସିଆଲ ମିଡ଼ିଆ ଓ ଡିଜିଟାଲ ଗଣମାଧ୍ୟମରେ ଯୁଦ୍ଧମ୍ ଦେହି ଡାକରା। କେଉଁ ଆତଂକବାଦୀ କେଉଁଠି ରହେ ଓ କେମିତି ତାକୁ ଟାର୍ଗେଟ କରିହେବ, ତାଲିବାନ୍ କେମିତି ଆଗେଇ ଆସିଲେଣି ପାକ୍ ବୋର୍ଡ଼ରକୁ , ବି ଏଲ୍ ଏ ପାକ୍ ଆର୍ମିକୁ ଘଉଡ଼ାଇ ଦେଲାଣି, ପାକ୍ ନେତାଗଣ କେମିତି ବିଦେଶକୁ ପଳେଇଲେଣି, ସୈନ୍ୟ ମାନେ ବଙ୍କରରୁ ବାହାରୁ ନାହାନ୍ତି, କେଉଁଠି ସେମାନେ ସମୂହ ଇସ୍ତଫା ହେଲେଣି, ପିଓକେ ଏବେ ଭାରତ ସହିତ ମିଶିଯିବ, ଭାରତ ଖୁବ୍ ସହଜରେ ପାକ୍‌କୁ ହରେଇବ, ପାକ୍ ଖଣ୍ଡ ବିଖଣ୍ଡିତ ହୋଇଯିବ....ଏସବୁ ବାବଦରେ ପୁଙ୍ଖାନୁପୁଙ୍ଖ ଅନାବଶ୍ୟକ ଆଲୋଚନାରେ କାନ ଭର୍ତ୍ତି ହୋଇ ଗଲାଣି।

କୁହାଯାଏ ଯୁଦ୍ଧ ପାଇଁ ସେମାନେ ଉତ୍ସୁକାନ୍ତି, ଯେଉଁମାନେ କେବେ ଯୁଦ୍ଧ କରନ୍ତି ନାହିଁ। ଆଜିକାର ଯୁଗରେ ମୁହାଁମୁହିଁ ଅପେକ୍ଷା ମନୋ ବିଜ୍ଞାନ, କୂଟନୀତି, ସାଇବର୍ ଆକ୍ରମଣ, ଅର୍ଥନୈତିକ,ଗୁପ୍ତ ବିଦ୍ରୋହ, ସର୍ଜିକଲ ଷ୍ଟ୍ରାଇକ ସ୍ତରରେ ଆକ୍ରମଣ ଅଧିକ ସଫଳ, କମ୍ କ୍ଷୟ କ୍ଷତି କାରକ, ତଥା ବେଶ୍ ପ୍ରଭାବୀ।

ଚାଣକ୍ୟ ନୀତିରେ ମଧ ସାମ, ଦାମ, ଦଣ୍ଡ, ଭେଦ -ଏକ ଗୁରୁତ୍ୱପୂର୍ଣ୍ଣ ରଣନୀତି ଭାବେ ସ୍ୱୀକୃତ।

ତଥାପି ଯୁଦ୍ଧ ହେଉଛି ଶେଷ ଅସ୍ତ୍ର, ଯେତେବେଳେ ଆଉ କିଛି ଅନ୍ୟ ବିକଳ୍ପ ପାଖରେ ଉପଲବ୍ଧ ନ ଥିବ।

ବିଖ୍ୟାତ ଉର୍ଦ୍ଦୁ ଶାୟର୍ ୱାସିମ୍ ବରେଲ୍ଭିଙ୍କ ଏକ ଜନାଦୃତ ଶାୟରୀ ହେଉଛି –

ଉସୁଲୋଁ ପେ ଜହାଁ ଆଁଚ ଆୟେ ଟକରାନା ଜରୁରୀ ହେ,

ଜୋ ଜିନ୍ଦା ହୋ ତୋ ଫିର୍ ଜିନ୍ଦା ନଜର ଆନା ଜରୁରୀ ହେ।

ଅର୍ଥାତ – ଧର୍ମ ଯେବେ ସଂକଟରେ ଲଢ଼ିବା ଜରୁରୀ,

ପ୍ରାଣ ଦେଇ ପଣ ରକ୍ଷା କରିବା ଜରୁରୀ।

ନରେନ୍ଦ୍ର ମୋଦୀଙ୍କ ସରକାର ଏସବୁ ବିଷୟରେ ଯଥେଷ୍ଟ ଚିନ୍ତନ, ମନ୍ଥନ କରି ସଠିକ୍ ସମୟରେ ଠୋସ୍ ପଦକ୍ଷେପ ନେବେ ବୋଲି ଜଣ ସାଧାରଣଙ୍କ ଆଶା ଓ ବିଶ୍ୱାସ।

କଳାପାଣି, ବରଗଡ଼,
ମୋ – ୯୪୩୭୫୬୭୮୩୧୧

# ଚାରିଧାମ ଓ ପବିତ୍ର ଜଗନ୍ନାଥ ପୁରୀଧାମ



### ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ଦିଘାରେ ଜଗନ୍ନାଥ ଧାମକୁ ନେଇ ଚର୍ଚ୍ଚା ବଢିଥିବା ବେଳେ ପୁଣି ମନ୍ଦିର ସମ୍ମୁଖରେ ବଡ ବଡ ଅକ୍ଷରରେ ପ୍ରସ୍ତୁତ କରି ମରାଯାଇଛି ଜଗନ୍ନାଥ ଧାମ । ଅମିତ ମାଲବ୍ୟ ଏକ୍ସରେ ପୋଷ୍ଟ କରିବା ପରେ ଏବେ ଦିଦି ପୋଷ୍ଟକୁ ଭୁଲ ପ୍ରମାଣ ଓ ଜିଦ ପାଇଁ ପୁଣି ରାତାରାତି ଜଗନ୍ନାଥ ଧାମ ଲେଖିବା ସହ ପୂର୍ବ ସେଲ୍ଫି ପଏଣ୍ଟ କରୁଛନ୍ତି। ଦିଘା ଜଗନ୍ନାଥ ମନ୍ଦିର ଉଦ୍ଘାଟନ ସମୟରେ ଯେଉଁ ଅସ୍ଥାୟୀ କାଗଜ ଓ ଥର୍ମାକୋଲରେ ସେଲ୍ଫି ପଏଣ୍ଟ କରାଯାଇଥିଲା ସେଥିରେ ଦିଘା ଜଗନ୍ନାଥ ଧାମ ବୋଲି କରାଯାଇଥିଲା। ଯାହା ୩୦ ତାରିଖ ଉଦଘାଟନ ସରିବା ପରେ ୧ ତାରିଖ ଦିନ ଟେଣ୍ଟ ମାଲିକ ଖୋଲି ନେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଜଗନ୍ନାଥ ଧାମ ଶବ୍ଦକୁ ପ୍ରତ୍ୟାବର୍ତ୍ତନ କରିବା ନେଇ ଜୋରଦାର ପ୍ରତିବାଦ ଓଡ଼ିଶାରେ ଦେଖିବାକୁ ମିଳିଛି । ଏହା ସ୍ୱାଭାବିକ୍ । କାରଣ ଚାରି ଧାମ ମଧ୍ୟରୁ ପୁରୀ ଜଗନ୍ନାଥ ଧାମ ଅନ୍ୟତମ । ଅନ୍ୟ କେଉଁଟି ଆଉ ଜଗନ୍ନାଥ ଧାମ ହୋଇପାରିବ ନାହିଁ । ଅଲଗା ଆଡ଼େ ହଜାର ହଜାର ମନ୍ଦିର ଜଗନ୍ନାଥଙ୍କର ହେଉ ସେଥିରେ କିଛି ଆପତ୍ତି ନାହିଁ କିନ୍ତି ଜଗନ୍ନାଥ ଧାମ କେବଳ ପୁରୀ ।

ଏବେ ଆସନ୍ତୁ ଜାଣିବା ପୁରୀ ଧାମ ଜଗନ୍ନାଥ ମନ୍ଦିର ବିଷୟରେ ଓ ଚାରି ଧାମ ବିଷୟରେ । ଆର୍ଯ୍ୟାବର୍ତ୍ତ ଭାରତ ବର୍ଷର ପ୍ରତ୍ୟେକ ଭାରତୀୟ ଚତୁର୍ଦ୍ଧାମ ରାମେଶ୍ୱର, ପୁରୀ, ବଦ୍ରୀନାଥ ଓ ଦ୍ୱାରକା ଦର୍ଶନର କାମନା କରିଥାନ୍ତି । ଚାରୋଟି ସ୍ଥାନ – ଚାରିଧାମ ପରମ ପବିତ୍ର । ଏଥିମଧ୍ୟରୁ ତିନୋଟି ଧାମ ପୁରୀ, ରାମେଶ୍ୱର ଏବଂ ଦ୍ୱାରକା ସାଗର କୂଳରେ ଓ ବଦ୍ରୀନାଥ ଧାମ ହିମାଳୟ ପର୍ବତରେ ଅବସ୍ଥିତ । କଥିତ ଅଛି ଯେ ମନୁଷ୍ୟ ପରି ଭଗବାନ ମଧ ରାମେଶ୍ୱରରେ ସ୍ନାନ କରି ଆଭୂଷଣ ବିମଣ୍ଡିତ ହୁଅନ୍ତି ଦ୍ୱାରକାରେ, ଶ୍ରୀକ୍ଷେତ୍ରରେ ଷାଠିଏ ପଉଟି ଭୋଜନ କରି ବଦ୍ରିକାର ନିଶ୍ଚଳ ଅଞ୍ଚଳରେ ସୁଖ ନିଦ୍ରା ଯାଇଥାନ୍ତି । କାର୍ତ୍ତିକଠାରୁ ବୈଶାଖ ଅକ୍ଷୟ ତୃତୀୟା ପର୍ଯ୍ୟନ୍ତ ଛଅମାସ କାଳ ବଦ୍ରୀନାଥ ମନ୍ଦିର ଦ୍ୱାର ବନ୍ଦ ରହେ । ଅଦ୍ୱୈତ ମତବାଦର ପ୍ରଣେତା ଆଦି ଶଙ୍କରାଚାର୍ଯ୍ୟ ସ୍ୱପ୍ରତିଷ୍ଠିତ ସନ୍ନ୍ୟାସୀ ସଂପ୍ରଦାୟକୁ ଦଶ ଭାଗରେ ଯଥା- ତୀର୍ଥ, ଆଶ୍ରମ, ବନ, ଅରଣ୍ୟ, ଗିରି, ପର୍ବତ, ସାଗର, ପୁରୀ, ଭାରତୀ ଓ ସରସ୍ୱତୀ, ବିଭକ୍ତ କରି ସେମାନଙ୍କ ବ୍ୟବହାର ପାଇଁ ଭାରତର ଚତୁର୍ଦ୍ଦିଗରେ ଚାରିଟି ମଠ ତାଙ୍କର ଚାରିଜଣ ଶିଷ୍ୟଙ୍କ ଅଧିନରେ ସ୍ଥାପନ କରିଥିଲେ ଓ ପ୍ରତ୍ୟେକ ମଠରେ ଦେବ, ଆଚାର୍ଯ୍ୟ ଏବଂ ମଠ ସେବକ ବ୍ରହ୍ମଚାରୀ ନିଯୁକ୍ତ କରିଥିଲେ । ସେହି ଚାରିଗୋଟି ମଠ ଆଜି ପର୍ଯ୍ୟନ୍ତ ଶିଷ୍ୟ ପ୍ରଶିଷ୍ୟାନୁକ୍ରମେ ମଠଧାରୀ ମାନଙ୍କଦ୍ୱାରା ପରିଚାଳିତ ହୋଇ ଆସୁଅଛି । ପଶ୍ଚିମରେ ଦ୍ୱାରକାସ୍ଥିତ ଶାରଦା ମଠରେ ପୀଠାଧିକାରୀଙ୍କ ନାମ ହସ୍ତାମଲକାଚାର୍ଯ୍ୟ। ଦଶନାମୀ ସନ୍ନ୍ୟାସୀ ମାନଙ୍କ ମଧ୍ୟରୁ ତୀର୍ଥ ଓ ଆଶ୍ରମ ନାମଧାରୀ ସନ୍ନ୍ୟାସୀ ମାନଙ୍କ ବାସ ନିମିତ୍ତ ଏହି ମଠଟି ଉକୃଷ୍ଟ । ପୂର୍ବରେ ପୁରୀସ୍ଥିତ ଗୋବର୍ଦ୍ଧନ ମଠରେ ପୀଠାଧିକାରୀଙ୍କ ନାମ ପଦ୍ମପାଦାଚାର୍ଯ୍ୟ । ବନ ଓ ଅରଣ୍ୟ ନାମଧାରୀ ସନ୍ନ୍ୟାସୀ ମାନଙ୍କ ନିମିତ୍ତ ଏହି ମଠଟି ଉତ୍କୃଷ୍ଟ । ଉତ୍ତରରେ ବଦରିକାଶ୍ରମସ୍ଥିତ ଯୋଶୀ ମଠ ବା ଜ୍ୟୋତିଃ ମଠରେ ପୀଠାଧିକାରୀଙ୍କ ନାମ ତ୍ରୋକଟାଚାର୍ଯ୍ୟ । ଗିରି, ପର୍ବତ ଓ ସାଗର ନାମଧାରୀ ସନ୍ନ୍ୟାସୀମାନଙ୍କ ବାସ ନିମିତ୍ତ ଏହି ମଠଟି ଉତ୍କୃଷ୍ଟ । ଦକ୍ଷିଣରେ ଶୃଙ୍ଗେରୀ ଯଥା ଋଶ୍ୟଶୃଙ୍ଗାଶ୍ରମ ମଠରେ ପୀଠାଧିକାରୀଙ୍କ ନାମ ସୁରେଶ୍ୱରାଚାର୍ଯ୍ୟ । ପୁରୀ, ଭାରତୀ ଓ ସରସ୍ୱତୀ ନାମଧାରୀ ସନ୍ନ୍ୟାସୀ ମାନଙ୍କ ବାସାର୍ଥେ ଏହା ଉତ୍କୃଷ୍ଟ ।

ଜଗନ୍ନାଥ ମନ୍ଦିର ଯାହା ବଡ଼ଦେଉଳ, ଶ୍ରୀମନ୍ଦିର ନାମରେ ମଧ ଜଣା ଓଡ଼ିଶାର ପୁରୀ ସହରର ମଧ୍ୟଭାଗରେ ଅବସ୍ଥିତ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ ପୂଜିତ ହେଉଥିବା ଏକ ପୁରାତନ ଦେଉଳ । ଓଡ଼ିଶାର ସଂସ୍କୃତି ଏବଂ ଜୀବନ ଶୈଳୀ ଉପରେ ଏହି ମନ୍ଦିରର ସବିଶେଷ ସ୍ଥାନ ରହିଛି । କଳିଙ୍ଗ ସ୍ଥାପତ୍ୟ କଳାରେ ନିର୍ମିତ ଏହି ଦେଉଳ ବିଶ୍ୱର ପୂର୍ବ-ଦକ୍ଷିଣ ଯାହାକୁ ଅଗ୍ନିକୋଣରେ ଭାରତ, ଭାରତର ଅଗ୍ନିକୋଣରେ ଓଡ଼ିଶା, ଓଡ଼ିଶାର ଅଗ୍ନିକୋଣରେ ଅବସ୍ଥିତ ପୁରୀ, ପୁରୀର ଅଗ୍ନିକୋଣରେ ଶ୍ରୀବତ୍ସଖଣ୍ଡଶାଳ ରୀତିରେ ନିର୍ମିତ ବଡ଼ଦେଉଳ ଏବଂ ବଡ଼ଦେଉଳର ଅଗ୍ନିକୋଣରେ ରୋଷଶାଳା, ଯେଉଁଠାରେ ମନ୍ଦିର ନିର୍ମାଣ କାଳରୁ ଅଗ୍ନି ପ୍ରଜ୍ୱଳିତ ହୋଇଥାଏ । ଏହା ମହୋଦଧିତୀରେ ଥିଲେ ହେଁ ଏଠାରେ କୂଅ ଖୋଳିଲେ ଲୁଣପାଣି ନ ଝରି ମଧୁରଜଳ ଝରିଥାଏ। ୧୯୭୫ ମସିହାରେ ଶ୍ରୀମନ୍ଦିରକୁ ଜାତୀୟ କୀର୍ତ୍ତି ରୂପେ ଘୋଷଣା କରାଯାଇଛି । ଦ୍ୱାଦଶ ଶତାବ୍ଦୀରେ ଗଙ୍ଗ ବଂଶର ରାଜା ଅନଙ୍ଗବର୍ମା ଚୋଡ଼ଗଙ୍ଗ ଦେବ ବର୍ତ୍ତମାନ ବଡ଼ଦାଣ୍ଡ ପତନଠାରୁ ୨୧୪ ଫୁଟ ୮ ଇଞ୍ଚ ଉଚ୍ଚତା ବିଶିଷ୍ଟ ଶ୍ରୀମନ୍ଦିର କାର୍ଯ୍ୟ ଆରମ୍ଭ କରିଥିଲେ ଓ ଅନଙ୍ଗ ଭୀମଦେବ ଏହି କାର୍ଯ୍ୟକୁ ସମ୍ପୂର୍ଣ୍ଣ କରି ଶ୍ରୀବିଗ୍ରହମାନଙ୍କୁ ଅଧିଷ୍ଠିତ କରାଇଥିଲେ। ଏହା ଦଶ ଏକର ଆୟତନ ବିଶିଷ୍ଟ ଜମି ଉପରେ ଅବସ୍ଥିତ। ୧୪୫୨ ଖ୍ରୀଷ୍ଟାବ୍ଦରେ ଗଜପତି କପିଳେନ୍ଦ୍ର ଦେବ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ମେଘନାଦ ପାଚେରୀର ନିର୍ମାଣ କରାଇଥିଲେ । ଏହାର ଦୈର୍ଘ୍ୟ ୬୬୫ ଫୁଟ ଓ ପ୍ରସ୍ଥ ୬୪୦ ଫୁଟ, ଉଚ୍ଚତା ୨୨ ଫୁଟ ଓ ସ୍ଥାନେ ସ୍ଥାନେ ୨୦ରୁ ୨୪ ଫୁଟ ଉଚ୍ଚତା ମଧ ରହିଥିବା ଦେଖାଯାଇଛି। ମେଘନାଦ ପାଚେରି ପରେ କୂର୍ମ ବେଢ଼ାର ଦୈର୍ଘ୍ୟ ୪୨୦ ଫୁଟ,୩୧୫ ଫୁଟ ପ୍ରସ୍ଥ ଓ ୨୦ ଫୁଟ ଉଚ୍ଚତାରେ ନିର୍ମିତ ହୋଇଛି।

ଶ୍ରୀମନ୍ଦିରର ଶୋଭା ନୀଳଚକ୍ର ବୃଦ୍ଧି କରୁଛି ଓ ଏହା ଉପରେ ପତିତପାବନ ବାନା ଫର ଫର ହୋଇ ଉଡି ଅଗଣିତ ଭକ୍ତ, ପାପୀ ତପୀଙ୍କୁ ନିଜ ପାଖକୁ ଟାଣି ଆଣି ଅଭୟ ଦେଉଛି ଓ ଶରଣ ପଞ୍ଜର ନାମକୁ ସାର୍ଥକ କରୁଛି। ବର୍ତ୍ତମାନର ଶ୍ରୀମନ୍ଦିର ଗଙ୍ଗବଂଶୀୟ ରାଜା ଚୋଡ଼ଗଙ୍ଗଙ୍କଦ୍ୱାରା ନିର୍ମିତ ଓ ଏହା ଏକାଦଶ ଶତାବ୍ଦୀର ବିଷୟ। ଏଥିପୂର୍ବରୁ ଶ୍ରୀମନ୍ଦିରର ନାଭିକଟା ମଣ୍ଡପ ଓ ଶ୍ରୀଜଗନ୍ନାଥଙ୍କ ପାଦୁକାନଳା ମଧ୍ୟବର୍ତ୍ତୀ ସ୍ଥାନରେ ଦକ୍ଷିଣାଭିମୁଖୀ ଭାବେ ଅବସ୍ଥିତ ଥିବା ଜଣାଯାଏ । ଉକ୍ତ ମନ୍ଦିରର କଳା ଓ ଭାସ୍କର୍ଯ୍ୟ ଖ୍ରୀଷ୍ଟୀୟ ଦ୍ୱିତୀୟ କିମ୍ବା ତୃତୀୟ ଶତକର ବୋଲି କେହି କେହି ପ୍ରତ୍ନତାତ୍ତ୍ୱିକ ପରିଦୃଶ୍ୟମାନ ଭଗ୍ନ ମନ୍ଦିରର ମୂଳଭିତ୍ତିରୁ ଅନୁମାନ କରନ୍ତି । ଏହି ମନ୍ଦିରର ମୂଳଭିତ୍ତି ଉପରେ ବର୍ତ୍ତମାନ ଅମୁହଁ ଦେଉଳ ବା ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଅବସ୍ଥିତ । ବର୍ତ୍ତମାନ ମଧ ଏହି ମନ୍ଦିରର ମୁଖ ଶ୍ରୀଜଗନ୍ନାଥଙ୍କ ବାହାର ଗମ୍ଭୀରା ବା ଜଗମୋହନ ଦିଗକୁ ରହିଛି। ପୂର୍ବ ଦିଗସ୍ଥ ଜୟବିଜୟ ଦ୍ୱାର ବ୍ୟତୀତ ଭକ୍ତ ଗମ୍ଭୀରାକୁ ଗମନାଗମନର ଅପର ଏକ ଦ୍ୱାର ଦକ୍ଷିଣାଭିମୁଖରେ ଅବସ୍ଥିତ । ବେଢ଼ା ମଧ୍ୟରୁ ଭକ୍ତ ଦ୍ୱାର ଦେଇ ପ୍ରବେଶ କରିବାକୁ ହେଲେ ଦ୍ୱାରଦେଶରେ ପହଞ୍ଚିବା ନିମନ୍ତେ କେତୋଟି ପାହାଚ ଚଢ଼ିବାକୁ ପଡେ । ଉକ୍ତ ପାବଚ୍ଛ ଶ୍ରେଣୀର ଉଭୟ ପାର୍ଶ୍ୱରେ ଦୁଇଟି ସିଂହମୂର୍ତ୍ତି ବିଦ୍ୟମାନ । ତେଣୁ ଏହାକୁ ଏକ ସିଂହଦ୍ୱାର କୁହାଯାଇପାରେ । ଦ୍ୱାର ପ୍ରବେଶ ପଥର ପୂର୍ବରେ ମାଜଣା ମଣ୍ଡପ ଓ ପଶ୍ଚିମରେ ଦକ୍ଷିଣି ଘର ଅବସ୍ଥିତ । ଭକ୍ତ ପ୍ରବେଶ ପଥର ଅନତି ଦୂରର ଦକ୍ଷିଣରେ ମୁକ୍ତିମଣ୍ଡପ, ଯେଉଁ ସ୍ଥାନରେ କି ଝୁଲଣଯାତ୍ରା ଅନୁଷ୍ଠିତ ହୋଇଥାଏ । ମୁକ୍ତି ମଣ୍ଡପର ପଶ୍ଚିମ ଦିଗରେ ଶ୍ରୀନୃସିଂହ ମନ୍ଦିର ବା ପୁରୁଷୋତ୍ତମ ମନ୍ଦିର ଏବଂ ପୂର୍ବ ଦିଗରେ କ୍ଷେତ୍ରପାଳ ମନ୍ଦିର ରହିଛି । କ୍ଷେତ୍ରପାଳ ମନ୍ଦିରର ମୁଖ ଦକ୍ଷିଣ ଦିଗକୁ ଏବଂ ଏହି ମନ୍ଦିରରେ ଶକ୍ତି ଯୁକ୍ତ ଶିବଲିଙ୍ଗ ପୂଜା ପାଉଥିଲେ ମଧ ବିଗ୍ରହର ପଶ୍ଚାତ ଭାଗର ଭିତ୍ତିଚିତ୍ର ଶିବଙ୍କର ନହୋଇ ଭୈରବ ନାମରେ ଅଭିହିତ । ମନ୍ଦିରର ତିନି ପାର୍ଶ୍ୱରେ କାର୍ତ୍ତିକ, ପାର୍ବତୀ ଓ ଗଣେଶଙ୍କ ପରିବର୍ତ୍ତେ ନୃମୁଣ୍ଡମାଳିନୀ ଖଡ୍ଗଧାରିଣୀ ଭୈରବୀ ମୂର୍ତ୍ତିମାନ ରହିଛନ୍ତି। ଏଥି ମଧ୍ୟରୁ ପୂର୍ବ ପାର୍ଶ୍ୱଗଡା ଭୈରବୀ କୁତାମଚଣ୍ଡୀ ରୂପେ ସର୍ବଜନ ପରିଚିତା ଓ ଆରାଧିତା ଅଟନ୍ତି । ମନ୍ଦିରର ପୂର୍ବଦିଗରେ ଅନନ୍ତଶୟନ ବାସୁଦେବ, ଦକ୍ଷିଣ ପଶ୍ଚିମ କୋଣରେ ମୁକ୍ତେଶ୍ୱର ମହାଦେବ, ପଶ୍ଚିମରେ ମୁକ୍ତିମଣ୍ଡପ ଏବଂ ଉତ୍ତର ଦିଗରେ ସୂର୍ଯ୍ୟ ପୂଜା ମଣ୍ଡପାଦିଦ୍ୱାରା ପରିବେଷ୍ଟିତ ରହି ଏକ ପ୍ରକାର ଅବହେଳିତ ତଥା ଲୋକଲୋଚନର ଅଗୋଚରରେ ରହିଛି । କିମ୍ବଦନ୍ତୀ ମତେ ଭାନୁଦେବ ନାମରେ ଜଣେ ନିଃସନ୍ତାନ ରାଜା ଜମ୍ୱେଶ୍ୱରଙ୍କୁ ଆରାଧନା କରି ସୁନ୍ଦର ପୁତ୍ର ସନ୍ତାନଟିଏ ଲାଭକଲେ । ଜାତକ ତିଆରି କଲାବେଳେ ରାଜା ଜାଣିଲେ ତାଙ୍କ ପୁତ୍ରର ଆୟୁଷ କେବଳ ୨୨ବର୍ଷ । ପୁତ୍ରର ଅଳ୍ପାୟୁ ବାବଦରେ ଅବଗତ ହୋଇ ରାଜା ଭାନୁଦେବ ପୁନଶ୍ଚ ଜମ୍ୱେଶ୍ୱରଙ୍କୁ ଆରାଧନା କଲେ। ଜମ୍ୱେଶ୍ୱର ରାଜାଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇ ଶ୍ରୀମନ୍ଦିର ଭିତରେ ବାଇଶି ପାହାଚ ନିର୍ମାଣ କରିବାକୁ ଆଜ୍ଞା ଦେଲେ । ରାଜା ବାଇଶି ପାହାଚ ନିର୍ମାଣ କରି ତାଙ୍କ ସନ୍ତାନର ଆୟୁ ବୃଦ୍ଧି ପାଇଁ ସେହି ବାଇଶି ପାହାଚରେ ଗଡ଼ାଇ ଦେଇଥିଲେ । ଶ୍ରଦ୍ଧାଳୁମାନେ ସେଥିପାଇଁ ନିଜ ନିଜ ପିଲାମାନଙ୍କର ଆୟୁଷ ବୃଦ୍ଧି ନିମନ୍ତେ ବାଇଶି ପାହାଚରେ ଗଡ଼ାଇ ଦେଇଥାନ୍ତି।

ମୁଖ୍ୟ ଦେଉଳଟି ପଞ୍ଚରଥ ଶୈଳୀରେ ନିର୍ମିତ । ଦେଉଳ ଚାରିପଟେ 'ମେଘନାଦ ପାଚେରୀ' ଯାହା ୬୬୫ଫୁଟ ଦୈର୍ଘ୍ୟ, ୬୪୦ଫୁଟ ପ୍ରସ୍ଥ ଓ ୨୦ରୁ ୨୪ଫୁଟ ଉଚ୍ଚତା ରହିଛି । ମେଘନାଦ ପାଚେରୀ ଭିତର ପଟେ 'କୂର୍ମ ପାଚେରୀ' ଯାହା ୪୨୦ଫୁଟ ଦୈର୍ଘ୍ୟ ଓ ୩୧୫ଫୁଟ ପ୍ରସ୍ଥ ନାମକ ଆଉ ଏକ ପାଚେରୀ ରହିଛି । କୂର୍ମ ପାଚେରୀ ମଝିରେ ଥିବା 'କୂର୍ମବେଢ଼ା' ମଝି ଭାଗରେ ବଡ଼ଦେଉଳ । ଦେଉଳଟି ଚାରି ଭାଗରେ ବିଭକ୍ତ । ବିମାନ ଯାହାକୁ ମୁଖ୍ୟ ମନ୍ଦିର ବା ଗର୍ଭଗୃହ କୁହାଯାଏ । ତାପରେ ଜଗମୋହନ ବା ମୁଖଶାଳା । ତାପରେ ନାଟମଣ୍ଡପ ଶେଷରେ ଭୋଗମଣ୍ଡପ ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

## ମୋତେ ଜଣା

### ସୁବାସ ଚନ୍ଦ୍ର ସାହାଣୀ

ମୁଁ ଶୁଣିପାରେ -ଫଟା ମାଟି ଆତ୍ମାର କାକୁତି,
କୋହ କୋମଳ ମା' ମମତାର କାୟା କଳ୍ପ ପ୍ରୀତି।
କୂଟ -କପଟ, କ୍ରୁର କଷଣ, କୁଳ କୁତ୍ସା, କୋଟିକମ କୋଠି-
କାଟି କୁହୁକ ଇନ୍ଦ୍ରଜାଲ ବୀଥି -ବୁନିଆଦି ଗୋପନ ମନ୍ତ୍ରଣା,
ତ୍ରୀ ନିର୍ଯ୍ୟାତନା-ପଥ, ପାଥେୟ, ଗୁରୁ ଭେଦ ଭେଦିବା ମନ୍ତ୍ର
ବିବିଧ ଗଭୀର ଯନ୍ତ୍ରଣା।
ଓଠ ଥର ଥର, ମନ ତଳ, ଅଥୟ, ଅମାପ, ହୃଦୟର କଥା-
ବୁଝିପାରେ ନିଷିଦ୍ଧ, ନିଳୟ ଅନ୍ତରୀଣ, ଅଶ୍ରୁତ ଅବ୍ୟକ୍ତ ବ୍ୟଥା।
ପତ୍ରର ମର୍ମ୍ମର ସୁରେ, ସାଇତା ଅଭିପ୍ରେତ, ପ୍ରୀତି ମଖା ପବନ,
ପବିତ୍ର ପଦପାତ ବାତ ବାହ, ମଧୁର ସଂକେତ ।
ଚୋରା ଚଇତାଳି, ଚିତ୍ତ ଚଞ୍ଚଳ, ପୁରକ ପୂରବୀ, ଆଉଟା ସୁରଭି
ଜୀବନ ସଂମ୍ପଦ, ଆକୁଳ ପ୍ରାଣର ଇଙ୍ଗିତ, ହୃଦୟର ଗୀତ ।
ପକ୍ଷୀ ଚଂଚୁର ଘର୍ଷଣ ପ୍ରୀତିବୋଧ,ପ୍ରଣୟ ସଂପାତ
ସଂଗୋପୀତ ତନୁର...କାମୋଦ୍ଦୀପକ ଉନ୍ମାଦ ବେଦ,
ଉତାରି ପାରେ, ଶବ୍ଦ ପୃଥିବୀ, ହୃଦୟ ବେଦୀରେ ।
ଫୁଲ କୋମଳ, ମେଳ ମଉଛବ, ସ୍ୱପ୍ନ ସବାରିରେ
ବୋହି ଆଣିପାରେ... ପ୍ରାଣର ମହକ।
ଲଗାମ୍ ଭିଡି ଘୋଡ଼ା ଦୌଡେଇବା କଳା କୌଶଳ, ସବୁ ମତେ ଜଣା ।
ଜହ୍ନ ଭିତରେ ଜ୍ୟୋତ୍ସ୍ନା, ନା ଜ୍ୟୋତ୍ସ୍ନା ଭିତରେ ଜହ୍ନ,
ମନେଇ ଜାଣିଲେ ମହ ମହ ବାସନା ମନ,
ମୌଜାକୁ ମହଣେଇବା, କଳାରେ ମୁଁ ସିଦ୍ଧପଣ।
ପାହାଡ଼ର ମୌନ ମୁକ ନୀରବତା, ସ୍ଥିତପ୍ରଜ୍ଞ ଉର୍ଦ୍ଧ୍ୱନ୍ତିତ ସ୍ଥିତିର
ମୁଁ ପ୍ରିୟ ସାଥି, ନିୟତ ଦୁଃଖ ତମାଳ, ତାଳ ବଣ ରାତି,
ଶୀତ ଶୀତାର୍ତ୍ତ ଆକୁଳ ପ୍ରାଣ କୋହ ବିଥି ।
ଫୁଲକୁ ପଚାରିଲେ ସେ କହିବ, ମୋ ଜାଣିବା ପଣ ଠିକଣା
କାହିଁକି ନା' ! ତା' ସହ ମୋର, ବସା ଉଠା ପ୍ରିୟ ପରାଣ ଦିଆ ନିଆ-
ପରିଭାଷା ଅନେକ ପୁରୁଣା।
ତା' ରୂପ ପସରା, ପାଖୁଡା କୋଳର ବିକଶିତ ପ୍ରଭା ପୂର୍ଣ୍ଣ
ଉଦ୍ ବେଗ ଉଚ୍ଛ୍ୱାସ, କୁହୁକ ସୁରଭି ସୁବାସ ମୁଁ..
ପ୍ରମତ୍ତ ମଧୁପ ଚିତ୍ତ ଚୋର, ରାସ ରହସ୍ୟ,
ପୀୟୂଷ ରସ ସ୍ୱାଦର, କୋମଳ ଅହଂକାର ।

ମୋତେ ଜଣା, ଅକୁହା ପ୍ରାଣର ବ୍ୟଥା, ଅଶୁଣା କାହାଣୀ,
ବାଟ ଭୁଲା ଚଢ଼େଇର ଆତୁର ଆର୍ତ୍ତ କରୁଣ କ୍ରନ୍ଦନ ଧ୍ୱନି।
ନୀଡ଼ ରଚା ଆକୁଳତା, ପ୍ରେମ ପ୍ରସାଦ ପୂର୍ଣ୍ଣ ଡାକ, ଇଙ୍ଗିତ ଈଶାରା...
ସଂସାର ଗଢ଼ା ମୋହ, ମାୟା,ମାଦକତା ।
ମଧୁ ଦ୍ରାକ୍ଷାରସ, ମଦିରାର ବାସ, ମୁଗ୍ଧ ଅଭିଳାଷ
ପିଆଲା ଓଠର..ମୃଦୁ ମୃଦୁ ଭାଷ, ହସ ହାସ୍ୟ ରୋଳର..
ମୁଁ ପ୍ରଣୟ ପ୍ରକାଶ, ପ୍ରୀତି ଅଧିବାସ ।

ରମଣ ଲୀଳାର, ଲଳିତ ଫୁଲ ମାଳା,
ରମଣୀ ଅଧର ଥର ଥର, କମ୍ପିତ ମୁଦ୍ରାର
ଚମକ ଚୁଉମ୍ବକ ଚୁମ୍ବନ, ମଦ ମଧୁର ରସର, ଆହୂତ ଆତ୍ମାର ମେଖଳା,
ଅଙ୍ଗ ଅଧୀର, ରମ୍ୟ ରାତି ରତି ରଙ୍ଗା, ଅନୁପମ ମଧୁଶାଳା।

ମୋତେ ଜଣା, ଆକାଶ ଗର୍ଭ ଯନ୍ତ୍ରଣା ମେଘ ମାଳ ମାଳ
ପାଣି, ପବନ, ଖେଳ କୁତୂହଳ ବଜ୍ର ବିଜୁଳି ଭୀଷଣ ଧ୍ୱନି, କଳା କୌଶଳ
ଆଲୁଅ ଟଣା ଗର୍ବିତ ଗାରିମା, ଇନ୍ଦ୍ରଧନୁର ସପ୍ତରଙ୍ଗ ଅଙ୍କା, ବିଚିତ୍ର ପ୍ରତିମା।
ଦୁର୍ବାର ଯୋଦ୍ଧା, ଅସୀମ ସାହସ, ବଳ ବର୍ଦ୍ଧିତ ଶକ୍ତି
ସିଂହ କଟାକ୍ଷ ଦୃଷ୍ଟି, ମୁଁ ତ ତା'ର, ଦୁର୍ଗମ ପଥ ଭେଦି,
ଶତ୍ରୁ କ୍ଷୟୀ ଅବିନାଶି।

ମୋତେ ଜଣା, ପ୍ରିୟଙ୍ଗୁ ବୀଥିର, ଆକର୍ଷ ବିଭୋର୍



ସବୁଜ ଶ୍ୟାମଳ ରୂପ ସମ୍ଭାର, ସୃଜନ କଳାର ବିଧି,
ମଳୟ ମହ ମୋହ ମୂର୍ଚ୍ଛନା, କୋକିଳ କୁହୁ କୂଜନ ଗୀତି,
ଆତ୍ମା ସହ ଆତ୍ମୀୟତା କମନୀୟ ସ୍ଥିତି,
ମୋତେ ଜଣା,
ଯେହେତୁ ମୁଁ ପ୍ରମେୟ, ପବିତ୍ର ପ୍ରେମର ସ୍ଥପତି।

ଶ୍ରୀହରି ଆଳୟ, ବାଂମୟ ନିଳୟ ସାହିତ୍ୟ ଚିରକାଳ ।
ସା-ବୋଇତାଳୁ ପାଟଣା, ପୋଷ୍ଟ-ମୋହନପୁର,
ଭାୟା-ବିଞ୍ଝାର ପୁର-୭୫୫୦୦୪ ।ଜିଲ୍ଲା-ଯାଜପୁର ।
ଭ୍ରାମ୍ୟ-୭୩୮୪୨୫୧୧୪୬



ଧ୍ୱନି ପ୍ରତିଧ୍ୱନି
ଆମ କୁନାକୁନିଙ୍କ ଆପଣା ପୃଥିବୀ ୫
ଶନିବାର, ୧୦ ମଇ ୨୦୨୫



## କବିତା
ତୁମ ପାଇଁ

## ତୁ ମୋ ସୁନା ତୁ ମୋ ଧନ

### ଶରତ କୁମାର ଦାସ

ହସରୁ ତୋର ମୁକୁତା ଝରେ
ଓଠରୁ ଝରେ ମହୁ,
ସରେନା ଦିନ ସରେନା ରାତି
ତୋ କଥା କହୁକହୁ ।

ଥାପିଲୁ ପାଦ ଯୋଉ ଦିନ ତୁ
ଏଇ ମୋ’ ଟିକି ଘରେ,
ବାଜିଲା ବାଜା ଫୁଟିଲା ବାଣ
ଖୁସିର ସୁଅ ଝରେ ।

ସାନରୁ ବଡ଼ ସରାଗେ ମିଳି
ପାଛୋଟି ତୋତେ ନେଲେ,
ଚାଲିବୁ ବୋଲି ତୋ ପାଦ ତଳେ
ଫୁଲ ବିଛାଇ ଦେଲେ ।

ଆସିବା ତୋ’ର ଶୁଭ ଖବର
ଜାଣି ସଭିଏ ଖୁସି,
ମାନିବୁ ବୋଲ ହେବୁନି ଦୁଷ୍ଟ
ଯିବୁନି କେବେ ରଷି ।

ତୋ ସହ ମିତ ବସିବା ପାଇଁ
ଚାହିଁଛି ଆମ ପୁଷି ,
ଖେଳିବ ଖେଳ ତୋ ସାଥେ ମିଶି
ଟିକି ଭାଲୁଆ ଲୁସି ।

ଗେଲ କରିବି କୋଳେ ଧରି ମୁଁ
କହିବି ଗପ କେତେ,
ନଇଁନଇଁକା ଆସିବ ନିଦ
ଶୋଇବୁ ଇଚ୍ଛା ଯେତେ ।

ଡରିବୁ ନାହିଁ ଛାଇକି ଦେଖି
ଥିବି ତୋ ପାଖେ ମୁହିଁ,
ଚାନ୍ଦ ମାଗିଲେ ଆଣିବି ତୋଳି
ଖୁସିହେବୁଟି ତୁହି ।

ଝାରିବୁ ନାହିଁ ଲୁହ ତୁ କେବେ
କହିଦେ’ ଥରେ ମୋତେ,
ଯେତେ ଆୟୁଷ ଅଛି ମୋ ବାକି
ଯାଚିଦେଉଛି ତୋତେ ।

ତୁ ମୋ’ ସୁନା ତୁ ମୋ’ ଧନ
ତୁ’ ଶରଗଶଶୀ,
ହସଖୁସିର ପସରା ମେଲି
ପଡ଼ିଛୁ ହାତେ ଖସି ।

କାହା ନଜର ନଲାଗୁ ତୋତେ
କରୁଛି ଏଇ ଅଳି,
ବିଭୁ ଆଶିଷେ ତୋ ବାଟେ ଯେତେ
ଯାଉ ବିପଦ ଟଳି ।

+ଅଧ୍ୟାପକ, ରାଜନୀତ ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡ଼ବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

## ଅବୋଧ ଶିଶୁ

### ରମେଶ ଚନ୍ଦ୍ର ନାୟକ

ଛୋଟ ଶିଶୁ ଟିଏ ଡଉଲ ଡାଉଲ
ଖିଲି ଖିଲି କଥା ତା’ର
ବାପା ଗେଲ କଲେ ମାଆ କୋଳେ ଥିଲେ
କାହାକୁ ନ ଥାଏ ଡର ।

ଜାଣେ ନାହିଁ ସିଏ ଛନ୍ଦ କି କପଟ
ସଭିଏଁ ତା’ ପାଶେ ବନ୍ଧା
ଯିଏସେ ଦେଖଇ କୋଳେଇ ନିଅଇ
ଗେଲ କରିବାକୁ ସଦା ।

କାଖେଇ କୋଳେଇ ଭାଇ ଭଉଣୀଏ
ଆଦର କରନ୍ତି ଭାରି
ଯଦି କେବେ ସିଏ ଖେଳେ ମାତିଥାଏ
ଭୋକ ଶୋଷ ଯାଏ ମରି ।

ସେ ରୁଷି ବସିଲେ ଭାରି ଭଲ ଲାଗେ
ଭୁଡେଇଲେ ଦିଏ ହସି
କେତେବେଳେ ମାଗେ ଝୁମୁକା ଖେଳନା
କେବେତ ସରଗ ଶଶୀ ।

ଅବୋଧ ଶିଶୁ ସେ ସଦା ସତ କହେ
ଲୋଭ ମାୟା ଜମା ନାହିଁ
ନାନା ବାୟା ଗୀତ ଶୁଣିବାକୁ ସେତ
ଆଇ ପାଶେ ଯାଏ ଧାଇଁ ।

ଗୀତ ଶୁଣୁ ଶୁଣୁ ଆଖି ଲାଗିଗଲେ
ଆଇ କୋଳେ ପଡ଼େ ଶୋଇ
ମାଆ ତୋଳି ଆଣି ଶୁଆଏ ପାଖରେ
ଚୁମା ଦି’ ଚାରିଟା ଦେଇ ।

+କେଶରପୁର, ବକ୍ସି ବଜାର,
କଟକ
ମୋ :- ୭୯୭୮୧୫୧୭୧୦

## ସେପରି ମିତଟେ କାହିଁ

### ଅନନ୍ତ କୁମାର ସେନାପତି

ଗଛଟି ଆମର ବନ୍ଧୁ
ସିଏତ ମମତା ସିନ୍ଧୁ
ରଖିଛି ସାଇତି ପତ୍ର, କାଠ, ମୂଳ
ନେଇ ନାନା ଖାଦ୍ୟ ରାନ୍ଧୁ ।

ସେପରି ମିତଟେ କାହିଁ
ସଦା ପାରୁଥିବ ଦେଇ
ଅଙ୍ଗାରକାମଳ ପରି ବିଷ ପିଇ
ସବୁ ନେଉଥିବ ସହି ।

କ୍ଷେତରେ ବରଷା କରାଏ
ସୁନା ଫସଲ ରେ ଭରାଏ
ବାଟୋଇଟି ଆସି ତା ’ପାଖେ ବସିଲେ
ହୃଦୟରୁ ଛାଇ ଝରାଏ ।

ନରମ କୋଳଟି ତାହାର
ପଶୁ ପକ୍ଷୀଙ୍କର ଆହାର
ମାଆ ପରି ପାଳେ କାଖେଇ କୋଳେଇ
ଏତେ ଶରଧା ବା କାହାର !

କାହାରି ଦୁଃଖକୁ ସହିନି
ନିଜ ଦୁଃଖ କେବେ କହିନି
ସବୁ ଅଭିଳାଷ ପୂରଣ କରିଛି
କିଛି ବି ଅଭାବ ରହିନି ।

ସୁନା, ହୀରା, ମୋତି, ମାଣିକ
ସୁଖ ଦେଇଥାଏ କ୍ଷଣିକ,
ଗଛର ଯତନ ନେଲେ ସବୁଦିନ
ଭରିବ ସରଗ ମହକ।

+ବାଣ୍ଟୁପଡା, ୱାର୍ଡ ୧୮
ରାଜଗାଙ୍ଗପୁର, ସୁନ୍ଦରଗଡ଼-୭୭୦୦୧୭
ମୋ: ୭୦୦୮୩୦୪୨୨୫

## ଗୁଣ ଏକା ମହତ ପଣିଆ

### ଦିବାକର ନାୟକ

ଏମିତି ଦେଖିଲେ ଅନେକ ଦରବ
ଦୂରରୁ ଲାଗଇ ସାନ
ସାନ ଦରବ ବି ପାଖରୁ ଦେଖିଲେ
ଲାଗେ ଟିକେ ମହିୟାନ ।

ଆକାରକୁ ଦେଖି କିଏ ବଡ଼ ସାନ
କହିଲେ ବି ଲାଗେ ସତ
ଗୁଣ ଥିଲେ ପୁଣି ସାନ ବି ମହାନ
ଜାଣେ ଏ ସାରା ଜଗତ ।

ଭାବିଲି ମୁଁ ଏଡ଼େ ପୃଥିବୀ ଭିତରେ
ଦେହ ମୋର କେଡ଼େ ଛୋଟ
ତେଣୁ ଟିକେ ବଡ଼ ଗୁଣରେ ହେବାକୁ
ଭଲ କାମେ ଦେଲି ଚିତ୍ତ ।

ଗୁଣ ଏକା ସିନା ମହତ ପଣିଆ
ସୂର୍ଯ୍ୟ ଚନ୍ଦ୍ର ପରି ସତ
ଆଜିଠୁ ଧିଆନ ଦେଲି ଭଲ କାମେ
ଏକା ଏକା ଅବିରତ ।

+ପାଟପୁର କନିସି ଗଞ୍ଜାମ
ମୋ: ୯୯୩୮୬ ୧୯୯୮୧



## ସହରରେ ବଣଭୋଜି

### ପ୍ରଦ୍ୟୁମ୍ନ ପଟ୍ଟନାୟକ

ମିଳି ଜୁଳି ଦୁଇ ଭଉଣୀ । ରହନ୍ତି ରାଜଧାନୀ ଭୁବନେଶ୍ୱରରେ । ଘର ତାଙ୍କର ଗୋଟିଏ ଆପାର୍ଟମେଣ୍ଟର ଦୁଇ ମହଲା ଉପରେ। ଦୁଇ ଜଣ ଦୁଇ ବର୍ଷ ସାନ ବଡ଼ । ଗୋଟିଏ ସ୍କୁଲକୁ ପଢ଼ିବାକୁ ଯାଆନ୍ତି । ସାଙ୍ଗ ହୋଇ ଖେଳନ୍ତି । ଖରା ବଢ଼ିବାରୁ ସ୍କୁଲ ସବୁ ଛୁଟି ହୋଇଗଲା । ସେ ଦୁହେଁ ନାଚ ଶିଖିବା ଆରମ୍ଭ କରିଦେଲେ । ତା’ ବ୍ୟତୀତ ବାକି ସମୟ ଘରେ ରହି ଖେଳନ୍ତି । ଘର ବାଲକୋନୀରେ ଠିଆ ହୋଇ ବାହାରକୁ ଦେଖନ୍ତି ।

ସେମାନେ ରହୁଥିବା ଆପାର୍ଟମେଣ୍ଟ ପାଚେରୀ ସେପଟେ ଥାଏ ଗୋଟିଏ ବଡ଼ ଖାଲି ଜାଗା । ସେଥିରେ କେହି ଘର କରି ନଥିଲେ । ସେଥିପାଇଁ ସେ ଜାଗାରେ ଛୋଟ ବଡ଼ ବହୁତ ଗଛ ଥାଏ । ସେଥିରୁ ଆମ୍ବ, ନଡ଼ିଆ, ବେଲ, ପିଜୁଳି ଆଦି ଗଛ ଲଗା ଯାଇଥାଏ । ଆଉ କିଛି ଛୋଟ ବଡ଼ ଗଛ ଆପେ ଆପେ ଉଠି ସେ ଜାଗାଟି ବାହାରକୁ ବଣ ଜଙ୍ଗଲ ଭଳି ଦେଖାଯାଏ । ସେ ଗଛ ଗୁଡ଼ିକରେ ଶୁଆ, ସାରି, କାଉ, କୋଇଲି, କୁମ୍ଭାଟୁଆ, ବଣି, ଡାହୁକ ଆଦି ଅନେକ ପକ୍ଷୀ ବସା ବାନ୍ଧି ରହୁ ଥାଆନ୍ତି । ଦିନ ସାରା କେତେ ପ୍ରକାର ସ୍ୱରରେ ରାବିବା ସହ କଚିରି ମିଚିରି ହୁଅନ୍ତି । ପକ୍ଷୀ ଗୁଡ଼ିକ ଗଛରେ ରହୁଥିବା ବେଳେ ଗଛ ତଳେ ରହନ୍ତି କୁକୁର, ନେଉଳ, ମୂଷା, ବେଙ୍ଗ ଆଦି କେତେ ଜୀବଜନ୍ତୁ କ୍ଷ ବର୍ଷା ଦିନେ ବେଙ୍ଗ ରଡ଼ି ଛାଡ଼ନ୍ତି । ଅଜଣା ଲୋକ ଦେଖିଲେ କୁକୁରମାନେ ଭୁକନ୍ତି । ସଞ୍ଜ ହେଲେ ଜୁଳୁଜୁଳିଆ ପୋକ ଆଲୁଅ ଜଳାଇ ଉଡ଼ି ବୁଲନ୍ତି । ନିଜ ଘର ବାଲକୋନୀରେ ଠିଆ ହୋଇ ମିଳି ଜୁଳି ଏସବୁ ଦେଖନ୍ତି । ତାଙ୍କୁ ସେ ଜାଗାଟି ସତ ସତିକା ଜଙ୍ଗଲ ପରି ଲାଗେ। ରାତିରେ ତା’ ଭିତରୁ କୁକୁର ଭୁକିଲେ ତାଙ୍କୁ ଡର ଲାଗେ ।

ଖରାଦିନ ଆସିଲେ କିଛି ଗଛ ଲଟା ଶୁଖି ଯାଉଥାଏ । ବର୍ଷା ପବନରେ ବି କେତେ ଡାଳ ଭାଙ୍ଗିଯାଏ । କେହି କେହି ପିଲା ପାଖ ବସ୍ତିରୁ ଆସି ସେ ଶୁଖିଲା କାଠକୁ ଗୋଟେଇ ନେଇଯାଆନ୍ତି ଜାଳ ପାଇଁ । ମିଳି ଜୁଳି ଦିନେ ଦେଖିଲେ ସେ ଜଙ୍ଗଲରେ କିଛି ପିଲା ବୁଲୁ ଥାଆନ୍ତି । ଦେଖୁ ଦେଖୁ ଆଉ କେତେ ଜଣ ପୁଅ ଝିଅ ଜିନିଷ ପତ୍ର, ବାସନ କୁସନ ନେଇ ଆସିଗଲେ ସେଠି ବଣଭୋଜି କରିବା ପାଇଁ । ଝିଅ ମାନେ ଇଟା ଥୋଇ ଚୁଲି ତିଆରି କଲେ । ପୁଅମାନେ ଜାଳ ପାଇଁ କାଠ ଭାଙ୍ଗି ଆଣିଲେ । ପୁଣି ଝିଅମାନେ ପରିବା କାଟିବାରେ ଲାଗିଗଲେ ତ ପୁଅମାନେ ପାଣି ବୋହି ଆଣିଲେ । ଚୁଲି ଲଗାଇ ଆରମ୍ଭ ହୋଇଗଲା ରୋଷେଇ । ଭାତ, ଡାଲି, ତରକାରି, ଭଜା ରନ୍ଧା ହେଲା । ପାମ୍ପଡ଼ ଛଣା ଗଲା । ସବୁ ପିଲାମାନେ ମିଳି ମିଶି ରୋଷେଇ କରୁଥାଆନ୍ତି । ତା’ ସହ ଚାଲୁଥାଏ ତାଙ୍କର ଗପସପ, ଖେଳ କୁଦ, ମଉଜ ମସ୍ତି । ରୋଷେଇ ସରିବା ପରେ ସବୁ ପିଲା ଏକାଠି ବସି ଖିଆ ପିଆ କଲେ । ସେମାନେ ସହର ଭିତରେ ରହି ବଣର ମଜା ନେଲେ । ଗଛ ଛାଇରେ ବଣ ଭୋଜି କଲେ ।

ମିଳି ଜୁଳି ତାଙ୍କ ବାଲକୋନୀରେ ଥାଇ ଏସବୁ ଦେଖୁଥିଲେ । ତାଙ୍କର ବି ଇଚ୍ଛା ହେଉଥିଲା ସେପରି ବଣ ଭୋଜି କରିବାକୁ । ଭାବୁଥିଲେ ଯଦି ଦୁହେଁ ଆପାର୍ଟମେଣ୍ଟର ଉଚ୍ଚ ପାଚେରୀକୁ ଡେଇଁ ପାରନ୍ତେ ତେବେ ସେ ବସ୍ତିର ପିଲାଙ୍କ ସହ ଯାଇ ବଣ ଭୋଜି କରନ୍ତେ । ତାଙ୍କୁ କେତେ ମଜା ଲାଗନ୍ତା । ତାଙ୍କୁ କିନ୍ତୁ ଜଣା ଥାଏ ତାଙ୍କ ବାପା ମା ଛାଡିବେ ନାହିଁ ସେ ବସ୍ତି ପିଲାଙ୍କ ସହ ମିଶି ମସ୍ତି କରିବା ପାଇଁ ।

+ ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ
ଟାୱାର ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬



## ଅତି ଆପଣାର ଆମ ବୁଢ଼ାଅଜା

### ନଳିନୀ ଦାଶ

ଅତି ଆପଣାର ଆମ ବୁଢ଼ା ଅଜା
ସମସ୍ତଙ୍କ ପ୍ରିୟ ସେହି
ହିତ ଉପଦେଶ ଦିଅନ୍ତି ଆମକୁ
ମଜା ଗପ ନିତି କହି ।

ବୟସ ହେଲାଣି ଦିଶେନାହିଁ ବାଟ
ଧରି ସେ ବାଙ୍କୁଲି ବାଡି
ପାନଖିଲଟିଏ ଜାକି ଯାଆନ୍ତି ସେ
ଅଣ୍ଟାରେ ଗାମୁଛା ଭିଡ଼ି ।

କହନ୍ତି ପିଲାଏ ଦୁଷ୍ଟାମି ନକରି
ମନଦେଇ ପାଠ ପଢ
ପାଠ ପଢା ସାଥେ ତୁମେମାନେ ମିଶି
ସ୍ୱଚ୍ଛ ଭାରତଟେ ଗଢ ।

ଗାଆଁ ପରିମଳ ସଫା ରଖୁଥିବ
ରୋଗ କେବେ ନଛୁଇଁବ
ସବୁ ଅଳିଆକୁ ଏକାଠି କରିକି
ଜାଳି ସଫା କରିଦେବ ।

ସଭିଏଁ ମିଶିଣ ଖାଲି ଜାଗା ଦେଖି
ଚାରା ନେଇ ଲଗାଇବ
ବଡ଼ ହୋଇ ଛାଇ ଫୁଲ ଫଳ ବାୟୁ
ଅମ୍ଳଜାନ ଯୋଗାଇବ ।

ସବୁଜ ସୁନ୍ଦର ଦିଶିବ ଗାଆଁଟି
ବରଷା ବି ହେଉଥିବ
ନଦୀ ପୋଖରୀରେ ଭରିଯିବ ଜଳ
ଚାଷ କାମେ ଲାଗୁଥିବ ।

ଖାଲ ଖମା ଦେଖି ପୋତି ଦେବ ପିଲେ
ସମତୁଲ କରିଦେବ
ତୁମେମାନେ ମିଶି ଆମ ପରିବେଶ
ସ୍ୱଚ୍ଛ ନିତି ରଖୁଥିବ ।

ପଲିଥିନ୍ ଜରି ପଚା ଜିନିଷଠୁ
ସଫା ରଖ ପରିବେଶ
ଜୀବାଣୁ କୀଟାଣୁ ମଶା ମାଛି ଘରେ
କରିବେ ନାହିଁଟି ବାସ ।

ହେବନାହିଁ ଜ୍ୱର ମାରାତ୍ମକ ରୋଗ
ଶରୀର ଭଲ ରହିବ
ଭଲ ପାଠ ପଢି ସୁସ୍ଥ ସମାଜଟେ
ତୁମ ହାତରେ ଗଢ଼ିବ ।

ଦୂଷିତ ଜଳଠୁ ଦୂରେ ରହି ପିଅ
ନଳକୂପ ପାଣି ଛାଣି
ରୋଗ ହେବନାହିଁ ତୁମଠୁ ପଇସା
ବଇଦ ନେବନି ଗଣି ।

+ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ: ୯୨୩୮୯୯୬୬୪୯

## ଭୟକଲେ ଜୟ କରି ହୁଏ ନାହିଁ

### ସନ୍ତୋଷ କୁମାର ଅଦାବର



ସୁମନ ଏଥର ଦଶମ ବୋର୍ଡ ପରୀକ୍ଷା ଦେବ । ପୂର୍ବ ଶ୍ରେଣୀ ଗୁଡ଼ିକରେ ସେ ଭଲ କରିଛି । ଏହି ଆସୁଥିବା ବୋର୍ଡ ପରୀକ୍ଷା ପାଇଁ ମଧ୍ୟ ସେ ଭଲ ଭାବରେ ପ୍ରସ୍ତୁତ ହେଉଛି । ସବୁ ବର୍ଷ ଭଳି ଏବର୍ଷ ମଧ୍ୟ ସେ ଏକ ଦୈନିକ ରୁଟିନ୍ ପ୍ରସ୍ତୁତ କରିଛି । ଶଯ୍ୟାତ୍ୟାଗ କରିବା, ବ୍ରସ କରିବା, ଗାଧୋଇବା, ଭୋଜନ, ଶୌଚ, ବ୍ୟାୟାମ ଆଦିର ଏକ ସମୟ ସାରଣୀ ତିଆରି କରି ସେ ଅନୁସାରେ କାର୍ଯ୍ୟ ସମ୍ପାଦନ କରୁଅଛି । ସମୟ ସାରଣୀରେ ସେ ଖେଳ ସମୟକୁ ମଧ୍ୟ ରଖିଛି । ତା’ର ପାଠପଢ଼ା ସମୟରେ ସେ ଅନ୍ୟମନସ୍କ ନ ହୋଇ ମନ ଲଗାଇ ପଢୁଛି । କୌଣସି ବିଷୟରେ ସନ୍ଦେହ ଆସିଲେ ସେ ଗୁରୁଜନଙ୍କର ସାହାଯ୍ୟ ନେଉଛି ।

ଏତେ ଭଲ ପ୍ରସ୍ତୁତ ସତ୍ତ୍ୱେ ସୁମନର ମନରେ ଏକ କୃତ୍ରିମ ଭୟ ରହିଯାଉଛି । ନୂଆକରି ସେ ବୋର୍ଡ ପରୀକ୍ଷା ଦେବ । କେମିତି ପରୀକ୍ଷା କେନ୍ଦ୍ର ହେବ ? ପରୀକ୍ଷା ସମ୍ପାଦନ କରିବା ପାଇଁ କିଭଳି ନୂଆ ଶିକ୍ଷକ ଆସିବେ ? ବୋର୍ଡର ପ୍ରଶ୍ନପତ୍ର କେମିତି ହୋଇଥିବ ? ଏହିଭଳି ଅନେକ ପ୍ରଶ୍ନ ତା’ର ମନରେ ଉଙ୍କି ମାରୁଥାଏ । ଏସବୁ ଗୋଟିଏ ପ୍ରକାର ତାକୁ ଭୟ ସୃଷ୍ଟି କରୁଥାଏ ।

ସେଦିନ ଥିଲା ସୋମବାର। ସୁମନ ପଢୁଥିବା ବିଦ୍ୟାଳୟର ସାହୁ ସାର୍ ଏକ ସଭା ଡକାଇଥିଲେ । ଆଗାମୀ ଦଶମ ବୋର୍ଡ ପରୀକ୍ଷା ଦେବାକୁ ଥିବା ଦଶମ ଶ୍ରେଣୀର ପିଲାଙ୍କୁ କେବଳ ସେହି ସଭାକୁ ଡକାଯାଇଥିଲା । ସାହୁ ସାର୍ ପୂର୍ବରୁ ମଧ୍ୟ ପିଲାମାନଙ୍କୁ ପରୀକ୍ଷା ପାଇଁ ପ୍ରସ୍ତୁତ ହେବାର ସୁନ୍ଦର ଉପାୟ ସବୁ ପ୍ରଦାନ କରିଛନ୍ତି । ତାଙ୍କର ସେ ସମସ୍ତ ଉପାୟ ଛାତ୍ର ଛାତ୍ରୀମାନେ ଭଲ ଭାବରେ ପାଳନ କରିଥାଆନ୍ତି । ତାଙ୍କର ଉପାୟ ସବୁ ପିଲାଙ୍କୁ ସହଜ ଏବଂ ସରଳ ଲାଗିଥାଏ । ସେ ସବୁ ପିଲାଙ୍କୁ ସାହସ ଏବଂ ଆଗକୁ ବଢ଼ିବାକୁ ଦେଇଥାଏ । ସେଦିନର ସଭା କେବଳ ଅଧ ଘଣ୍ଟାର ଥିଲା । ସେ ଅଧ ଘଣ୍ଟାରେ ସାହୁ ସାର୍ କହିଲେ- ‘ପିଲାମାନେ, ତୁମେ ସଭିଏଁ ନିଶ୍ଚିତ ଭଲ ଭାବରେ ଆଗାମୀ ବୋର୍ଡ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଛ । ଏହା ମୋର ବିଶ୍ୱାସ । କିନ୍ତୁ ଆଜିର ଏଇ ସ୍ୱଳ୍ପ ସମୟର ବିଷୟ ହେଲା- ଆଗାମୀ ବୋର୍ଡ ପରୀକ୍ଷା ପାଇଁ କିପରି ଆମେ ଭୟ ନ କରି ଭଲ ଭାବରେ ନିଜର ଉତ୍ତମ ପ୍ରଦର୍ଶନ କରିବା ସେ ଉପରେ କହୁଛି। ପରୀକ୍ଷା କେନ୍ଦ୍ର,ପରୀକ୍ଷା ପରିଚାଳନାର କାର୍ଯ୍ୟକର୍ତ୍ତା, ପ୍ରଶ୍ନପତ୍ର ଆଦିକୁ ନେଇ ଜମାରୁ ବ୍ୟସ୍ତ ବିବ୍ରତ,ବିଚଳିତ ବା କୃତ୍ରିମ ଭୟ ସୃଷ୍ଟି କର ନାହିଁ। ଏହା ତୁମେମାନେ ଆଗରୁ ଦେଇ ଆସୁଥିବା ପରୀକ୍ଷା ଗୁଡ଼ିକ ଭଳି । ଆମେ ମଧ୍ୟ ତୁମ ଭଳି ଛାତ୍ରାବସ୍ଥା ଦେଇ ଆସିଛୁ । ଆମେ ବି ସେମିତି ଅନେକ କଥା ଭାବୁଥିଲୁ । ପରୀକ୍ଷା କେମିତି କ’ଣ ହେବ...ଏଭଳି ଭାବନା ଆମ ମନରେ ଥିଲା। ଭଲ ଭାବରେ ପଢ଼ି ମଧ୍ଯ ଭୟ କରୁଥିଲୁ । କିନ୍ତୁ ପରୀକ୍ଷାର ପ୍ରଥମ ଦିନରେ ହିଁ ଆମର ସେସବୁ ଭାବନା ଚିନ୍ତା ଉଭାନ୍ ହୋଇ ଯାଇଥିଲା । ଏହା ଅନ୍ୟ ପରୀକ୍ଷା ଭଳି ଲାଗିଲା। ସେଇଭଳି କୋଠରୀ,ସେଇଭଳି ପରୀକ୍ଷା କାର୍ଯ୍ୟ ତୁଲାଉଥିବା ଶିକ୍ଷକ ଶିକ୍ଷୟିତ୍ରୀ,ସେଇଭଳି ପ୍ରଶ୍ନପତ୍ର... ସବୁ ଆଗ ଭଳି ଲାଗିଲା । ଧିରେଧିରେ ଆମ ମନରେ ଆତ୍ମବିଶ୍ୱାସ ଦୃଢ଼ୀଭୂତ ହେଲା । ଭୟ ସବୁ ଗାୟବ୍ ହେଇଗଲା । ପରୀକ୍ଷା ବହୁତ ବଢ଼ିଆ ହୋଇ ଫଳାଫଳ ବି ବଢ଼ିଆ ହେଲା । ତେଣୁ ତୁମେ ମାନେ ଆଗାମୀ ବୋର୍ଡ ପରୀକ୍ଷା ପାଇଁ ଆଦୌ ବିଚଳିତ ବା ଭୟ ନ କରି ଆରାମରେ ସମୟର ସଦୁପଯୋଗ କରି ପଢ଼ି ଚାଲ । ଭୟ କଲେ ଆମେ ଜୟ କରିପାରିବା ନାହିଁ, ଅର୍ଥାତ୍ ଆମର ଲକ୍ଷ୍ୟ ହାସଲ କରି ପାରିବା ନାହିଁ ।’

ସାହୁସାରଙ୍କର ଏ କଥା ସବୁକୁ ପିଲାମାନେ ମନ ଦେଇ ଶୁଣିଲେ । ଏହାଦ୍ୱାରା ସେମାନଙ୍କର ଆତ୍ମବିଶ୍ୱାସ ଦୃଢ଼ୀଭୂତ ହେଲା। ସୁମନର ମଧ୍ୟ ସେଭଳି ଅନେକ ଭାବନା ଆଉ ଭୟ ଦୂର ହେଲା । ମନରେ ସାହସ ଏବଂ ଆଗକୁ ବଢ଼ିବାର ବଳ ଦ୍ୱିଗୁଣିତ ହେଲା।

+ ବୀରମହାରାଜପୁର,ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮

## କ୍ଷୁଦ୍ର ନ ମଣରେ କେହି

### ଭାସ୍କର ରାଉତ

ଆଜିର ଏ କଢ଼ି କାଲିକି ସେ ବଢ଼ି
ଫୁଟିବ ସେ ଫୁଲ ହୋଇ
ତା ମହକ ପାଇ ହସିବ ଏ ଭୂଇଁ
ତା ଯତନ ନିଅ ତୁହି।
କରନାହିଁ ଅବହେଳା,
କଲେ ଅବହେଳା ବୁଡ଼ି ଯିବ ଭେଳା
ସରବେ ହେବ ବାଉଳା।
ଗୋଟି ଗୋଟି ଫୁଲ ମିଶି ହୋଇ ମାଳ
ନିଜର ମୂଲ୍ୟ ବଢ଼ାନ୍ତି
ଜଳ ବିନ୍ଦୁବିନ୍ଦୁ ମିଶି ହୋଇ ସିନ୍ଧୁ
ଜୀବ ଜଗତ ବଞ୍ଚାନ୍ତି।
ଜଳ ବିନ୍ଦୁସମ ସେହି,
ଥରେ ବହିଗଲେ ନପାଇବ ଭଲେ
ତରକି ରହିଥା ଚାହିଁ।
ସାଜି ନବ ରବି ଦେଖାଇବେ ଛବି
ଅନ୍ଧାର ଦେବେ ହଟାଇ
ଆଲୋକେ ତାଙ୍କର ହସିବ ସଂସାର
ଏକଥାକୁ ଭୁଲ ନାହିଁ।
ବିପ୍ଲବ ଆଣିବେ ସେହି,
କ୍ଷୁଦ୍ର ପରମାଣୁ ଶକତି ନଜାଣୁ
କ୍ଷଣିକେ ପାରଇ ଦହି।
ଅସୀମ ଶକତି ତା ମଧ୍ୟେ ଅଛନ୍ତି
କଳନା କରି ନୁହଇ
ଆସିଲେ ସମୟ ଦେବ ପରିଚୟ
ବିଭିନ୍ନ ରୂପରେ ସେହି।
ହଜିବାକୁ ଦିଅ ନାହିଁ,
ଦେଶ ଜାତି ମାନ ହେବ ତେଜୀୟାନ
ବିକଶିତ କର ରହି।

+ଦେବମାୟା ଭବନ
ଶେରଗଡ଼,ଗଞ୍ଜାମ
ମୋ: ୯୭୭୬୪୮୬୬୨୮

## ନାହିଁରେ ନାହିଁ

### କୀର୍ତ୍ତନ ସାହୁ

ନାହିଁରେ ନାହିଁ କରିବା ନାହିଁ
ପାଣିର ଅପଚୟ
ପାଣିକୁ ନଷ୍ଟ କରିଲେ ଆମେ
ହଇରାଣଟି ଥୟ ।

ନାହିଁରେ ନାହିଁ ଦେବାରେ ନାହିଁ
ଗଛକୁ କେବେ ହାଣି
ଗଛ ହିଁ ଆମ ଜୀବନ ପରା
କଥାଟି ଥିବା ଜାଣି ।

ନାହିଁରେ ନାହିଁ କରିବା ନାହିଁ
ବାୟୁକୁ ପ୍ରଦୂଷଣ
ବିଶୁଦ୍ଧ ବାୟୁ ଆମର ଲୋଡା
ଏ କଥା ସତ ମଣ ।

ନାହିଁରେ ନାହିଁ କରିବା ନାହିଁ
ମାଟିର ଅପବ୍ୟୟ
ମାଟି ମାଆଟି ଆମ ସାହାଟି
ରଖିବା ସେଠି ଲୟ ।

ନାହିଁରେ ନାହିଁ କରିବା ନାହିଁ
ପରିବେଶକୁ ନଷ୍ଟ
କରିବା ଯଦି ଆଣିବା ଆମେ
ଆପଣା ପାଇଁ କଷ୍ଟ ।

+ ମିଶ୍ର କଲୋନୀ
ଶାଳପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧

# ନବନିର୍ମାଣ କୃଷକ ସଂଗଠନ ଜରିଆରେ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ସୁବର୍ଣ୍ଣପୁର,୦୯/୫(ନି. ପ୍ର): ନବନିର୍ମାଣ କୃଷକ ସଂଗଠନ ସୁବର୍ଣ୍ଣପୁର ଜରିଆରେ ଡୁଙ୍ଗୁରିପାଲି ବ୍ଲକ୍ ଚାଷୀ ମାନଙ୍କର ଏକ ପ୍ରତିନିଧି ଦଳ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କୁ ଭେଟିଛନ୍ତି । ସେମାନେ ଜଣାଇଛନ୍ତି ଯେ, ୧୦ ମଇ ରେ ହୀରାକୁଦ କେନାଲ ପାଣି ବନ୍ଦ ହୋଇଗଲେ ଅନେକ ଅଂଚଳ, ଯେଉଁଠାରେ ଧାନ ଚାଷ ଆରମ୍ଭ ବିଳମ୍ବ ହୋଇଥିଲା ଯଥା ଭିମଟିକିରା, ଅନ୍ଧାରିବାଞ୍ଜି, ବଡକର୍ଲେ, ପଣ୍ଡକିଟାଲ, ବେହେରାମାଲ୍, ରାମପୁର, ସମେଲେଇଟୁଁଆ ଆଦିରେ ଧାନ ଅପରିପକ୍ୱ ହେବ ଓ ତଦ୍ୱାରା କଟନି ଛଟିନି ସମସ୍ୟା ବଢିବ ତଥା ଉତ୍ପାଦନ କମିବା ଦ୍ୱାରା ଚାଷୀ କ୍ଷତି ସହିବାର ସମ୍ଭାବନା ବଢିଯିବ । ଏଣୁ ଆସିଥିବା ଚାଷୀ ପ୍ରତିନିଧି ମାନେ କହିଛନ୍ତି ଜଳସେଚନର ଅବଧିକୁ ଅନ୍ୟୁନ ୨୦ ମଇ ପର୍ଯ୍ୟନ୍ତ ବୃଦ୍ଧି କରାଯାଉ ତଦ୍ୱାରା ତଳିମୁଣ୍ଡ ର ଡୁଙ୍ଗୁରିପାଲି ଓ ବିନିକା ବ୍ଲକ୍ ର ଚାଷୀ ମାନେ ଉପକୃତ ହେବେ । ଆହୁରି ମଧ ନବନିର୍ମାଣ କୃଷକ ସଂଗଠନ ଜିଲ୍ଲା ସଭପତି ପ୍ରଦ୍ୟୁମ୍ନ ପାଢ଼ୀ କ୍ଷୋଭ ପ୍ରକାଶ କରି ଜିଲ୍ଲାପାଳଙ୍କୁ ଜଣାଇଛନ୍ତି ଯେ, ବିଗତ ଅଦିନିଆ ବର୍ଷାରେ ଏହି ସବୁ ଅଂଚଳରେ ହୋଇଥିବା ବ୍ୟାପକ କ୍ଷୟକ୍ଷତି ଆକଳନ କରିବା ପାଇଁ ଏଯାଏଁ କୌଣସି ଅଧିକାରୀ ଯାଇନାହାନ୍ତି ଭି ଏ ଡବ୍ଲୁ, ଆର୍ ଆଇ ଠୁ ଆରମ୍ଭ କରି ସବୁ ଅଧିକାରୀ ଏସି ରୁମ୍ ଭିତରୁ ଚାଷୀର ଭାଗ୍ୟ ସହ ଖେଳୁଛନ୍ତି । ସେମିତିରେ ବି କ୍ଷୟକ୍ଷତି ଆକଳନ, କ୍ଷତିପୂରଣ ପ୍ରଦାନ, ଚାଷୀଙ୍କୁ ଇନ୍ସୁରାନ୍ସ ଦେବା ଆଦିରେ ସୋନପୁର ଜିଲ୍ଲା ତଳ ପଟୁ ପ୍ରଥମ । ଏଣୁ ଶୀଘ୍ର ଆକଳନ ସହ ୨୦ ତାରିଖ ପର୍ଯ୍ୟନ୍ତ ଜଳସେଚନ ଅବଧି ବୃଦ୍ଧି ନକଲେ ସଂଗଠନ ତରଫରୁ ଭୀଷଣ ଆନ୍ଦୋଳନ କରିବାର ସେ ଚେତାବନୀ ଦେଇଛନ୍ତି ।

# ଗୁଜୁରାଟରୁ ୩ ସାଇବର ଲୁଟେରା ଗିରଫ

ମାଲକାନଗିରି,୦୯/୫(ନି. ପ୍ର): ବଡ଼ ଧରଣର ସାଇବର ଠକେଇର ପର୍ଦାଫାସ କରି ଗୁଜରାଟରୁ ୩ ଜଣ ସାଇବର ଲୁଟେରାଙ୍କୁ ଗିରଫ କରିଛି କ୍ରାଇମବ୍ରାଂଚ । ମାଲକାନଗିରି ହାଇଟେକ୍ କଲୋନିର ମନୋଜ କୁମାର ଲାଉଡ଼ିଆଙ୍କ ଅଭିଯୋଗକ୍ରମେ କ୍ରାଇମବ୍ରାଂଚ ମାମଲାର ତଦନ୍ତ କରି ସଫଳତା ପାଇଛି କ୍ରାଇମବ୍ରାଂଚ । ଗିରଫ ଅଭିଯୁକ୍ତମାନେ ହେଲେ ମହମ୍ମଦ ମାଜ ଜୁବେରଭାଇ ଘାନଚି (୧୮), ଠାକର କରଶାନଜୀ ଶୋଭାଜୀ (୪୮) ଏବଂ କୁରେଶି କରଶାନଜୀ ଶୋଭାଜୀ (୩୧) । ଇଡି, ସିବିଆଇ, ପୁଲିସ, ଅର୍ଥ ବିଭାଗ, ନ୍ୟାୟାଳୟ ଅଧିକାରୀ ପରିଚୟ ଦେଇ ମନୋଜଙ୍କ ନିକଟରୁ ଗିରଫ ଅଭିଯୁକ୍ତମାନେ ୮୭ ଲକ୍ଷ ୬୩ ହଜାର ଟଙ୍କା ଠକି ନେଇଛନ୍ତି । କ୍ରାଇମବ୍ରାଂଚ ଇନିସ୍ପେକ୍ଟର ବିଭୁରଞ୍ଜନ ସୁନ୍ଦରାୟଙ୍କ ନେତୃତ୍ୱରେ ଏକ ଟିମ୍ ମାମଲାର ତଦନ୍ତ କରି ଗୁଜରାଟରୁ ଅଭିଯୁକ୍ତଙ୍କୁ ଗିରଫ କରିଛି । ୨୦୨୪ ଅଗଷ୍ଟରେ ମନୋଜ ଲାଉଡ଼ିଆଙ୍କୁ ଏକ ଅଜଣା ନମ୍ବର ୯୧୨୭୩୧୩୩୩୩ରୁ କଲ୍ ଆସିଥିଲା । ଟେଲିକମ୍ ରେଗୁଲେଟରି ଅଥରିଟି ଅଫ୍ ଇଣ୍ଡିଆରୁ କହୁଥିବା କହି ଅର୍ଥ ହେରଫେର, ମାନବ ଚାଲାଣ, ପରିଚୟ ଚୋରି, ଡ୍ରଗ୍ସ କାରବାରରେ ସମ୍ପୃକ୍ତ ଥିବା ନେଇ ଅଭିଯୁକ୍ତମାନେ ମନୋଜଙ୍କୁ ଡରାଇଥିଲେ । ଅଭିଯୁକ୍ତମାନେ ମନୋଜଙ୍କୁ ଟେଲିଗ୍ରାମ, ସ୍କାଇପ୍ ମାଧ୍ୟମରେ ଯୋଗାଯୋଗ କରୁଥିଲେ । ପରବର୍ତୀ ସମୟରେ ଅଭିଯୁକ୍ତମାନେ ମନୋଜଙ୍କୁ ଏକ ନକଲି ସରକାରୀ ଦଲିଲ୍ ପଠାଇଥିଲେ । ଯେଉଁଥିରେ ସୁପ୍ରିମକୋର୍ଟ ନୋଟିସ୍, ଇଡିର ଗିରଫ ୱାରେଂଟ ଏବଂ ଅନ୍ୟାନ୍ୟ ଆଇନ ସମ୍ବନ୍ଧୀୟ ଦଲିଲ ଥିଲା । ମନୋଜ ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ନେଇ ମଧ୍ୟ ଅଭିଯୁକ୍ତମାନେ ଡରାଇ ଥିଲେ ଏବଂ ସହଯୋଗ ନ କଲେ ଗିରଫ କରିବାକୁ ଚେତାବନୀ ଦେଇଥିଲେ । ମନୋଜ ଗିରଫ ଭୟରେ ମୋବାଇଲ୍ ନମ୍ବର ବଦଳାଇ ଦେଇଥିଲେ । ୨୦୨୪ ଅଗଷ୍ଟ ୩୦ରୁ ଅକ୍ଟୋବର ୨୩ ମଧ୍ୟରେ ବିଭିନ୍ନ ସମୟରେ ମନୋଜ ସାଇବର ଲୁଟେରାଙ୍କୁ ୮୭ ଲକ୍ଷ ୬୩ ହଜାର ୫୧୦ ଟଙ୍କା ପ୍ରଦାନ କରିଥିଲେ ।

# ପୁରୀରେ ବିଶ୍ୱ ରେଡକ୍ରସ ଦିବସ ପାଳିତ

ପୁରୀ,୦୯/୫(ନି. ପ୍ର): ରେଡକ୍ରସ ବିଶ୍ୱ ର ସର୍ବ ବୃହତ ମାନବ ସେବାକାରୀ ଅନୁଷ୍ଠାନ । ପ୍ରାକୃତିକ ବିପର୍ଯ୍ୟୟ, ଯୁଦ୍ଧ ବା ଅନ୍ୟ ଯେ କୌଣସି ବିପର୍ଯ୍ୟୟ ର ସମ୍ମୁଖୀନ ମଣିଷ ମାନଙ୍କୁ ସହାୟତା ପାଇଁ ରେଡକ୍ରସ ସର୍ବ ପ୍ରଥମେ ପହଂଚି ଥାଏ । ଯୁଦ୍ଧ କ୍ଷେତ୍ରରେ ମଧ ଭେଦଭାବ ନ ରଖି ସେବା ଦେଇ ଥାଏ । ପୁରୀ ଜିଲ୍ଲା ରେଡକ୍ରସ ଶାଖା ସେହିପରି ମାନବସେବା କୁ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛି ଓ ଏହି ସେବାକୁ ଆହୁରି ପରିବ୍ୟାପ୍ତ କରିବାକୁ ଆହ୍ୱାନ ଦେଇଛନ୍ତି ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା । ଆଜି ବିଶ୍ୱ ରେଡ଼କ୍ରସ ଦିବସ ଅବସରରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ ରେଡ଼କ୍ରସ ପତାକାକୁ ଉତୋଳନ, ମହାପ୍ରଭୁଙ୍କ ପ୍ରତିମୂର୍ତି ଓ ରେଡକ୍ରସ ପ୍ରତିଷ୍ଠାତା ସାର ହେନେରୀ ଡୁନାଂଟଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ସମ୍ମିଳନୀ ଗୃହରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ବେହେରା ସେବା ଏକ ଐଶ୍ୱରୀୟ ଗୁଣ । ଏହାକୁ ପ୍ରଦାନ କରୁଥିବା ପ୍ରତ୍ୟେକ ବ୍ୟକ୍ତି ମହାନ ଅଟନ୍ତି । ସମାଜରେ ବିଭିନ୍ନ ସେବାରେ ବ୍ରତୀ ସ୍ୱେଚ୍ଛାସେବୀ ମାନେ ସେମାନଙ୍କ ସେବାକୁ ଜାରି ରଖିବା, ବିଶେଷ କରି ରାସ୍ତା ଦୁର୍ଘଟଣାର ଶିକାର ବ୍ୟକ୍ତି ମାନଙ୍କୁ ଗୋଲଡେନ ପିରିୟଡ଼ ମଧରେ ଉଦ୍ଧାର କରି ସେବା ଯୋଗାଇଲେ ଅନେକ ମୂଲ୍ୟବାନ ଜୀବନ ବଂଚିପାରିବ ବୋଲି ସେ ମତ ଦେଇଥିଲେ । ରେଡକ୍ରସ ପୁରୀ ଜିଲ୍ଲା ଶାଖାର ସମ୍ପାଦକ ତଥା ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଅତିରିକ୍ତ ଶିକ୍ଷା ଅଧିକାରୀ ଭାମନ ପ୍ରଧାନ, ରେଡକ୍ରସ ର ଯୁଗ୍ମ ସମ୍ପାଦକ ଗୀତାଞ୍ଜଳି ପଣ୍ଡା, କାର୍ଯ୍ୟକାରିଣୀ ସଦସ୍ୟ ଜୟନ୍ତୀ ମହାପାତ୍ର ପ୍ରମୁଖ ଯୋଗଦେଇ ରେଡକ୍ରସ ସଂସ୍ଥା, ପ୍ରତିଷ୍ଠାତା ହେଳାରୁ ଡୁନାଂଟ ଓ ସେବା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ ।

ଏହି ଅବସରରେ ରେଡକ୍ରସ ସଂଘ ପକ୍ଷରୁ ବିଶେଷ ଅବଦାନ ପାଇଁ ୮ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୧୭ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଆୟୁର୍ବେଦ ମହାବିଦ୍ୟାଳୟ ଓ କମଳା ଦେବୀ ମାତୃ ଚିକିତ୍ସାଳୟର ରୋଗୀ ମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା । ପୂର୍ବାହ୍ନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରୁ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ରେଡକ୍ରସ କର୍ମଚାରୀ, ଆଜୀବନ ସଦସ୍ୟ, ଜୁନିୟର ରେଡକ୍ରସ ସଦସ୍ୟ, ଛାତ୍ରଛାତ୍ରୀ ପ୍ରମୁଖ ଯୋଗ ଦେଇଥିଲେ ।

# ଫୁଲବାଣୀରେ ବିଶ୍ୱ ରେଡକ୍ରସ୍ ଦିବସ ପାଳନ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର :୬୪ ୟୁନିଟ୍ ରକ୍ତ ସଂଗ୍ରହ

କନ୍ଧମାଳ,୦୯/୫(ନି. ପ୍ର): ବିଶ୍ୱ ରେଡକ୍ରସ୍ ଦିବସ ପାଳନ ଅବସରରେ ଫୁଲବାଣୀରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଫୁଲବାଣୀରେ କନ୍ଧମାଳ ଜିଲ୍ଲାପାଳ ସଭାବନା ସଭାଗୃହରେ ଏକ ସଭାର ଆୟୋଜନ କରାଯାଇଥିଲା । କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, କୁଶଳ ଚନ୍ଦ୍ର ନାୟକଙ୍କ ଅଧକ୍ଷତା କରିଥିଲେ । ଏହି ଅବସରରେ ଅନ୍ୟତମ ଅତିଥି ଭାବେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ କନ୍ଧମାଳ ଶମ୍ଭୁନାଥ ନନ୍ଦୀ, ଫୁଲବାଣୀ ଉପଜିଲ୍ଲାପାଳ ଭିକାରୀ ସାହୁ ପ୍ରମୁଖ ଯୋଗଦେଇ ରେଡକ୍ରସ୍ ର ପ୍ରାରମ୍ଭ ଠାରୁ ଆଜି ପର୍ଯ୍ୟନ୍ତ ବିଭିନ୍ନ ଜନ ସେବା କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ଆପାତକାଳୀନ ଅଧିକାରୀ ତଥା ଜିଲ୍ଲା ରେଡକ୍ରସ୍ ସମ୍ପାଦକ ରଞ୍ଜନ କୁମାର ମାର୍ଥା ସଭାକୁ ପରିଚାଳନା କରିଥିଲେ । ଏହି ଅବସରରେ ଚଳିତ ବର୍ଷ ଜିଲ୍ଲା ରେଡକ୍ରସ୍ କୁ ସର୍ବାଧିକ ଆର୍ଥିକ ଅନୁଦାନ ପ୍ରଦାନ କରିଥିବା ଜିଲ୍ଲା ବେସାମରିକ ଖାଉଟି ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରୀୟ ମିଶ୍ରଙ୍କୁ ପ୍ରଥମ ପୁରସ୍କାର, ଜିଲ୍ଲା ଅବକାରୀ ଅଧିକ୍ଷକ ସୁଶାନ୍ତ କୁମାର ପାଢୀଙ୍କୁ ଦ୍ୱିତୀୟ ଏବଂ ଜିଲ୍ଲା ଜୁଡିସିଆଲ ଅଧିକାରୀ ଅନୁପମ ଆଚାର୍ଯ୍ୟଙ୍କୁ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା । ପରେ ସେଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲା ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରୀୟ ମିଶ୍ର, ଫୁଲବାଣୀ ବିଡିଓ ସୌମ୍ୟରଞ୍ଜନ ପାତ୍ର, ଫୁଲବାଣୀ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀଙ୍କ ସମେତ ଅନେକ ନୂତନ ରକ୍ତଦାତା ସ୍ୱେଚ୍ଛାକୃତ ଭାବେ ଆସି ରକ୍ତଦାନ କରିଥିଲେ । ଶିବିରରେ ଫୁଲବାଣୀର ବରିଷ୍ଠ ରକ୍ତଦାତା ତଥା ସମାଜସେବୀ ପ୍ରଶାନ୍ତ କୁମାର ବେହେରା, ଫୁଲବାଣୀ ରକ୍ତଭଣ୍ଡାର ଅଧିକାରୀ ଡ. ଜୟଦୀପ ଘୋଷଙ୍କ ପରିଚାଳନାରେ ରକ୍ତଭଣ୍ଡାର କର୍ମଚାରୀ ସୁଜିତ କୁମାର ସାହୁ, ପ୍ରଶାନ୍ତ କୁମାର ରହ୍ଲାଲୁ, ରଶ୍ମିତା ନାୟକ ଓ ବରୁଣ ବେହେରା ପ୍ରମୁଖ ରକ୍ତ ସଂଗ୍ରହ କାର୍ଯ୍ୟକୁ ସମ୍ପାଦନ କରିଥିଲେ । ଏହି ଶିବିରରେ ସମୁଦାୟ ୬୪ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । କନ୍ଧମାଳ ସିଡିଏମଓ ତୁଷାରକାନ୍ତ ସାମଲଙ୍କ ସମେତ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଜିଲ୍ଲା ଜୁନିୟର ରେଡକ୍ରସ୍ ର କର୍ମକର୍ତା ମାନେ ସ୍ଥାନୀୟ ସତ୍ୟସାଇ ହାଇସ୍କୁଲରେ ବିଶ୍ୱ ରେଡକ୍ରସ୍ ଦିବସ ପାଳନ କରିଥିଲେ ।

# ଅଖିଳ ଭାରତ ଯୁବ ସଂଘର ଦୁଇଦିନିଆ ସମ୍ମିଳନୀ ଅନୁଷ୍ଠିତ

ଜୟପୁର,୦୯/୫(ନି. ପ୍ର): ସମ୍ବିଧାନ ସୁରକ୍ଷା, ଦେଶର ଐକ୍ୟ, ଫାଶୀବାଦୀ ଶକ୍ତି ବିରୁଦ୍ଧରେ, କୋରାପୁଟର ଖଣି ପାଣି ଆଦାନୀକୁ ଟେକିଦେବା ବିରୁଦ୍ଧରେ ଏବଂ ବେକାରୀ ସମସ୍ୟା ସମାଧାନ ପାଇଁ ନେଇ ଯୁବ ସଂଘ ଆନ୍ଦୋଳନ କୁ ଶକ୍ତିଶାଳୀ କରିବ । ଅଖିଳ ଭାରତ ଯୁବ ସଂଘର ତ୍ରୟୋଦଶ ରାଜ୍ୟ ସମ୍ମିଳନୀ ଐତିହ୍ୟ ଓ ସଂସ୍କୃତି ସମ୍ପର୍ଣ୍ଣ କୋରାପୁଟ ଜିଲ୍ଲା ସଦରମହକୁମା କୋରାପୁଟ ସହରର ଟାଉନ୍ ହଲ୍ ଠାରେ ମେ' ୭,୮ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଅଛି । ପ୍ରଥମ ଦିନ ଆର୍ ଟି ଓ ଅଫିସ୍ ଛକରୁ ଏକ ବର୍ଣ୍ଣାଢ଼୍ୟ ପଟୁଆର ପାରମ୍ପରିକ ଆଦିବାସୀ ନୃତ୍ୟ ଓ ବାଜା ସହ ବାହାରି ସହର ର ମୁଖ୍ୟ ରାସ୍ତା ଦେଇ ଟାଉନ୍ ହଲ ଠାରେ ପହଂଚିଥିଲା । ସମ୍ମିଳନୀ ଅଂଚଳକୁ ସହୀଦ୍ ଲକ୍ଷ୍ମଣ ନାୟକଙ୍କ ନାମରେ ନାମିତ କରାଯାଇଥିଲା । ସେଠାରେ ଯୁବ ସଂଘ ର ପତାକାକୁ ଜାତୀୟ ସାଧାରଣ ସମ୍ପାଦକ ଶ୍ରୀ ତିରୁମଲ୍ଲାଇ ରମନ ( ତାମିଲନାଡୁ) ଉତ୍ତୋଳନ କରିବା ପରେ ସହୀଦ୍ ବେଦୀରେ ପୁଷ୍ପାଞ୍ଜଳି ପ୍ରଦାନ କରି ରାଜ୍ୟ ର ବିଭିନ୍ନ ଜିଲ୍ଲାରୁ ଆସିଥିବା ପ୍ରତିନିଧି ମାନେ ପ୍ରବେଶ କରିଥିଲେ । ଶ୍ରୀ କୁମର ଜାନୀଙ୍କ ନେତୃତ୍ୱରେ ଗଠିତ ସଭାପତି ମଣ୍ଡଳୀ ସଭା ପରିଚାଳନା କରିଥିଲେ । ପ୍ରାରମ୍ଭରେ ଅଭ୍ୟର୍ଥନା କମିଟିର ଅଧକ୍ଷ ପ୍ରମୋଦ କୁମାର ମହାନ୍ତି ଶାବର ଶ୍ରୀକ୍ଷେତ୍ର ସହୀଦ ଲକ୍ଷ୍ମଣ ନାୟକଙ୍କ ମାଟିକୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ସମ୍ମିଳନୀର ସଫଳତା କାମନା କରିଥିଲେ । ପେହେଲଗାମ୍ ଆତଙ୍କି ହାମଲାରେ ମୃତ ବ୍ୟକ୍ତି ଓ ଦିବଙ୍ଗତ ଜନ ନେତା ତଥା ବିଶିଷ୍ଟ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ସମ୍ମିଳନୀକୁ ଉଦ୍ଘାଟନ କରି ଥିରୁମାଲ୍ଲାଇ ରମନ୍ କହିଥିଲେ ଯେ ଦେଶ ଏକ ଘଡିସନ୍ଧି ମୁହୂର୍ତ ଦେଇ ଗତି କରୁଛି । ଦେଶରେ ବେକାରୀ ସମସ୍ୟା ଉତ୍କଟ, ଦରଦାମ୍ ବୃଦ୍ଧି, ପୁଞ୍ଜିପତି ମାନଙ୍କ କଳେବର ବୃଦ୍ଧି ହେଲା ବେଳେ ୯୦ ଭାଗ ଲୋକ ବଂଚିବା ପାଇଁ ସଂଘର୍ଷ ରତ ଥିବା ବେଳେ ଆର୍ ଏସ୍ ଏସ୍ ନେତୃତ୍ୱରେ ପରିଚାଳିତ ବିଜେପି ସରକାର ଗତ ଦଶ ବର୍ଷ ହେଲା ଦେଶକୁ ହିନ୍ଦୁ ମୁସଲମାନ ଭିତିରେ ବାଂଟି ହିନ୍ଦୁ ରାଷ୍ଟ୍ର ଗଠନ ପାଇଁ ଖୁରାକ ଖୋଜୁଥିବା ବେଳେ ପାକିସ୍ତାନ ପ୍ରୋତ୍ସାହିତ ଆତଙ୍କବାଦୀ ମାନେ ପେହେଲଗାମରେ ନିରୀହ ଲୋକମାନଙ୍କୁ ଧର୍ମ ଭିତିରେ ହତ୍ୟା କରି ଦେଶରେ ହିନ୍ଦୁ ମୁସଲମାନ ବିଭେଦକୁ ଆହୁରି ଗଭୀର କରିବା ପାଇଁ ହୀନ ଉଦ୍ୟମ କରିଛନ୍ତି । ଠିକ୍ ଏହି ସମୟରେ ପିଓକେରେ ଥିବା ଆତଙ୍କବାଦୀ ଆଡ୍ଡା ଉପରେ ଭାରତୀୟ ସେନା ସଠିକ୍ ଆକ୍ରମଣ କରିଛି ଏବଂ ଏହି ଅପରେସନ ସିନ୍ଦୁରର ନେତୃତ୍ୱ ନେଇଛନ୍ତି ମୁସଲମାନ ମହିଳା କମାଣ୍ଡର ଓ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବିଜେପି ଓ ତାର ପ୍ରଚାର ବାହିନୀ ମୁସଲମାନଙ୍କ ବିରୁଦ୍ଧରେ ଯେଉଁ ଘୃଣା ସୃଷ୍ଟିର ଉଦ୍ୟମ କରୁଥିଲା ତାହା ପଣ୍ଡ ହୋଇଛି । ଏଥିସହ ଯୁବ ସଂଘ ଆହ୍ୱାନ କରୁଛି ଯେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଦେଶବାସୀ ଐକ୍ୟ ବଦ୍ଧ ରହି ସେନା ବାହିନୀକୁ ସମର୍ଥନ କରିବେ ଏବଂ ଅପର ପକ୍ଷରେ ଯୁଦ୍ଧର ବିଭୀଷିକାମୟ ପ୍ରଚାର ଜନିତ ରାଜନୈତିକ ଅଭିସନ୍ଧି ବିରୁଦ୍ଧରେ ମଧ ସତର୍କ ରହିବାକୁ ହେବ । ଭଗତ୍ ସିଂ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ପ୍ରଣୟନ କରି ଯୁବକ ମାନଙ୍କ ପାଇଁ ନିଯୁକ୍ତି ଗ୍ୟାରେଂଟି ଦେବା, ସମସ୍ତଙ୍କ ପାଇଁ ଏକ ପ୍ରକାର ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା କରିବା, ଦେଶର ସମ୍ପଦକୁ ପୁଞ୍ଜିପତି ମାନଙ୍କ ହାତକୁ ଟେକି ଦେବା ବନ୍ଦକରି କଳ କାରଖାନା ନିର୍ମାଣ କରିବା ଯୁବକ ମାନଙ୍କୁ ନିଯୁକ୍ତି ଦେବା, ସମସ୍ତ ସରକାରୀ ପଦପଦବୀ ପୂର୍ଣ୍ଣ କରିବା, ଘରୋଇ କମ୍ପାନୀରେ ସଂରକ୍ଷଣ ଲାଗୁ କରିବା ପାଇଁ ଯୁବ ସଂଘ ଲଢେଇ ଜାରି ରଖିବ । ଦୀର୍ଘ ଦିନ ର ଦାବି ଜାତି ଭିତିକ ଜନ ଗଣନାକୁ ଶେଷରେ ମୋଦୀ ସରକାର ମାନିଛନ୍ତି, ତାକୁ ଆମେ ସ୍ୱାଗତ କରୁଥିଲା ବେଳେ ସେହି ଅନୁପାତରେ ସକଳ ବର୍ଗଙ୍କୁ ସଂରକ୍ଷଣ ଦେବା ପାଇଁ ହେବ ବୋଲି ଯୁବ ସଂଘ ଦାବି କରିଛି । ଟଙ୍କା ଯାହାର, ଶିକ୍ଷା ତାହାର ନୀତି ବନ୍ଦ କରି ସମସ୍ତଙ୍କ ପାଇଁ ସମାନ ସୁଯୋଗ ଦେବାକୁ ଦାବି ହୋଇଛି । ଦେଶର ସମସ୍ତ ସାମ୍ବିଧାନିକ ସଂସ୍ଥାକୁ ବିଜେପି ସରକାର କବଳିତ କରିଛି । ସମ୍ବିଧାନ ରକ୍ଷା କରିବା ଯୁବକ ମାନଙ୍କ ଦାୟିତ୍ୱ । ସିପିଆଇ ରାଜ୍ୟ ସମ୍ପାଦକ ଶ୍ରୀ ଆଶିଷ କାନୁନଗୋ ସମ୍ବୋଧିତ କରି କହିଛନ୍ତି ଯେ, କୋରାପୁଟ ଜିଲ୍ଲାରେ ସବୁକିଛି ଅଛି । ପ୍ରଚୁର୍ଯ୍ୟରେ ଭରପୁର ଅବିଭକ୍ତ କୋରାପୁଟ ଜିଲ୍ଲା ର ସମ୍ପଦକୁ ଆଦାନୀ ପରି ଶିଳ୍ପପତିଙ୍କ ହାତକୁ ଟେକି ଦିଆଯାଉଛି ଏପଟେ କୋରାପୁଟ ଓ ରାଜ୍ୟର ଯୁବକ ଦାଦନ ଖଟିବାକୁ ସୁଦୂର କେରଳ ତାମିଲନାଡୁ ଯାଉଛନ୍ତି । ଯୁବ ସଂଘ ରାଜ୍ୟ ସଭାପତି ଶ୍ରୀ ପ୍ରଦୀପ ସେଠୀ ରାଜନୈତିକ ଓ ସାଂଗଠନିକ ରିପୋର୍ଟ ଆଗତ କରି କୋରାପୁଟର ମାଳି ପର୍ବତ ଅଞ୍ଚଳରୁ ଆଦିବାସୀଙ୍କୁ ଉତପାତ କରିବା ବିରୋଧରେ ଆନ୍ଦୋଳନ କୁ ସଫଳ କରିବା ପାଇଁ ପ୍ରସ୍ତାବ ଦେବା ସହ ନାଗେଶ୍ୱରୀ ପର୍ବତର ବାଲଡା ମାଇନ୍ସ କୁ ଆଦାନୀକୁ ଦେବାକୁ ବିରୋଧ କରିଛନ୍ତି । ଏଚ୍ ଏ ଏଲ୍ ସୁନାବେଢ଼ାରେ ଶ୍ରମିକ ମାନଙ୍କୁ ଇଏସ୍ଆଇ ପି ଏଫ୍ ସୁବିଧାରୁ ବଂଚିତ କରିବା, ସେବା କାଗଜ କଳର ଶ୍ରମିକ ମାନଙ୍କୁ ଆଠ ମାସ ହେଲା ଦରମା ନାହିଁ, ଯେଉଁ ଯୁବକ ମାନଙ୍କୁ ନିଯୁକ୍ତି ମିଳିଛି ତଥ୍ୟ କିଛି ନାହିଁ, ଅବସରପ୍ରାପ୍ତ ଶ୍ରମିକ ଓ ମୃତ ଶ୍ରମିକଙ୍କୁ ବୈଧାନିକ ପାଉଣା ମଧ ମିଳୁନି, ଏସବୁ ବିରୁଦ୍ଧରେ ଯୁବ ସଂଘ ଆନ୍ଦୋଳନ କରିବ । ଆଗାମୀ ଜାତୀୟ ସମ୍ମିଳନୀ ପାଇଁ ପ୍ରତିନିଧି ଚୟନ ହେବା ପରେ ଯୁବ ସଂଘ ରାଜ୍ୟ ପରିଷଦ ଗଠନ କରା ଯାଇଛି । ସତ୍ୟ ନାରାୟଣ ମହାନ୍ତି ସଭାପତି ଓ କାମଦେବ ନାହାକ ସମ୍ପାଦକ ନିର୍ବାଚିତ ହୋଇଛନ୍ତି । କୋରାପୁଟ ଜିଲ୍ଲାର ଶ୍ରୀ କୁମର ଜାନୀ ଯୁଗ୍ମ ସମ୍ପାଦକ ରୂପେ ନିର୍ବାଚିତ ହୋଇଛନ୍ତି । ସମ୍ମିଳନୀକୁ ଅନ୍ୟ ମାନଙ୍କ ମଧ୍ୟରେ ସିପିଆଇ ଜିଲ୍ଲା ସମ୍ପାଦକ ଶ୍ରୀ ଯୁଧିଷ୍ଠିର ରାଉଳ, ତପନ ସିଟ୍, ସୁଶାନ୍ତ ସ୍ୱାଇଁ, କୁମର ଜାଲିଆ, ଦୟାମଣି ଗୋଲରୀ ପ୍ରମୁଖ ସମ୍ବୋଧିତ କରିଥିଲେ ।

# ମୁଖ୍ୟମନ୍ତ୍ରୀଙ୍କୁ ନାଗରିକ କମିଟିର ଦାବିପତ୍ର ପ୍ରଦାନ

ବଲାଙ୍ଗିର,୦୯/୫(ନି. ପ୍ର): ବଲାଙ୍ଗିର ଜିଲ୍ଲାରେ ଶିକ୍ଷିତ ବେକାରୀ ଓ ବେରୋଜଗାର ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି । ତେଣୁ ନାଗରିକ କମିଟୀ ସାଧାରଣ ସଭାର ନିଷ୍ପତି କ୍ରମେ ବଲାଙ୍ଗିରର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସଭାପତି ଡଃ. ଶ୍ରୀକର ମିଶ୍ରଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ ଜରିଆରେ ଏକ ୯ଦଫା ଦାବୀପତ୍ର ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଛି । ବଲାଙ୍ଗିରରେ କୃଷିଭିତିକ ଶିଳ୍ପ ସ୍ଥାପନ କରିବା ଏବଂ କପା ଓ ଆଖୁ ଚାଷକୁ ପ୍ରୋତ୍ସାହନ ଦେବା ସହ ପୋନିସୁଗରକୁ ପୁନଃ କାର୍ଯ୍ୟକ୍ଷମ କରିବା, କୃଷି ବିଶ୍ୱବିଦ୍ୟାଳୟ, ଆୟୁଷ ବିଶ୍ୱବିଦ୍ୟାଳୟ ଓ ହୋମିଓପାଥି କଲେଜ ଖୋଲିବା ସହ ଆଇ.ଆଇ.ଟି ସ୍ଥାପନ କରିବା, ଆଇନ ଶୃଙ୍ଖଳା ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଡି.ଆଇ.ଜି ଅଫିସ ଖୋଲିବା, ରାଜସ୍ୱ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ଆର.ଡି.ସି. ଅଫିସ ସ୍ଥାପନ କରିବା, ଭୀମଭୋଇ ସରକାରୀ ମେଡିକାଲ କଲେଜରେ ପି.ଜି. କ୍ଲାସ ଆରମ୍ଭ କରି ସବୁ ବିଭାଗରେ ପ୍ରଫେସର ନିଯୁକ୍ତି କରିବା, ତୁଷୁରା ଏୟାରଷ୍ଟ୍ରିପର ଉନ୍ନତିକରଣ ସହ ବଲାଙ୍ଗିରରୁ ରାଜଧାନୀ ଭୁବନେଶ୍ୱରକୁ ଉଡାନ ବ୍ୟବସ୍ଥା କରିବା ତଥା ବଲାଙ୍ଗିରରେ ଆଇ.ଟି. କ୍ଷେତ୍ରକୁ ପ୍ରାଧାନ୍ୟ ଦେଇ ଏହାର ଉନ୍ନତି କରିବା ଆଦି ଦାବୀ ଗୁଡିକ ପୂରଣ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲାପାଳଙ୍କ ଜରିଆରେ ଅନୁରୋଧ କରାଯାଇଛି । ପୁନଶ୍ଚ ସଂପୃକ୍ତ ମନ୍ତ୍ରୀ ମହୋଦୟ ମାନଙ୍କୁ ତଥା ବିଭାଗୀୟ ପ୍ରମୁଖ ସଚିବ ମାନଙ୍କ ପାଖକୁ ଦାବୀପତ୍ରର ନକଲ କାର୍ଯ୍ୟାନୁଷ୍ଠାନ ପାଇଁ ପଠାଯାଇଛି । ଆଜି ଏହି ଦାବୀପତ୍ର ଦେବା ସମୟରେ ନାଗରିକ କମିଟୀର ବହୁସଭ୍ୟ ଉପସ୍ଥିତ ଥିଲେ କିନ୍ତୁ ପ୍ରତିନିଧି ଭାବରେ ସଭାପତି ଶ୍ରୀ ମିଶ୍ରଙ୍କ ସହ ସଦସ୍ୟ ଗୋପବନ୍ଧୁ ପୁରୋହିତ, ଲୋକନାଥ ସିଂହ ଏବଂ ଡା. ପ୍ରମୋଦ ମିଶ୍ର ଜିଲ୍ଲାପାଳଙ୍କୁ ଦାବୀପତ୍ର ହସ୍ତାନ୍ତର କରିଥିଲେ ।

# ଝିଅର ସ୍ମୃତିରେ ରକ୍ତଦାନ ଶିବିର

ପଟ୍ଟାମୁଣ୍ଡାଇ ,୦୯/୫(ନି. ପ୍ର): ନିଜ ଝିଅର ପ୍ରଥମ ବର୍ଷ ଶ୍ରାଦ୍ଧ ବାର୍ଷିକ ଅବସରରେ ସ୍ମୃତିଚାରଣ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ ପାଇଁ ଏକ ରକ୍ତଦାନ ଶିବିରର ଆୟୋଜନ କରିଛନ୍ତି ପିତା ମାତା । ପଟ୍ଟାମୁଣ୍ଡାଇ ମୁନିସିପାଲିଟି ଷଣ୍ଢପଲି ଗ୍ରାମର କାଉଁନସିଲର ଲକ୍ଷ୍ମୀପ୍ରିୟା ସାହୁ ଓ ରବୀନ୍ଦ୍ର ସାହୁଙ୍କ ଇଞ୍ଜିନିଅରିଙ୍ଗ ପଢୁଥିବା ଜ୍ୟେଷ୍ଠ କନ୍ୟା ସ୍ମୃତିପ୍ରଜ୍ଞା ସାହୁର ମାତ୍ର ୧୮ ବର୍ଷ ବୟସରେ ଗତବର୍ଷ ଅକାଳ ବିୟୋଗ ହୋଇଯାଇଥିଲା । ଯେଉଁଥିରେ ବାପା ମା ମାନସିକ ଭାବେ ଭାଂଗିପଡ଼ିଥିଲେ । ନିଜ ଝିଅର ସ୍ମୃତିରକ୍ଷା ପାଇଁ ଆଜି ତାଙ୍କର ପ୍ରଥମ ଶ୍ରାଦ୍ଧ ବାର୍ଷିକ ରେ ଷଣ୍ଢପଲି ବିଦ୍ୟାଳୟ ରେ ଏକ ରକ୍ତଦାନ ଶିବିରର ଆୟୋଜନ କରିଥିଲେ । ମୋଟ ୩୮ ଜଣ ସ୍ୱେଚ୍ଛାକୃତ ଭାବେ ଏହି ରକ୍ତଦାନ ଶିବିରରେ ଯୋଗଦେଇ ରକ୍ତଦାନ କରିଥିଲେ । ଏହି ରକ୍ତଦାନ ଶିବିର ରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ମୁନିସିପାଲିଟି ଅଧକ୍ଷ ହେମନ୍ତ କୁମାର ସାହୁ, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ବିଶ୍ୱାଳ, ପଟ୍ଟାମୁଣ୍ଡାଇ ମୁନିସିପାଲିଟି ର ସମସ୍ତ କାଉଁନସିଲର ଯୋଗ ଦେଇଥିଲେ । ସନ୍ଦୀପ ନାଥ ଶର୍ମା,ଶ୍ରଦ୍ଧାଞ୍ଜଳି ବେହେରା,ସତ୍ୟ ସଂକେତ ବେହେରା,ସୁବ୍ରତ ଦାସ, ଡ଼ି. ରବଟ ସନ ରାଜୁ,ଅନପୂର୍ଣ୍ଣା ବେହେରା,ଅବିନାଶ ବେହେରା, ମାନସ ବେହେରା, ସୁସଂଜିତ ସାହୁ, ସୁବ୍ରତ ରଞ୍ଜନ ଦାସ, ଶ୍ରୀନିବାସ ଦାସ, କୁମାର ଗୌରବ ସାହୁ,ବିଶ୍ୱଜିତ ଦାସ,ସଂଗ୍ରାମ ବିଶ୍ୱାଳ,ପ୍ରଫୁଲ୍ଲ କୁମାର ବିଶ୍ୱାଳ, ରୁଦ୍ର ପ୍ରତାପ ରଣା,ଦୀପକ କୁମାର ବେହେରା,ନିହାର ରଞ୍ଜନ ପରିଡା,ଶୁଭମ ପାତ୍ର, ଭଞ୍ଜ ବିହାରୀ ବାରିକ, ଗୁରୁଚରଣ ନାୟକ, ରୁଦ୍ର ନାରାୟଣ ସୁତାର,ମନ୍ଦାକିନୀ ବେହେରା, ପ୍ରିୟଙ୍କା ବେହେରା, ପଦ୍ମିନୀ ବେହେରା,ଉତ୍ସାବ ସାହୁ,ଅଂଶୁମାନ ପାତ୍ର, ବିକ୍ରମ ରାଉତ,ଶୁଭମ ରାଉତ ପ୍ରମୁଖ ରକ୍ତଦାନ କରିଥିଲେ । ଗ୍ରୀଷ୍ମ ପ୍ରବାହ ପାଇଁ ରକ୍ତ ଭଣ୍ଡାର ରେ ରକ୍ତ କମ ଥିବାରୁ ଏ ସମୟରେ ରକ୍ତ ଦାନ ଭଳି ମହତ କାମ କରିଥିବା ସ୍ୱେଚ୍ଛାସେବୀ ମାନଙ୍କୁ ଲକ୍ଷ୍ମୀପ୍ରିୟା ସାହୁ ଓ ରବୀନ୍ଦ୍ର ସାହୁଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା ।

# ହରିଶଙ୍କରଠାରେ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ଆରମ୍ଭ

ବଲାଙ୍ଗିର,୦୯/୫(ନି. ପ୍ର): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକର ପବିତ୍ର ଧର୍ମ କ୍ଷେତ୍ର ତଥା ପର୍ଯ୍ୟଟନ ସ୍ଥଳି ହରିଶଙ୍କର ଠାରେ ହେବାକୁ ଥିବା ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ଆଜିଠୁ ଆରମ୍ଭ ହୋଇଛି । ୧୨ ତାରିଖ ପର୍ଯ୍ୟନ୍ତ ପାଂଚ ଦିନ ଧରି ଏହି ମେଳା ଚାଲିବ ବୋଲି ଜଣାଯାଇଛି । ସାଂସ୍କୃତିକ, ପୌରାଣିକ, ଧାର୍ମିକ, ଐତିହାସିକ ଓ କିମ୍ବଦନ୍ତୀ ଅନୁସାରେ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳାର ସ୍ୱତନ୍ତ୍ରତା ରହିଆସିଛି । ଗନ୍ଧମାର୍ଦ୍ଦନ ପାହାଡ଼ର ଗୋଟିଏ ପଟେ ହରିଶଙ୍କର ଓ ଅନ୍ୟପଟେ ବରଗଡ଼ ଜିଲ୍ଲାର ନୃସିଂହନାଥ ପୀଠ ରହିଛି । ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ତଥା ପର୍ଯ୍ୟଟକଙ୍କ ସମାଗମ ହେଉଥିବା ବେଳେ ବୈଶାଖ ଚତୁର୍ଦ୍ଦଶୀ ମେଳାରେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥାଏ । ଓଡ଼ିଶା ତଥା ସୁଦୂର ଛତିଶଗଡ ରାଜ୍ୟରୁ ହଜାର ହଜାର ଶ୍ରଦ୍ଧାଳୁ ଗନ୍ଧମାର୍ଦନ ପାହାଡ଼ ଚଢ଼ିବାର ମଜା ନେଇଥାନ୍ତି । ମେଳାରେ କିଭଳି ଶାନ୍ତି ଓ ଶୃଙ୍ଖଳା ରହିବ ସେଥିପାଇଁ ୫ ପ୍ଲାଟୁନ ପୋଲିସ ମୁତୟନ ଥିବା ସୂତ୍ରରୁ ଜଣାପଡିଛି । ସେହିପରି ଖପ୍ରାଖୋଲ ସ୍ଥିତ ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ପଂଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଲାଠୋର ଯୁବ ରେଡ୍କ୍ରସ୍ ରେ ଥିବା ଛାତ୍ରଛାତ୍ରୀ ମାନେ ମଧ ଲୋକଙ୍କ ସେବା ପାଇଁ ଏହି ମହୋତ୍ସବରେ ଯୋଗଦେଇଥିବା ଜଣାପଡିଛି ।

# ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟରେ ମହିଳା ଏନସିସି କ୍ୟାଡେଟଙ୍କ ପଦବୀ ଆରୋହଣ ଉତ୍ସବ

ଜୟପୁର,୦୯/୫(ନି. ପ୍ର): ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟରେ ମହିଳା ଏନସିସି କ୍ୟାଡେଟଙ୍କ ପଦବୀ ଆରୋହଣ ଉତ୍ସବ ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବିଶ୍ୱ ବିଦ୍ୟାଳୟର କୁଳ ସଚିବ ମହେଶ୍ୱର ଚନ୍ଦ୍ର ନାୟକ, କ୍ୟାପଟନ ଲକ୍ଷମଣ ପାତ୍ର, ସିଟିଓ ସନ୍ତୋଷିନି ମୁଣ୍ଡା ଉପସ୍ଥିତ ଥିଲେ । ଏନସିସି କ୍ୟାଡେଟଙ୍କ କାଯ୍ୟଦକ୍ଷତା ଶୃଙ୍ଖଳା ଏବଂ କାଯ୍ୟର ନେତୃତ୍ୱ ଅନୁସାରେ ପଦବି ପ୍ରଦାନ କରାଯାଏ । ଏନସିସି ତୃତିୟ ବର୍ଷ କ୍ୟାଡେଟ ମାନଙ୍କୁ ଏହି ପଦପି ପ୍ରଦାନ କରାଯାଏ । କ୍ୟାଡେଟ ମାନଙ୍କୁ ଠିକ ଭାବେରେ ପରିଚାଳିତ ତଥା ଶୃଙ୍ଖଳା ଭାବରେ କାର୍ଯ୍ୟ ନିରୁପଣ କରିବାରେ ସାହାଯ୍ୟ ହୋଇଥାଏ । ଏହି ଉତ୍ସବରେ ଏସୟୁଓ ର୍ୟାଙ୍କ ଶିତଳ ନନ୍ଦା, ଜେୟୁଓ ର୍ୟାଙ୍କ ସ୍ମୃତି ପ୍ରଭା ଗିରି, ଜେୟୁଓ ର୍ୟାଙ୍କରେ ସ୍ୱାତି ଜାନି ଓ ସରଜେଂଟ ର୍ୟାଙ୍କରେ ଦିପ୍ତି ନାୟକଙ୍କୁ କୁଳ ସଚିବ ମହେଶ୍ୱର ଚନ୍ଦ୍ର ନାୟକ, କ୍ୟାପଟନ ଲକ୍ଷ୍ମଣ ପାତ୍ର ପ୍ରଦାନ କରିଥିଲେ ।

# ଏ-୧ ଗ୍ରେଡ୍ ପାଇଥିବା ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ସମ୍ବର୍ଦ୍ଧନା

ଭବାନୀପାଟଣା,୦୯/୫(ନି. ପ୍ର): କଳାହାଣ୍ଡି ଜିଲ୍ଲାରେ ଚଳିତ ଶିକ୍ଷାବର୍ଷରେ ମାଟ୍ରିକ୍ ପରୀକ୍ଷାରେ ଇ୧ ଗ୍ରେଡ୍ ପାଇଥିବା ଛାତ୍ରଛାତ୍ରୀଙ୍କ ସମ୍ବର୍ଦ୍ଧନା ଉତ୍ସବ ମହାସମାରୋହରେ ଜିଲ୍ଲା ପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସଚିନ ପାୱାର୍ ପ୍ରକାଶଙ୍କ ଅଧକ୍ଷତାରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାଢୀ, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ ସମ୍ମାନୀତ ଅତିଥି ଭାବରେ ଯୋଗଦେଇଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ, ପବିତ୍ର ମୋହନ ସାହୁ, ହେମସାଗର ମହାନନ୍ଦ ଓ ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପିମଣି ଜାନି ଯୋଗ ଦେଇଥିଲେ । ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ଶେଖର ପାଢୀ ଏ୧ ଗ୍ରେଡ୍ ରେ ଉତୀର୍ଣ୍ଣ ହୋଇ ଥିବା ଛାତ୍ରଛାତ୍ରୀଙ୍କ ନାମ ଘୋଷଣା କରିଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଏହି ସଭାରେ ତେରଟି ବ୍ଲକରୁ ଆସିଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମୁଖିଗୁଡ଼ାର ଆଠ ଜଣ ଛାତ୍ରଛାତ୍ରୀ ଶ୍ରୀୟାଂସୀ ସାହୁ,ଅନ୍ୱେଷ କୁମାର ଠାକୁର,ଭବାନୀ ଶଙ୍କର ନାଗ,ରାହୁଲ ବଣିଆ, ତନିଶାରାଣୀ ରଥ, ପ୍ରଗତିକା ପଟ୍ଟନାୟକ, କମଳେନ୍ଦ୍ର ନାଏକ, ଶୁବାଶିଷ ଗୋପାଳ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଜୟପାଟଣାର ଅଙ୍କିତା ବେହେରା, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଜୁନାଗଡ଼ର ଅଂଶୁମାନ କଟା, ସ୍ମୃତିପ୍ରଜ୍ଞା ସାହୁ, ସରକାରୀ ଉଚ୍ଚ ବିଦ୍ୟାଳୟ, ରାଜପୁରର ପ୍ରଣତି ମଶ୍ରା ଓ ଜିଜ୍ଞାସୁ ଶବର, ଚିଚେଇଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟର ରିତିକ୍ କୁମାର ମେହେର, ପଂଚାୟତ ହାଇସ୍କୁଲ, ମେଦିନୀପୁରର ଭୂପେଶ ନାଏକ, ପୋଲିସ ହାଇସ୍କୁଲ ଭବାନୀପାଟଣାର ଝିଲି ସାହୁ, ଶ୍ରୀ ଶ୍ରୀ ଧବଳେଶ୍ୱର ଉଚ୍ଚ ବିଦ୍ୟାପୀଠ, ଦେପୁରର ଆୟୁଷ କୁମାର ସା ଓ ପ୍ରିୟଙ୍କା ସାହୁ ଏବଂ ଜନତା ହାଇସ୍କୁଲ, କଣ୍ଟୁପଡାର ଦୁଷ୍ମନ୍ତ ରଣାଙ୍କୁ ଜିଲ୍ଲାପାଳ ଟ୍ରଫି ଓ ମାନପତ୍ର ପ୍ରଦାନପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ସୋମନାଥ ସାହୁ, ବିରେନ୍ଦ୍ର ଆଚାର୍ଯ୍ୟ, ପ୍ରଶାନ୍ତ ନନ୍ଦ, ଶ୍ରଦ୍ଧାଞ୍ଜଳି ଦାଶ, ନିହାରିକା ପଣ୍ଡା, ଲିପିକା ଅପରାଜିତା, ସୌମେନ୍ଦ୍ରନାଥ ପଟ୍ଟନାୟକ ତଥା ଅନ୍ୟ ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମର ସୁପରିଚାଳନାରେ ସହଯୋଗ କରିଥିଲେ । ଜିଲ୍ଲାର ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏବଂ ଏ୧ ପାଇଥିବା ବିଦ୍ୟାର୍ଥୀଙ୍କ ପ୍ରଧାନ ଶିକ୍ଷକ ତଥା ଅଭିଭାବକ ଅଭିଭାବିକା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଜିଲ୍ଲା ପ୍ରଶାସନର ଏଭଳି ଛାତ୍ରଛାତ୍ରୀ ଅନୁକୂଳ କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ଉଚ୍ଚ ପ୍ରଶଂସା କରାଯାଇଛି ।

# ଜିଲ୍ଲା କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କୁ ବାଧ୍ୟତାମୂଳକ କମ୍ପ୍ୟୁଟର ତାଲିମ

କେନ୍ଦ୍ରାପଡା,୦୯/୫(ନି. ପ୍ର): କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ର ସମସ୍ତ କର୍ମଚାରୀଙ୍କୁ ବାଧ୍ୟତାମୂଳକ କମ୍ପ୍ୟୁଟର ତାଲିମ ଆରମ୍ଭ କରାଯାଇଛି । ଏନେଇ ଏକ ବୈଠକ ଭାରପ୍ରାପ୍ତ ଜିଲ୍ଲାପାଳ ତଥା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ମୁଖ୍ୟ ଅଧିକାରୀ ଅଜାମ୍ବର ମହାନ୍ତିଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ଓକାକ୍ ମାଧ୍ୟମେର ପ୍ରତ୍ୟକ କର୍ମଚାରୀଙ୍କୁ ଏହି ତାଲିମ ପ୍ରଦାନ କରାଯିବ । ଜିଲ୍ଲା କାର୍ଯ୍ୟାଳୟକୁ ଆସୁଥିବା ପ୍ରେତ୍ୟକ ନଥିପତ୍ର ସହ ଅଭିଯୋଗ, ଦରଖାସ୍ତ ଆଦି ଜନ ସାଧାରଣଙ୍କ ଆପତି ଅଭିଯୋଗ ଗୁଡିକୁ ଅନଲାଇନ ରେ ପଞ୍ଜିକରଣ କରାଯାଇ ନଥି ପ୍ରସ୍ତୁତ କରାଯିବ ଏବଂ ତାହାର ବର୍ଗୀକରଣ କରାଯାଇ କାର୍ଯ୍ୟଟି କେଉଁ ବିଭାଗେର ଓ କାହାଦ୍ୱାରା ସଂପାଦିତ ହେଉଛି ତାହାର ମଧ ତାଲିକା ପ୍ରସ୍ତୁତ କରାଯିବ । ଏହାର ସମୟସୀମା ଅବଧି ଓ ନିଷ୍ପାଦନର ମଧ ଅନଲାଇନରେ ଉପଲବ୍ଧ ହୋଇପାରିବ । କିମ୍ବା ଫାଇଲଟି କେଉଁଠି, କେଉଁଥିପାଇଁ ଅଟକି ରହିଛି ଏହା ମଧ ଜିଲ୍ଲାପାଳ ଜାଣିପାରିବେ । ଉଦ୍ଦେଶ୍ୟ ମୂଳକ ଭାବେ ଫାଇଲକୁ ଅଟକ ରଖିଥିବା କିରାଣୀଙ୍କ ଉପେର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଅନଲାଇନ ହେବା ଦ୍ୱାରା ଜନ ସାଧାରଣ ଶିଘ୍ର ପ୍ରଶାସନ ପାଖରୁ ନ୍ୟାୟ ପାଇବା ସହ ରାଜ୍ୟ ସରକାରଙ୍କ ତ୍ୱରିତ ସେବା ପ୍ରଦାନ ନୀତି କାର୍ଯ୍ୟକାରୀ ହୋଇପାରିବ ବୋଲି ଜଣାପଡିଛି । ଚଳିତ ମାସ ୧୩, ୧୪,୧୫ ତାରିଖରେ ବ୍ଲକ ଓ ତହସିଲ ମାନଙ୍କରେ ଓକାକ୍ ମାଧ୍ୟମରେ ମାଷ୍ଟର ଟ୍ରେନର ମାନଙ୍କୁ ତାଲିମ ଦିଆଯିବ ।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ କମ୍ପ୍ୟୁଟର ବିଜ୍ଞାନ ବିଭାଗର ଜାତୀୟ ଆଲୋଚନାଚକ୍ର




ବାରିପଦା , ୦୯/୫ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର କମ୍ପ୍ୟୁଟର ବିଜ୍ଞାନ ବିଭାଗ ଦ୍ୱାରା ଆୟୋଜିତ ଏକ ଦୁଇ ଦିବସୀୟ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହେଇଯାଇଛି । 'ଆଡ୍‌ଭାନ୍‌ସେସ୍ ଇନ୍ ମେସିନ୍ ଲର୍ଣ୍ଣିଙ୍ଗ ଫର ଡାଟା ଆନାଲିଟିକ୍‌ସ' ଶୀର୍ଷକ ଏହି ଆଲୋଚନାଚକ୍ରକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ପୃଷ୍ଠପୋଷକ ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ । ନିଜ ବକ୍ତବ୍ୟରେ ପ୍ରଫେସର ତ୍ରିପାଠୀ ଆଜିର ଯୁଗରେ କୃତ୍ରିମ ବୁଦ୍ଧିମତ୍ତା ଅପରିହାର୍ଯ୍ୟ ହୋଇପଡ଼ିଛି ଏବଂ ଆମ ଦୈନନ୍ଦିନ ଜୀବନର ସମସ୍ତ ଆୟାମରେ 'ଡାଟା' ମୁଖ୍ୟ ଭୂମିକା ଗ୍ରହଣ କରିଛି । ଆଗାମୀ ଦିନରେ କମ୍ପ୍ୟୁଟର ବିଜ୍ଞାନ, ଗଣିତ ଓ ପରିସଂଖ୍ୟାନକୁ ବାଦ୍ ଦେଇ ଅନ୍ୟାନ୍ୟ ବିଷୟରେ ଗବେଷଣା ହୋଇପାରିବ ନାହିଁ ବୋଲି ସେ ମତପ୍ରକାଶ କରିଥିଲେ । ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଜେଆଇଏସ୍‌ଆଇଏଏସ୍‌ଆର କୋଲକାତାର ନିର୍ଦ୍ଦେଶକ ପଦ୍ମଶ୍ରୀ ପ୍ରଫେସର ଅଜୟ କୁମାର ରାୟ 'ସ୍ଥାୟୀ ସମାଜ ୫.୦ ନିର୍ମାଣରେ ଏଆଇର ଭୂମିକା : ଆଜି ଓ କାଲି' ଶୀର୍ଷକ ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଇଆଇଟି (ଆଇଏସ୍ଏମ୍) ଧାନବାଦର ଡ. ଗଜେନ୍ଦ୍ର ବିଶ୍ୱକର୍ମା ମେସିନ୍ ଲର୍ଣ୍ଣିଂରେ ପରିସଂଖ୍ୟାନ ମଡେଲ୍ ବ୍ୟବହାର ଉପରେ ବକ୍ତବ୍ୟ ରଖିଥିଲେ । ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ ପୃଷ୍ଠପୋଷକ ଭାବେ ଯୋଗଦେଇ ଏଆଇ ଓ ମେସିନ ଲର୍ଣ୍ଣିଙ୍ଗ ସାମାଜିକ ପରିବର୍ତ୍ତନକୁ କିପରି ପ୍ରୋତ୍ସାହିତ କରୁଅଛି ସେ ବିଷୟରେ କହିଥିଲେ । ବିଭାଗୀୟ ସଂଯୋଜିକା ପ୍ରଫେସର ଏମ୍ ହିମବିନ୍ଦୁ ଆଲୋଚନାଚକ୍ରର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ବିଷୟରେ ବିବରଣୀ ରଖିଥିଲେ । ଆଲୋଚନାଚକ୍ରର ଆବାହକ ବିଭାଗୀୟ ସହକାରୀ ପ୍ରଫେସର ଡ. ଜନ୍ମେଞ୍ଜୟ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ସହ-ଆବାହକ ଡ. ଶାନ୍ତିସ୍ୱରୂପ ବସା ଧନ୍ୟବାଦ ଅର୍ପଣ କରିଥିଲେ । ବିଭାଗୀୟ ସହକାରୀ ପ୍ରଫେସର ଡ. ଶର୍ମିଳା ସୁବୁଦ୍ଧି, ଡ. ପାର୍ଥସାରଥୀ ମିଶ୍ର ପ୍ରମୁଖ ଆଲୋଚନାଚକ୍ରକୁ ପରିଚାଳନା କରିଥିଲେ । ଏହି ଆଲୋଚନାଚକ୍ରରେ ଏନ୍‌ଆଇଟି ରାଉରକେଲାର ଡ. ଅନୁପ ନନ୍ଦୀ, ଆଇଆଇଟି (ଆଇଏସ୍ଏମ୍) ଧାନବାଦର ଡ. କୌଶିକ ମଣ୍ଡଳ, ନାଇଜର ଭୁବନେଶ୍ୱରର ଡ. ଶୁଭଙ୍କର ମିଶ୍ର, ଆଇଆଇଆଇଟି ଭୁବନେଶ୍ୱରର ଡ. ସଞ୍ଜୟ ସାକ୍‌ସେନା, ଆଇଆଇଏସ୍‌ସି ବେଙ୍ଗାଲୁରୁର ଡ. ରତିକାନ୍ତ ବେହେରା, ଆଇଜର ବ୍ରହ୍ମପୁରର ଡ. ଅନାବିକ ପାଲ୍, ଫକୀରମୋହନ ବିଶ୍ୱ ବିଦ୍ୟାଳୟର ଡ. ଅଶାନ୍ତ ରଞ୍ଜନ ରାଉତରାୟ ପ୍ରମୁଖ ଯୋଗଦେଇଥିଲେ । ଆଲୋଚନାଚକ୍ରରେ ୪୮ ଜଣ ଗବେଷକ/ ଗବେଷିକା ନିଜର ଗବେଷଣାତ୍ମକ ସନ୍ଦର୍ଭ ଉପସ୍ଥାପନ କରିଥିଲେ ଓ ୧୦୦ ରୁ ଉର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଭାଗ ନେଇଥିଲେ । ଏହି ଆଲୋଚନାଚକ୍ରର ଉଦଘାଟନୀ ସମାରୋହରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ ।

## ଚଳିତ ମାସ ଶେଷ ସୁଦ୍ଧା ରାଜ୍ୟ ଅବକାରୀ ନୀତି

ଭୁବନେଶ୍ୱର, ୦୯/୫ (ନି.ପ୍ର): ରାଜ୍ୟ ସରକାର ଚଳିତମାସ ଶେଷ ସୁଦ୍ଧା ଆଣିବାକୁ ଯାଉଛନ୍ତି ରାଜ୍ୟ ଅବକାରୀ ନୀତି । ଏହି ପଲିସି ତିନିବର୍ଷ ପାଇଁ କାର୍ଯ୍ୟକାରୀ ହେବ । ପୂର୍ବରୁ ଅବକାରୀ ନୀତି କେବଳ ଗୋଟିଏ ବର୍ଷ ପାଇଁ କାର୍ଯ୍ୟକାରୀ ହେଉଥିଲା । ଏହାପରେ ଅଧିକ ବିଚାରବିମର୍ଶ କରି ରାଜ୍ୟ ସରକାର ପଲିସିରେ କିଛିଟା ପରିବର୍ତ୍ତନ କରିବାକୁ ଯାଉଛନ୍ତି । ବିଭିନ୍ନ ରାଜ୍ୟର ଅବକାରୀ ନୀତିକୁ ତର୍ଜମା କରାଯାଇ ପୋଲିସିରେ ପରିବର୍ତ୍ତନ ସହ ଏହାକୁ କାର୍ଯ୍ୟକାରୀ କରିବାକୁ ଚିନ୍ତା କରାଯାଉଥିବା କହିଛନ୍ତି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ।

## ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ଭାଷାପକ୍ଷ ପାଳନର ତ୍ରୟୋଦଶ ଦିବସ
## କବିଗୁରୁ ରବୀନ୍ଦ୍ରନାଥ ଟାଗୋରଙ୍କ ଜୟନ୍ତୀ ଓ ସାହିତ୍ୟ ଚର୍ଚ୍ଚା




ବାଲେଶ୍ୱର, ୦୯/୫ (ନି.ପ୍ର): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ପାଳନ କରାଯାଉଥିବା ଭାଷାପକ୍ଷର ତ୍ରୟୋଦଶ ଦିବସରେ ରବୀନ୍ଦ୍ରନାଥ ଟାଗୋରଙ୍କ ଜୟନ୍ତୀ ଉପଲକ୍ଷେ ରବୀନ୍ଦ୍ର ସାହିତ୍ୟ ଚର୍ଚ୍ଚା ଗାଳ୍ପିକ ନିବାରଣ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ରବୀନ୍ଦ୍ରନାଥ ରଚନା କରିଥିବା କବିତା, ଗଳ୍ପ, ଉପନ୍ୟାସ ଓ ଗୀତିନାଟ୍ୟ ଆଦି ଭାରତର ସାହିତ୍ୟ ଉପରେ ଗଭୀର ପ୍ରଭାବ ପକାଇଥିବା କଥା ସେ ତାଙ୍କର ବକ୍ତବ୍ୟରେ ସୂଚିତ କରାଇଥିଲେ । ବରିଷ୍ଠ ଗବେଷିକା ଡ. ସାନ୍ତ୍ୱନା ହାଲଦାର ଓଡ଼ିଆ ଭାଷା ଆନ୍ଦୋଳନ ସହ ରବୀନ୍ଦ୍ରନାଥଙ୍କ ସଂପର୍କ ତଥା ତାଙ୍କ ସାହିତ୍ୟରେ ଓଡ଼ିଶାର ପ୍ରଭାବ ଉପରେ ବିସ୍ତୃତ ଭାବରେ ଆଲୋଚନା କରି ରବୀନ୍ଦ୍ରନାଥଙ୍କ ଚିତ୍ରାଙ୍ଗଦା ଗୀତିନାଟ୍ୟର ଚିତ୍ରାଙ୍ଗଦା ଚରିତ୍ରଟିକୁ ରବୀନ୍ଦ୍ରନାଥ ଓଡ଼ିଶୀ କନ୍ୟାଭାବରେ ଚିତ୍ରଣ କରିଥିବାର ସୂଚନା ଦେଇଥିଲେ । ରବୀନ୍ଦ୍ର ସାହିତ୍ୟର ଅନୁବାଦକ ଡ. ହରିଶ୍ଚନ୍ଦ୍ର ବେହେରା ତାଙ୍କର ଏକାବନ ଗୋଟି ଗଳ୍ପ ବିଚିତ୍ର ବିଷୟ ବସ୍ତୁରେ ଯେପରି ସମୁଜ୍ଜ୍ୱଳ, କାହାଣୀ ପ୍ରୟୋଗରେ ତତୋଧିକ ହୃଦୟଗ୍ରାହୀ ବୋଲି ପ୍ରକାଶ କରିଥିଲେ । ଗାଳ୍ପିକ ପ୍ରଦୀପ ଋଟ୍ଟାର୍ଜୀ ରବୀନ୍ଦ୍ରନାଥଙ୍କ ଜୀବନୀ ପ୍ରକାଶ କରିବା ସଙ୍ଗେ ସଙ୍ଗେ ତାଙ୍କର ଏକ କ୍ଷୁଦ୍ରଗଳ୍ପ ପାଠ କରିଥିଲେ । କଲ୍ୟାଣୀ ନନ୍ଦ ରବୀନ୍ଦ୍ରନାଥଙ୍କ ଗୀତାଞ୍ଜଳୀ ଗ୍ରନ୍ଥରୁ ଏକ ଗୀତ ଗାନ କରିଥିଲେ । ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରାରମ୍ଭିକ ବକ୍ତବ୍ୟରେ ତାଙ୍କର କେତେଗୋଟି ଗୀତ ସଂପର୍କରେ ସୂଚନା ଦେଇଥିବା ବେଳେ ଜୁମରନାଥ ପାତ୍ର ଶେଷ ବକ୍ତବ୍ୟ ରଖି ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିରଂଜନ ରାଉତ, କମଳାକାନ୍ତ ଦାଶ, ପ୍ରଫୁଲ୍ଲ କୁମାର ଦାସ, ରାଜେନ୍ଦ୍ରନାଥ ରାଉତ, ଶାନ୍ତି ବିଶି, କୃଷ୍ଣା ପ୍ରଧାନ, ଅରୁଣା ରାୟ, ଡ. କ୍ଷିତୀଶ୍ୱର ଦାଶ, ପଣ୍ଡିତ ସଂଜୟ କୁମାର ପଣ୍ଡା, ଡ. ରତ୍ନାକର ସିଂହ, ଶରତ କୁମାର ମହାପାତ୍ର, ଦୀପକ ଦାସ, ଡ. ସାରଙ୍ଗଧର ତ୍ରିପାଠୀ, ପ୍ରଭାକର ସାହୁ, ପ୍ରଣିତା ମିଶ୍ର, ଲକ୍ଷ୍ମୀକାନ୍ତ ବେହେରା, ମନ୍ମଥ କୁମାର ସାହୁ, ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ, ସୁନାମଣି ଜେନା, ତୃପ୍ତିରାଣୀ ପାତ୍ର, ଦେବାଶିଷ ସିଂହ, କରୁଣାକର ସ, ମଧୁସୂଦନ ମାଝୀ, ନରେନ୍ଦ୍ରନାଥ ପାଣିଗ୍ରାହୀ, ଅବନ୍ତୀ ପ୍ରଧାନ, ନିତ୍ୟାନନ୍ଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।


## ଏସ୍. ଇ. ରେଳବାଇ - ଟେଣ୍ଡର

ଇ-ଟେଣ୍ଡର ନୋଟିସ୍ ନମ୍ବର: **RSO-KGP-SRC-RROOM-2-2025,** **ତାରିଖ: ୦୮.୦୫.୨୦୨୫ ।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ପକ୍ଷରୁ, Sr.DEE/OP/ଖଡ଼ଗପୁର, ଉଜଗ କୋଠା, ପ୍ରଥମ ମହଲା, ଦକ୍ଷିଣ ପୂର୍ବ ରେଳବାଇ, ଖଡ଼ଗପୁର-୭୨୧୩୦୧, ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛି । ଏହି କାର୍ଯ୍ୟ ପାଇଁ ଉଲ୍ଲେଖିତ ତାରିଖରେ ଦିନ **୧୨.୦୦ ଘଣ୍ଟା ପୂର୍ବରୁ** ଇ-ଟେଣ୍ଡର ଆମନ୍ତ୍ରଣ କରାଯାଇଛି ଏବଂ ଏହା **୧୨.୩୦ ଘଣ୍ଟାରେ ଖୋଲାଯିବ । କାର୍ଯ୍ୟର ବର୍ଣ୍ଣନା:** ସାନ୍ତ୍ରାଗାଛି (SRC) ରନିଂ ରୁମର ରକ୍ଷଣାବେକ୍ଷଣ ଯେଉଁଥିରେ ବାସିନ୍ଦାଙ୍କୁ ସବସିଡି ଏବଂ ବ୍ୟକ୍ତିଗତ ରାସନ ଭୋଜନ ପ୍ରସ୍ତୁତି ଏବଂ ପରିବେଷଣ, ଯତ୍ନ ସହିତ ଚାଦର ବଣ୍ଟନ, ଚାଦର ସଫା କରିବା, ଚାଦର ଧୋଇବା, ବାହାର ଏଜେନ୍ସି ଦ୍ୱାରା ବଗିଚା କାମ ଇତ୍ୟାଦି ୨ ବର୍ଷ ଅର୍ଥାତ୍ ୭୩୦ ଦିନ ପାଇଁ ଅନ୍ତର୍ଭୁକ୍ତ । **ଟେଣ୍ଡର ମୂଲ୍ୟ:** ୨,୪୧,୪୮,୬୧୧.୧୨ (GST ସମେତ) । **EMD:** ୨,୭୦,୮୦୦ । **ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ:** ୧୦,୦୦୦ । **ଖୋଲିବାର ତାରିଖ:** ୦୨.୦୬.୨୦୨୫ । **ସମାପ୍ତି ଅବଧି:** ୦୨ ବର୍ଷ (୭୩୦ ଦିନ) । **ଦାଖଲ ତାରିଖ:** ୦୨.୦୬.୨୦୨୫ ର ୧୨.୦୦ ଘଣ୍ଟା ପର୍ଯ୍ୟନ୍ତ । ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ନିର୍ଦ୍ଦିଷ୍ଟକରଣ ପାଇଁ **www.ireps.gov.in** ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନରେ ଦାଖଲ କରିପାରିବେ । କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ଟିପ୍ପଣୀ:** ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡ୍‌ଦାତାମାନେ ନିୟମିତ ଭାବରେ **www.ireps.gov.in** ପରିଦର୍ଶନ କରିପାରିବେ ।

**(PR-144)**


## ସ୍ୱାର୍ଥପର ଆଦିବାସୀ ନେତାଙ୍କର ସମାଜ ସହିତ ସମ୍ପର୍କ ନାହିଁ : ନାରାନ ମୁର୍ମୁ

ବାଙ୍ଗିରିପୋଷି, ୦୯/୫ (ନି.ପ୍ର): ଆଦିବାସୀ ସେଙ୍ଗେଲ ଅଭିଯାନ ବାରିପଦା ସବଡିଭିଜନାଲ ସେଙ୍ଗେଲ ସଭାପତି ଶ୍ରୀ ବିକାଶ ଚନ୍ଦ୍ର ହେମ୍ବ୍ରମଙ୍କ ନେତୃତ୍ୱରେ ବାଙ୍ଗିରିପୋଷି ରେଳଷ୍ଟେସନ ମଝିଗାଁ ପୁରୁଣା ଶିଶୁ ମନ୍ଦିର ପଡ଼ିଆ ଠାରେ ସେଙ୍ଗେଲ ସମାଜ ସୁଧାର ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡ଼ିଶା ପ୍ରଦେଶ ସେଙ୍ଗେଲ ପାର୍ଗାନା ସହ ବାରିପଦା ଜୋନାଲ କମିଟିର ସେଙ୍ଗେଲ ସଭାପତି ଶ୍ରୀ ନାରାନ ମୁର୍ମୁ କହିଛନ୍ତି ଯେ, ଯେଉଁ ଆଦିବାସୀ ନେତା, ମନ୍ତ୍ରୀ, ସଂଗଠନ, ସାମାଜିକ ଲିଡର ମାନେ ସମାଜରେ ଚାଲିଥିବା ସମ୍ବିଧାନ ବିରୋଧୀ ଓ ମାନବାଧିକାର ବିରୋଧୀ ରୁଢ଼ି-ପ୍ରଥା, ପରମ୍ପରା, ଅମାନବୀୟ କୁସଂସ୍କାର ଗୁଡିକ ସୁଧାର କରିବା ପାଇଁ କାର୍ଯ୍ୟ କରୁନାହାନ୍ତି କିମ୍ବା ସୁଧାର ଆଣିବାକୁ କହୁନାହାନ୍ତି, ତତସହିତ ସାରନା ଧର୍ମ କୋଡ ମାନ୍ୟତା, ଜୈନ ମାନଙ୍କ କବଳରୁ ମାରାଂବୁରୁକୁ ଫେରାଇ ଆଣିବା, ସାନ୍ତାଳୀକୁ ଝାଡ଼ଖଣ୍ଡ ରାଜ୍ୟର ପ୍ରଥମ ରାଜଭାଷା କରାଇବା ପାଇଁ ଆନ୍ଦୋଳନ କରୁନାହାନ୍ତି, ସେହିପରି ଆଦିବାସୀ ନେତା, ମନ୍ତ୍ରୀ, ଲିଡର, ସଂଗଠନ ମାନଙ୍କର ଚିନ୍ତା ଏବଂ ଭାବନା- ଆଦିବାସୀ ସମାଜ ସହିତ କୌଣସି ସମ୍ପର୍କ ନାହିଁ ଏବଂ ଆଦିବାସୀ ସମାଜ ପ୍ରତି, ଆଦିବାସୀ ମାନଙ୍କ ପ୍ରତି ଭଲ ପାଇବା ଆଦୌ ନାହିଁ ବୋଲି ସ୍ପଷ୍ଟ ଭାବରେ କହିଛନ୍ତି । ସେମାନେ ନିଜର ପେଟ ପରିବାର, ସ୍ୱାର୍ଥ ପାଇଁ ନେତା ଗିରି, ଦଲାଲୀ କରୁଛନ୍ତି ଏବଂ ସାମାଜିକ ସଂଗଠନ ଚଳାଇଛନ୍ତି ବୋଲି ଶ୍ରୀ ନାରାନ ମୁର୍ମୁ କହିଛନ୍ତି । ଏହିପରି କାର୍ଯ୍ୟକୁ ସେଙ୍ଗେଲ ତିବ୍ର ନିନ୍ଦା କରୁଛି । କାରଣ, ଯଦି ସମାଜରେ କୁପ୍ରଥା ଏବଂ ଅସାମ୍ବିଧାନିକ ପରମ୍ପରା ସହିତ ମାଝୀ ପାର୍ଗାନାଙ୍କ ଦ୍ୱାରା ମନଇଚ୍ଛା ଜରିମାନା ଆଦାୟ କରିବା, ସାମାଜିକ ବାସନ୍ଦ, ଏକଘରିଆ କରାଯାଇ ମୌଳିକ ଅଧିକାରକୁ ହତ୍ୟା କରିବା, ଅନ୍ଧବିଶ୍ୱାସ ଏବଂ ଡାହାଣୀ ନାମରେ ହତ୍ୟା, ପ୍ରତାରଣା କରାଯିବା, ହାଣ୍ଡିଆ, ମଦ ପରି ନିଶା ସେବନ କରାଯିବା ଆଦି ଅମାନବୀୟ କାର୍ଯ୍ୟ ସମାପ୍ତ ହେବ ନାହିଁ, ତେବେ ସମାଜରେ ଶାନ୍ତି, ମୁକ୍ତି, ପ୍ରଗତି, ଏକତା କଦାପି ହେବ ନାହିଁ । ତେଣୁ ଉକ୍ତ କୁପ୍ରଥା ଗୁଡ଼ିକ ସୁଧାର କରିବା ଜରୁରୀ ଅଟେ ବୋଲି କହିଛନ୍ତି । ଉକ୍ତ ସଭାରେ ବ୍ଲକ ସେଙ୍ଗେଲ ସଭାପତି ମଙ୍ଗଲ ମୁର୍ମୁ, ଜୋନାଲ ପାର୍ଗାନା ମେଘ୍ରାୟ ସୋରେନ, ଭିଲୁ ମୁର୍ମୁ, ଅନନ୍ତ ଚରଣ ମାର୍ଣ୍ଡି, କାଶିରାୟ ଟୁଡୁ, ଜୋନାଲ ମହିଳା ଉପସଭାପତି ସୁଦେବୀ ଟୁଡୁ ସହ ଶତାଧିକ ପ୍ରମୁଖ ସେଙ୍ଗେଲ ନେତାମାନେ ଉପସ୍ଥିତ ଥିଲେ ।


## ବିଭିନ୍ନ ଦିଗ ଉପରେ ସାମାଜିକ ସଂଗଠନ (SOOVA)

### ସମ୍ପ୍ରଦାୟକୁ ସଶକ୍ତ କରିବା, ଜୀବନ ପରିବର୍ତ୍ତନ କରିବା

ଆବଶ୍ୟକ - ଏକ୍ସଟେନସନ୍ କର୍ମଚାରୀ

ଜୀବିକା ନିର୍ବାହ ଏବଂ ଗ୍ରାମୀଣ ବିକାଶ ଉପରେ କାମ କରୁଥିବା ଏକ ପ୍ରତିଷ୍ଠିତ ସାମାଜିକ ସଂଗଠନ, ଝଙ୍ଗଠଇ, ସମ୍ପ୍ରସାରଣ କର୍ମୀ ପଦବୀ ପାଇଁ ପ୍ରତିବଦ୍ଧ ଏବଂ ଉତ୍ସାହୀ ବ୍ୟକ୍ତିବିଶେଷଙ୍କଠାରୁ ଆବେଦନ ଆମନ୍ତ୍ରଣ କରୁଛି ।

ସ୍ଥାନ: ମୟୂରଭଞ୍ଜ ଜିଲ୍ଲାର ଉଦଲା ଏବଂ ଶ୍ୟାମାଖୁଣ୍ଟା ବ୍ଲକ ।

ଯୋଗ୍ୟତା: ସାମାଜିକ କାର୍ଯ୍ୟ / ସମାଜବିଜ୍ଞାନ / ଗ୍ରାମୀଣ ବିକାଶ କିମ୍ବା ସମକକ୍ଷରେ ସର୍ବନିମ୍ନ ସ୍ନାତକ ।

ଅଭିଜ୍ଞତା: ପୂର୍ବରୁ କ୍ଷେତ୍ର କାର୍ଯ୍ୟ କିମ୍ବା ସମ୍ପ୍ରଦାୟ ସଂଗଠିତ ଅଭିଜ୍ଞତାକୁ ପସନ୍ଦ କରାଯାଏ ।

ଦକ୍ଷତା: ଦୃଢ଼ ଯୋଗାଯୋଗ ଦକ୍ଷତା, ସ୍ଥାନୀୟ ଭାଷା ଦକ୍ଷତା, ଗ୍ରାମାଞ୍ଚଳରେ କାମ କରିବାର କ୍ଷମତା ।

ପାରିଶ୍ରମିକ: ସଂଗଠନର ନିୟମ ଅନୁଯାୟୀ

ଆପଣଙ୍କ ସିଭି ଏବଂ ଏକ ସଂକ୍ଷିପ୍ତ ଆଗ୍ରହ ବିବୃତ୍ତି ସହିତ ୭ ଦିନ ମଧ୍ୟରେ ଆବେଦନ କରନ୍ତୁ:

**soovaodisha@gmail.com**

ଯୋଗାଯୋଗ: ୭୦୦୮୨୯୪୧୪୦, ୯୯୩୭୨୬୦୩୧୩

ସମ୍ପ୍ରଦାୟରେ ସ୍ଥାୟୀ ପରିବର୍ତ୍ତନ ଆଣିବାରେ ଆମ ସହିତ ଯୋଗଦାନ କରନ୍ତୁ ।


## ରମାକାନ୍ତ ସେବା ଫାଉଣ୍ଡେସନ ପକ୍ଷରୁ ସିନ୍ଦୂର ବିଜୟ ଦିବସ

ବାସୁଦେବପୁର, ୦୯/୫ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନାୟୀକାଣିଡ଼ିହି ଓ କରଞ୍ଜ ଆଡିଆ ବଜାର ଠାରେ ରମାକାନ୍ତ ସେବା ଫାଉଣ୍ଡେସନ ପକ୍ଷରୁ ଅପରେସନ ସିନ୍ଦୂର ବିଜୟ ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଥିଲା । ରମାକାନ୍ତ ସେବା ଫାଉଣ୍ଡେସନର ଅଧ୍ୟକ୍ଷ ରତିକାନ୍ତ ପ୍ରଧାନ ଓରଫ୍ ପିଣ୍ଟୁ, ବାସୁଦେବପୁର ନବ ନିର୍ମାଣ ସେନାର ସଭାପତି ଜୟ ପ୍ରକାଶ ମଲ୍ଲିକ, କୁନା ମହାପାତ୍ର ପ୍ରମୁଖ ଭାରତ ପାକିସ୍ତାନ ଯୁଦ୍ଧରେ ଭାରତୀୟ ସୈନ୍ୟଙ୍କୁ ସମର୍ଥନ କରି ଦେଶ ପ୍ରେମ ଓ ଦେଶର ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଅବସରପ୍ରାପ୍ତ ସୈନିକ ବନମାଳି ପରିଡ଼ା ଓ ବବୁ ବାହନ ମହାପାତ୍ର ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମସ୍ତେ ସ୍ଲୋଗାନ ଦେଇଥିଲେ ହିନ୍ଦୁସ୍ଥାନ ଜିନ୍ଦାବାଦ, ଭାରତ ମାତା କି ଜୟ, ବନ୍ଦେ ମାତରଂ, ଜୟ ଯବାନ ଜୟ କିଷାନ, ଭାରତରେ ଆତଙ୍କ ବାଦ ଚାଲିବ ନାହିଁ । ଭାରତ ବର୍ଷର ଲୋକପ୍ରିୟ ପ୍ରଧାନ ମନ୍ତ୍ରୀ ମାନନୀୟ ନରେନ୍ଦ୍ର ମୋଦିଙ୍କ ଦେଶ ସୁରକ୍ଷା କୌଶଳ ଏବଂ ଜଳ ପଥ, ସ୍ଥଳ ପଥ ଓ ଆକାଶ ପଥର ସୈନ୍ୟ ମାନଙ୍କ ସାହସିକତାକୁ ଉଚ୍ଚ ପ୍ରଶଂସା କରା ଯାଇଥିଲା । ରମାକାନ୍ତ ସେବା ଫାଉଣ୍ଡେସନର ସମସ୍ତ ସଦସ୍ୟ ଏହି କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ପୁଣି ଅସ୍ତ୍ରବିରତି ...

ଶିବିର ଉପରେ ଆକ୍ରମଣ କରିବାର ଗୋଟିଏ ଦିନ ପରେ ଏହି ଉତ୍ତେଜନାମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଉତ୍ତେଜନା ବୃଦ୍ଧି ପାଇବା ପରେ, ପାକିସ୍ତାନ ନିୟନ୍ତ୍ରଣ ରେଖା ଏବଂ ଅନ୍ତର୍ଜାତୀୟ ସୀମାରେ କ୍ଷେପଣାସ୍ତ୍ର ମାଡ଼ କରି ଏବଂ ଡ୍ରୋନ ମୁତୟନ କରି ପ୍ରତିଶୋଧ ନେବାକୁ ଚେଷ୍ଟା କରିଥିଲା । ଭାରତର ପ୍ରତିକ୍ରିୟା ଦ୍ରୁତ ଏବଂ ପ୍ରଭାବଶାଳୀ ଥିଲା । ଦେଶର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଅତି କମରେ ପାକିସ୍ତାନର ଆଠଟି କ୍ଷେପଣାସ୍ତ୍ରକୁ ନଷ୍ଟ କରିଦେଇଛି । ଯୁଦ୍ଧ ବିମାନଗୁଡ଼ିକ ଗୋଟିଏ ପାକିସ୍ତାନୀ ଋ-୧୬ ଏବଂ ସମ୍ଭବତଃ ଦୁଇଟି ଔଋ-୧୭ ଜେଟ ଖସାଇ ଦେଇଛି ।

### ତୁର୍କୀ ବଳରେ ବଳିୟାନ...

ତୁର୍କୀ ଡ୍ରୋନରେ ଭାରତ ଉପରେ ଆକ୍ରମଣ କରିଛି ପାକିସ୍ତାନ । ଯେଉଁଥିରେ ଭାରତର କିଛି ଯବାନ ଆହତ ହୋଇଛନ୍ତି । ସେପଟେ ଭାରତ ଏସ-୪୦୦ ଜରିଆରେ ପାକ୍ ର ସବୁ ଡ୍ରୋନକୁ ନଷ୍ଟ କରାଯାଇଛି । ପାକିସ୍ତାନ ଭାରତର ସୈନ୍ୟ ଠିକଣାରେ ହମଲା କରିଥିବା ବେଳେ କାଉଣ୍ଟର ଆଟାକରେ ପାକିସ୍ତାନର ରାଡାର ଧ୍ୱଂସ କରିଛି ଭାରତ । ଏଲଓସିରେ ପାକିସ୍ତାନ ସେନା ପକ୍ଷରୁ ପ୍ରବଳ ଗୁଳିମାଡ଼ ହେଉଛି । ତେବେ ସବୁଠାରୁ ଘୃଣ୍ୟ କାମ କରିଛି ପାକିସ୍ତାନ । ଯାତ୍ରୀବାହୀ ବିମାନକୁ ଢାଲ ଭଳି ବ୍ୟବହାର କରୁଛି ପାକିସ୍ତାନ । କାଉଣ୍ଟର ଆକ୍ରମଣ ବେଳେ ଲାହୋର, କରାଚୀ ଭଳି ସହରରେ ଯାତ୍ରୀବାହୀ ବିମାନ ଉଡାଣ ଭରୁଥିଲା । ଯାହାକୁ ପାକିସ୍ତାନ ଢାଲ ଭଳି ବ୍ୟବହାର କରୁଥିବା କୁହାଯାଉଛି । ନିରୀହ ଲୋକଙ୍କ ଜୀବନକୁ ଢାଲ କରୁଛି ଚାଲବାଜ୍ ପାକିସ୍ତାନ । ସେଭଳି ସ୍ଥିତିକୁ ଦେଖି ଭାରତୀୟ ସେନା ପୂରା ସଂଯମତାର ସହ ଜବାବ ଦେଇଛି ।

### ଭାରତ ସହିତ ସଂଘର୍ଷ ...

ରାଓ୍ୱଲପିଣ୍ଡି, ମୁଲତାନ ଏବଂ ଲାହୋରରେ ହେବାକୁ ଥିବା ବାକି ଆଠଟି ମ୍ୟାଚ୍ ଏବେ ୟୁଏଇରେ ଅନୁଷ୍ଠିତ ହେବ । ଏପ୍ରିଲ ୨୨ ରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ସ୍ୱରୂପ, ଭାରତ ପାକିସ୍ତାନ ଏବଂ ପାକ ଅଧିକୃତ ଜମ୍ମୁ-କାଶ୍ମୀରରେ ଥିବା ଅନେକ ଆତଙ୍କବାଦୀ ଶିବିର ଉପରେ କ୍ଷେପଣାସ୍ତ୍ର ଆକ୍ରମଣ କରିଥିଲା । ଏହାର ଜବାବ ଦେଇ ପାକିସ୍ତାନ ଭାରତ ସୀମାବର୍ତ୍ତୀ ରାଜ୍ୟଗୁଡ଼ିକ ଉପରେ ଡ୍ରୋନ ଓ କ୍ଷେପଣାସ୍ତ୍ର ମାଡ଼ କରିଥିଲା । ହେଲେ ପାକିସ୍ତାନର ସବୁ ଉଦ୍ୟମ ପଣ୍ଡ କରିବା ସହ ଓଲଟା ଭାରତ ପାକିସ୍ତାନର ଲାହୋର ସମେତ ଅନେକ ସହର ଉପରେ ଡ୍ରୋନ ଆକ୍ରମଣ କରିଥିଲା । ଏହି ସମୟରେ ରାଓ୍ୱଲପିଣ୍ଡି ଷ୍ଟାଡିୟମରେ ଡ୍ରୋନ ଆକ୍ରମଣ ହୋଇଥିଲା । ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢିବା କାରଣରୁ ପିଏସଏଲକୁ ୟୁଏଇ ସ୍ଥାନାନ୍ତର କରିବାକୁ ଯୋଜନା କରିଛି ପିସିବି ।

### ଓଡ଼ିଶାରେ ହାଇ ...

ଭାରତୀୟ ସରକାର ପ୍ରତିଶୋଧମୂଳକ କାର୍ଯ୍ୟ ପାଇଁ କଠୋର ପଦକ୍ଷେପ ଗ୍ରହଣ କରୁଛନ୍ତି ଏବଂ ଆମର ସେନା ଏହି ଯୁଦ୍ଧରେ ଜିତିବାକୁ ଦୃଢ଼ପ୍ରତିଜ୍ଞ । ମୁଖ୍ୟମନ୍ତ୍ରୀ ଚାନ୍ଦିପୁର ମିସାଇଲ ପରୀକ୍ଷଣ କେନ୍ଦ୍ର ଏବଂ ପୁରୀ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ମଜବୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । କେନ୍ଦ୍ର ଗୃହ ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁଯାୟୀ, ଓଡ଼ିଶାର ୧୨ଟି ଜିଲ୍ଲା ଖୋର୍ଦ୍ଧା, ଅନୁଗୁଳ, ବାଲେଶ୍ୱର, ଭଦ୍ରକ, ଗଞ୍ଜାମ, କୋରାପୁଟ, ସମ୍ବଲପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, ସୁନ୍ଦରଗଡ଼, ଢେଙ୍କାନାଳ ଏବଂ ପୁରୀରେ ସିଭିଲ ଡିଫେନ୍ସ ମକ ଡ୍ରିଲ ଆୟୋଜନ କରାଯାଇଛି । ଏହି ଅଭ୍ୟାସରେ ପୁଲିସ, ଅଗ୍ନିଶମ ବାହିନୀ, ହୋମଗାର୍ଡ, ସିଭିଲ ଡିଫେନ୍ସ ସେଚ୍ଛାସେବୀ, ଏନସିସି, ଏନଏସଏସ, ଛାତ୍ରଛାତ୍ରୀ ଏବଂ ଜରୁରୀ ପ୍ରତିକ୍ରିୟା ବାହିନୀ ଅଂଶଗ୍ରହଣ କରିଛନ୍ତି । ଏୟାର ରେଡ ସାଇରନ ପରୀକ୍ଷଣ, ବ୍ଲାକଆଉଟ ପ୍ରୋଟୋକଲ ଏବଂ ନାଗରିକ ଆଶ୍ରୟ ଯୋଜନା ଭଳି କାର୍ଯ୍ୟକ୍ରମ ଏହି ଅଭ୍ୟାସରେ ଅନ୍ତର୍ଭୁକ୍ତ ହୋଇଛି । ରାଜ୍ୟ ଡିଜିପି କହିଛନ୍ତି ଯେ ଓଡ଼ିଶା ପାଇଁ ବର୍ତ୍ତମାନ କୌଣସି ନିର୍ଦ୍ଦିଷ୍ଟ ବିପଦ ସତର୍କତା ଜାରି ହୋଇନାହିଁ । ତଥାପି, ସତର୍କତାମୂଳକ ପଦକ୍ଷେପ ଭାବେ ରାଜ୍ୟରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ମୁଖ୍ୟମନ୍ତ୍ରୀ ମାଝୀ ମଧ୍ୟ ରାଜ୍ୟରେ ଗୁରୁତ୍ୱପୂର୍ଣ୍ଣ ସ୍ଥାପନାଗୁଡ଼ିକୁ ସୁରକ୍ଷା ଦେବା ପାଇଁ ପ୍ରସ୍ତୁତି ନେଇଥିବା ନିଶ୍ଚିତ କରିଛନ୍ତି ।

### ପାକିସ୍ତାନର ଟ୍ରାକ୍ ରେକର୍ଡ ...

ସୂଚନା ଅନୁଯାୟୀ, ପାକିସ୍ତାନର ପ୍ରସ୍ତାବ ପରେ ଆଇଏମଏଫ ୧.୩ ବିଲିୟନ ଡଲାରର ପ୍ୟାକେଜ୍ ଦେବାକୁ ମତାଦନ କରିଥିଲା । ମାତ୍ର ଏହି ଭୋଟିଂ ପ୍ରକ୍ରିୟାରେ ସାମିଲ୍ ହୋଇନାହିଁ ଭାରତ ଏବଂ ପାକିସ୍ତାନର ଟ୍ରାକ୍ ରେକର୍ଡ ଖରାପ ଅଛି ବୋଲି କହିଥିଲା । ଭାରତ ସରକାର ଏହି ନିଷ୍ପତ୍ତି ଏଭଳି ସମୟରେ ନେଇଛନ୍ତି, ଯେଉଁ ସମୟରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଜାରି ରହିଛି । ଅପରେସନ ସିନ୍ଦୂର ମାଧ୍ୟମରେ ପାକିସ୍ତାନ ଓ ପିଓକେରେ ଥିବା ଆତଙ୍କବାଦୀ ଲଞ୍ଚ୍ ପ୍ୟାଡକୁ ଟାର୍ଗେଟ୍ କରି ଧ୍ୱସ୍ତ କରିଦେଇଥିଲା । ଏହି ମିସାଇଲ୍ ଆଟାକରେ ୭୦କୁ ଅଧିକ ଆତଙ୍କୀ ପ୍ରାଣ ହରାଇଛନ୍ତି । ଏପ୍ରିଲ୍ ୨୨ତାରିଖରେ ପହଲଗାମ ହମଲା ପରେ ଏହି ସୈନ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା । ଏଥିରେ ୨୬ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିଲା ଏବଂ ୧୭ଜଣ ଗୁରୁତର ଭାବେ ଆହତ ହୋଇଥିଲେ । ତେବେ ମେ' ୯ ତାରିଖରେ ୱାଶିଂଟନରେ ଆଇଏମଫର ବୈଠକ ହୋଇଥିଲା । ଏଥିରେ ପାକିସ୍ତାନକୁ ଆଉ ସହାୟତା ନଦେବାକୁ ଭାରତ ବାରମ୍ବାର ଦୋହରାଇଥିଲା । ଭାରତ ପକ୍ଷରୁ ଅନ୍ତରାଷ୍ଟ୍ରୀୟ ମୁଦ୍ରା ପାଣ୍ଠି କର୍ତ୍ତୃପକ୍ଷଙ୍କୁ ଏନେଇ ଏକ ରିପୋର୍ଟ ପ୍ରଦାନ କରାଯାଇଥିଲା । ଏଥିରେ କୁହାଯାଇଥିଲା, ଆଇଏମଏଫ ପାଇଁ 'ଠୁ-ବିଗ୍-ଠୁ- ଫେଲ ଋଣଧାରୀ ବନିଯାଇଛି । ତେଣୁ ପଡ଼ୋଶୀ ଦେଶକୁ ଆଉ ଋଣ ଦିଆନଯାଉ ।

## ଦୁଧହଂସାଠାରେ ବୈଶାଖୀ ମହୋତ୍ସବ ଓ ଲକ୍ଷ୍ମୀନାରାୟଣ ମନ୍ଦିରର ପ୍ରତିଷ୍ଠା ଉତ୍ସବ



ବସ୍ତା, ୯.୫(ନିପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଅନ୍ତର୍ଗତ ଦୁଧହଂସା ଗ୍ରାମରେ 'ଆମଗାଁ ଚେରିଟେବୁଲ ଟ୍ରଷ୍ଟ' ତଥା 'ଦୁଧହଂସା ବୈଶାଖୀ ମହୋତ୍ସବ କମିଟି'ର ସଭାପତି ବାଲେଶ୍ୱର ସୁଲଗ୍ନା କଲେଜର ଅଧ୍ୟକ୍ଷ ଘନଶ୍ୟାମ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ବୈଶାଖୀ ମହୋତ୍ସବ ଓ ଲକ୍ଷ୍ମୀନାରାୟଣ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆମଗାଁ ଚେରି ଟେବୁଲ୍ ଟ୍ରଷ୍ଟ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ଦୁଧହଁସା ବୈଶାଖୀ ମହୋତ୍ସବ ୬ ଦିନ ବ୍ୟାପୀ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ବୈଶାଖୀ ମହୋତ୍ସବ ସହିତ ଲକ୍ଷ୍ମୀନାରାୟଣ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି । ତତସହିତ ମା ଭଗବତୀ ଦେବୀ ଙ୍କ ଜାଗ, ପଞ୍ଚମୁଖ ହନୁମାନ ଓ ପଞ୍ଚୁଲିଙ୍ଗେଶ୍ୱର୍ ମହାଦେବ ଙ୍କର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେଉଅଛି । ଏହି ଅବସରରେ ଯଜ୍ଞ, ପ୍ରସାଦ ସେବନ, ଆକର୍ଷଣ ସନ୍ଧ୍ୟା ଆଳତି, ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସାଧାରଣ ସଭା କାର୍ଯ୍ୟକ୍ରମ ରେ ଆମ ଗାଁ ଚେରିଟେବୁଲ ଟ୍ରଷ୍ଟ ର ଚେୟାରମ୍ୟାନ ଘନଶ୍ୟାମ ବିଶ୍ୱାଳ ଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଜେପି ଜିଲ୍ଲା ସଭାପତି ପ୍ରଦୀପ କୁମାର ପଣ୍ଡା, ପରମାନନ୍ଦ ମହାପାତ୍ର, ରବୀନ୍ଦ୍ର କୁମାର ଅଣ୍ଡିଆ, ଟ୍ରଷ୍ଟି ଗୌରାଙ୍ଗ ସାହୁ, ଶ୍ରୀହରି ପ୍ରଧାନ, ହରେକୃଷ୍ଣ ବେହେରା, କମଳାକାନ୍ତ ବେହେରା, ନରୋତ୍ତମ ବେହେରା, ପୁରୁଷୋତ୍ତମ ଅଚର୍ଯ୍ୟ, ମନୋରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ଦୁଧହଂସା ଗ୍ରାମ ରେ ଅନୁଷ୍ଠିତ ହେଉଥିବା ଏଭଳି କାର୍ଯ୍ୟକ୍ରମ କୁ ପ୍ରଶଂସା କରିଥିଲେ । ସାଂସଦ ଶ୍ରୀ ଷଡ଼ଙ୍ଗୀ ପରିବେଶ ର ସୁରକ୍ଷା କରିବା ସହିତ ପ୍ରକୃତି ପୂଜନ ର ସଂସ୍କାର କରିବାକୁ ନିବେଦନ କରିଥିଲେ । ତତ ସହିତ ଅନ୍ୟାୟ, ଅନୀତି, ଶୋଷଣ ବିରୋଧ ରେ ସାଧାରଣ ଲୋକେ ସ୍ୱର ଉଠାଇବାକୁ କହିଥିଲେ । ସେହିପରି ଗତକାଲି ସଭାରେ ବସ୍ତା ଏସଡିପିଓ ମାନସ କୁମାର ଦେଓ ମୁଖ୍ୟ ଅତିଥି, ପରିବେଶବିତ ସୁମନ୍ତ କୁମାର ଜେନା, ପୂର୍ଣ୍ଣଚନ୍ଦ୍ର ଜେନା, ଶିକ୍ଷକ ରମେଶ ମହାପାତ୍ର, ବରିଷ୍ଠ ସାମ୍ବାଦିକ ରାମଚନ୍ଦ୍ର ଦେବ ସାମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ ।

## ଗରମ ଓ ଗୁଳୁଗୁଳି ନେଇ ଆଜି ଓ ଆସନ୍ତାକାଲି ପାଇଁ ୧୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର, ୦୯/୫ (ନି.ପ୍ର): ଆଗାମୀ ୨ ଦିନ ଗରମ ଓ ଗୁଳୁଗୁଳି ନେଇ କେତେକ ଜିଲ୍ଲାକୁ ଚେତାବନୀ ଜାରି ହୋଇଥିବା ବେଳେ ପରବର୍ତ୍ତୀ ୪ ଦିନ ହିଟ୍ ୱେଭ ଏବଂ ଗରମ ଓ ଗୁଳୁଗୁଳି ନେଇ କେତେକ ଜିଲ୍ଲାକୁ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ । ତେବେ ୧୫ ତାରିଖ ପାଇଁ କୌଣସି ଚେତାବନୀ ନାହିଁ । ଗରମ ଓ ଗୁଳୁଗୁଳି ନେଇ ଆଜି ଓ ଆସନ୍ତାକାଲି ପାଇଁ ୧୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହି ଜିଲ୍ଲା ଗୁଡିକ ହେଲା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, ଗଜପତି ।

## ସମ୍ପୂର୍ଣ୍ଣ ପାକିସ୍ଥାନକୁ ମାଟିରେ ମିଶାଇ ଦିଅ: ଉଦଳା ନାଗରିକ ମଂଚ

ଉଦଳା , ୦୯/୫ (ନି.ପ୍ର): ଭାରତ, ପାକିସ୍ଥାନ ମଧ୍ୟରେ ଆରମ୍ଭ ହୋଇଥିବା ଯୁଦ୍ଧ 'ସିନ୍ଦୁର'ର ପରିଣାମ ସ୍ୱରୂପ ସମ୍ପୂର୍ଣ୍ଣ ପାକିସ୍ଥାନକୁ ମାଟିରେ ମିଶାଇଦିଅ ବୋଲି ଉଦଳା ନାଗରିକ ମଂଚ ତରଫରୁ ଆହ୍ୱାନ ଦିଆଯାଇଛି । ନାଗରିକ ମଂଚର ସଭାପତି ଆଇନଜିବି ବସନ୍ତ କୁମାର ପରିଡ଼ା, ବରିଷ୍ଠ ନାଗରିକ ଯଜ୍ଞନାରାୟଣ ମହାନ୍ତି ଓ ଉଦଳା ଏନଏସିର ନଗରପାଳ ପ୍ରମିଳା ପଣ୍ଡାଙ୍କ ନେତୃତ୍ୱରେ ଆଜି ମଇ ୧୦ ତାରିଖ ଶୁକ୍ରବାର ଦିନ ଏହି ଅବସରରେ ଏକ ତ୍ରିରଙ୍ଗା ଶୋଭାଯାତ୍ରା ଉଦଳା ସହର ପରିକ୍ରମା କରିବା ସହିତ ପାକିସ୍ଥାନର ଜାତୀୟ ପତାକାକୁ ପ୍ରଥମେ ଜୋତାମାଡ଼ ଓ ପରେ ନିଆଁ ଲଗାଇ ଦିଆଯାଇଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ସମ୍ପୂର୍ଣ୍ଣ ପାକିସ୍ଥାନକୁ ମାଟିରେ ମିଶାଇ ଦିଆନଯିବା ପର୍ଯ୍ୟନ୍ତ ଆମେ ଚୁପମାରି ବସିପାରିବୁ ନାହିଁ ବୋଲି ନାଗରିକ ମଂଚର ସଦସ୍ୟ ମାନେ ଖୋଲାଖୋଲି ଘୋଷଣା କରିଛନ୍ତି । ଆଜିର ଶୋଭାଯାତ୍ରାଟି ବେଶ ସରଗରମ ହୋଇ ଉଠିଥିବା ବେଳେ ଜାତୀୟ ସେବା ଯୋଜନା, ଯୁବରେଡ଼କ୍ରସ, ଆମେ ଭଂଜ କଳାକାର, ଉଦଳା ରୋଟାରି କ୍ଲବ, ବିଶ୍ୱହିନ୍ଦୁ ପରିଷଦ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ଘରୋଇ ବସ ମାଲିକ ସଂଘ, ସାମ୍ବାଦିକ ସଂଘ, ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟ, ଯୁବମୋର୍ଚ୍ଚା, ବଣିକ ସଂଘ, ସ୍ୱୟଂସହାୟକ ଗୋଷ୍ଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ଶରତଚନ୍ଦ୍ର ଦାସ, ଅଶୋକ ମହାନ୍ତି, ପ୍ରହ୍ଲାଦ ଦାସ, ରମେଶ ଚନ୍ଦ୍ର ବେହେରା, ରବିନ୍ଦ୍ର ପରିଡ଼ା, ରବିନ ମହାନ୍ତି, ସନ୍ତୋଷ ବାଛିନି, ସୁବ୍ରତ କୁମାର ମହାନ୍ତି, ଦେବୀଶଙ୍କର କର, ପ୍ରାଚ୍ୟସୁମନ ମହାନ୍ତି, ରଂଜନ ପାତ୍ର, ସୀତାକାନ୍ତ ମହାପାତ୍ର, ନମିତା ରାଉତ, ସୁଜାତା ରାଉତ, ଡ଼ା. ଖଗେଶ୍ୱର ସିଂହ, କରୁଣାକର ନାୟକ ପ୍ରମୁଖ ସହଯୋଗ କରିଥିଲେ ।

## ଫାଶୀବାଦ ବିରୋଧୀ ବିଜୟ ଦିବସ ପାଳନ



ଜଳେଶ୍ୱର, ୦୯/୫ (ନି.ପ୍ର): ମାର୍କସ୍ୱାଦୀ କମ୍ୟୁନିଷ୍ଟ ପାର୍ଟି ଜଳେଶ୍ୱର ଆଞ୍ଚଳିକ କମିଟି ତରଫରୁ ଫାଶୀବାଦୀ ବିରୋଧୀ ବିଜୟ ଦିବସର ୮୦ତମ ବାର୍ଷିକୀ ପାର୍ଟିର କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି ।ସୂଚନା ଥାଉକି ଆଜି ମଇ ୯ ତାରିଖ ଦିନ ବିଶ୍ୱରେ ଫାଶୀବାଦକୁ ସମ୍ପୂର୍ଣ୍ଣ ଭାବେ ପରାସ୍ତ କରି ସମାଜବାଦୀ ମାନେ ଶ୍ରମିକ ଶ୍ରେଣୀର ନେତୃତ୍ୱରେ ବର୍ଲିନ ସ୍ଥିତ ରାଇକଷ୍ଟାଗ୍ ଉପରେ ଲାଲ୍ ପତାକା ଉତ୍ତୋଳନ କରିଥିଲେ ।ଆଜି ପୁନର୍ବାର ଋଷରେ ଏହି ସ୍ମାରକୀକୁ ବିଶ୍ୱର ବହୁ ଦେଶର ପ୍ରତିନିଧି ଏକତତ୍ରୀ ହୋଇ ଆନ୍ତର୍ଜାତୀୟ ଫାଶୀବାଦୀ ବିରୋଧୀ ବିଜୟ ଦିବସ ରୂପେ ମହା ସମାରୋହରେ ପାଳିତ ହୋଇଛି ।ପାର୍ଟିର କାର୍ଯ୍ୟାଳୟରେ ଅନୁଷ୍ଠିତ ସଭାରେ ଆଞ୍ଚଳିକ କମିଟିର ସମ୍ପାଦକ ଅକ୍ଷୟ କୁମାର ମିଶ୍ର ସଭାପତିତ୍ୱ କରିଥିଲା ବେଳେ ପାର୍ଟିର ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ଦିପ୍ତୀମାନ ଆଚାର୍ଯ୍ୟ ଓ ଜିଲ୍ଲା କମିଟିର ଅନ୍ୟତମ ସଦସ୍ୟ ଦିଲ୍ଲୀପ କୁମାର ଗିରି ସଭାରେ ବକ୍ତବ୍ୟ ରଖି କହିଥିଲେ ଶୋଷଣର ଅନ୍ୟନାମ ହେଉଛି ଫାଶୀବାଦ। ସମାଜରେ ସନ୍ତ୍ରାସ ସୃଷ୍ଟି କରିବା ଏବଂ ଗୋଟିଏ ପରେ ଗୋଟିଏ ଦେଶକୁ ଯୁଦ୍ଧର ଭୟ ଦେଖାଇ କରାୟତ୍ତ କରିବା ହେଉଛି ଫାଶୀବାଦର ମୁଖ୍ୟ ଉଦ୍ଦେଶ୍ୟ। ଏମାନେ ମଧ୍ୟ ଧର୍ମକୁ ନେଇ ମଣିଷ ମଣିଷ ଭିତରେ ବିଭାଜନ ସୃଷ୍ଟି କରନ୍ତି। ସମ୍ପ୍ରତି ଆମ ଦେଶରେ ଫାଶୀବାଦୀ,ନବ୍ୟ ଉଦାରବାଦୀ ଓ କର୍ପୋରେଟର ମହାମିଳନ ଘଟିଛି ଏବଂ ଧର୍ମୀୟ ଆବେଗକୁ ପୁଞ୍ଜି କରି ସମ୍ପ୍ରଦାୟ ସମ୍ପ୍ରଦାୟ ମଧ୍ୟରେ ବିଦ୍ୱେଷ ଭାବ ସୃଷ୍ଟି କରିବା ପାଇଁ ଚକ୍ରାନ୍ତ ଚାଲିଛି। ଅତୀତରେ ସମାଜବାଦୀ ମାନେ ଜୀବନ ଦେଇ ଏହି ଚକ୍ରାନ୍ତକୁ ପଣ୍ଡ କରିପାରିଥିଲେ। ଆଜି ମଧ୍ୟ କମ୍ୟୁନିଷ୍ଟମାନଙ୍କ ସମ୍ମୁଖରେ ବିରାଟ ଆହ୍ୱାନ। ସମାଜକୁ ଏକତ୍ରିତ ରଖିବାକୁ ହେଲେ ସଚେତନତା ସୃଷ୍ଟି କରିବା ଆମର ଲକ୍ଷ୍ୟ ହେବା ଉଚିତ ।ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ନାରୀନେତ୍ରୀ ମମି ପଣ୍ଡା,କୃଷକ ନେତା ରବିନ୍ଦ୍ର ବାରିକ୍,ରାଜୀବ ପଣ୍ଡା,ସବିତା ଭୂୟାଁ,ଶରତ ମହାନ୍ତି,ରାମକୃଷ୍ଣ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସଭା ପୂର୍ବରୁ ଦଳୀୟ ପତାକା ଉତ୍ତୋଳନ କରାଯାଇଥିଲା।

## ନୀଳଗିରି ନିର୍ବାଚନ ମଣ୍ଡଳୀସ୍ତରୀୟ ପ୍ରତିଭା ସମ୍ମାନ ସମାରୋହ



ନୀଳଗିରି , ୦୯/୫ (ନି.ପ୍ର): ଚଳିତ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ୯୦ପ୍ରତିଶତ ନମ୍ବରରଖି ଏ- ୧ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ୧୪ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ଶୁକ୍ରବାର ପୂର୍ବାହ୍ନ ୧୧ଘଟିକା ସମୟରେ ନୀଳଗିରି ଏନଏସି କଲ୍ୟାଣ ମଣ୍ଡପରେ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ନୀଳଗିରି ନିର୍ବାଚନ ମଣ୍ଡଳୀ ବୁଦ୍ଧିଜୀବୀ ଉପଦେଷ୍ଟା କମିଟିର ସଭାପତି ଅବସରପ୍ରାପ୍ତ ବିଇଓ ରବୀନ୍ଦ୍ର ପରିଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଧାବୀ ଛାତ୍ରଛାତ୍ରୀ,ଅଭିଭାବକ, ପ୍ରଧାନଶିକ୍ଷକ ମାନଙ୍କୁ ଉଦବୋଧନ ଦେଇ ନିଜ ଜୀବନର ଅନୁଭୂତି ଉପରେ ଦିଷାନ୍ତ ମୂଳକ ଅଭିବ୍ୟକ୍ତି ରଖି ଆତ୍ମବିଶ୍ୱାସକୁ ଦ୍ୱିତୀୟ ସୁଯୋଗ ପର୍ଯ୍ୟନ୍ତ ଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସ୍ଥାନୀୟ ଉପଜିଲ୍ଲାପାଳ ଶୁଭଶ୍ରୀ ରଥ ପିଲାମାନଙ୍କୁ ଭଲମଣିଷ ହେବାପାଇଁ ପରାମର୍ଶ ଦେବାସହିତ ଏଭଳି କାର୍ଯ୍ୟକ୍ରମର ଉଦ୍ୟକ୍ତା ମାନଙ୍କୁ ଉଚ୍ଚପ୍ରଶଂସା କରିଥିଲେ। ସମ୍ମାନିତ ଅତିଥିଭାବେ ନୀଳଗିରି ତହସିଲଦାର ସୋନମ୍ ଦାସ, ଔପଦା ଗୋଷ୍ଠୀଉନ୍ନୟନ ଅଧିକାରୀ ସୁଶ୍ରୀ ଶ୍ୱାସ୍ୱତି ଶଢୁଆଳ, ଔପଦା ଗୋଷ୍ଠୀଶିକ୍ଷାଧିକାରୀ ନାରାୟଣ ପ୍ରସାଦ ଦାସ, ନୀଳଗିରି ଗୋଷ୍ଠୀଶିକ୍ଷାଧିକାରୀ ଭୀମସେନ ବିଶ୍ୱାଳ ଯୋଗଦେଇ ନିଜନିଜର ବକ୍ତବ୍ୟ ରଖିଥିଲେ। ଔପଦା ବ୍ଲକରୁ ୩ଜଣ, ବାହାନଗା ବ୍ଲକରୁ ୨ଜଣ ଏବଂ ନୀଳଗିରି ବ୍ଲକରୁ ୯ଜଣ ମୋଟ ୧୪ଜଣ ଛାତ୍ରଛାତ୍ରୀ, ସେମାନଙ୍କର ଅଭିଭାବକ ଓ ପ୍ରଧାନଶିକ୍ଷକ ମାନଙ୍କୁ ପୁରସ୍କାର ପ୍ରଦାନ ପୂର୍ବକ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କମିଟିର ସମ୍ପାଦକ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରଞ୍ଜନ ପ୍ରସାଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ବର୍ଦ୍ଧିତ ଛାତ୍ରଛାତ୍ରୀ ମାନେ ହେଲେ କୈଳାସ ଚନ୍ଦ୍ର ହାଇସ୍କୁଲର କାବେରୀ ବେହେରା, ଜୟପ୍ରକାଶ ବେହେରା, ମଧୁସ୍ମିତା ନାୟକ, ଜୀବନଜ୍ୟୋତି ଦାସ, ସ୍ମୃତିଲିପ୍ସା ସାହୁ, କୈବଲ୍ୟପ୍ରୀତମ୍ ବେହେରା, ଅଯୋଧ୍ୟା ମାରିଚି ବିଦ୍ୟାମନ୍ଦିରର ଭାଗ୍ୟଜ୍ୟୋତି ବାରିକ, ମିତ୍ରପୁର ସରକାରୀ ହାଇସ୍କୁଲର ନବନୀତ ପ୍ରଧାନ, ଔପଦା ବ୍ଲକ ଦନ୍ତୁର ହାଇସ୍କୁଲର ବର୍ଷା ପଣ୍ଡା, ଫତେପୁର ହାଇସ୍କୁଲର ସିମନ ପୃଷ୍ଟି, ଆରଆର ପୁର ହାଇସ୍କୁଲର ଅନୁରାଧା ସ୍ୱାଇଁ, ଏବଂ ବାହାନଗା ବ୍ଲକ ଖନ୍ତାପଡ଼ା ହାଇସ୍କୁଲର ମନସ୍ୱିନୀ ପଣ୍ଡା, ଭାଗ୍ୟଶ୍ରି ପଣ୍ଡା।

## ଅଗରତାଲାରେ ଟ୍ରେନ୍‌ରୁ ୮ ପିସ୍ତଲ ଜବତ

ଅଗରତାଲା, ୦୯/୫ (ନି.ପ୍ର): ତ୍ରିପୁରାର ରାଜଧାନୀ ଅଗରତାଲାରେ ରେଳ ଷ୍ଟେସନରୁ ଏକ ଟ୍ରେନ୍ ରୁ ୮ଟି ପିସ୍ତଲ ଏବଂ ୧୬ଟି ଖାଲି ମେଗଜିନ ଜବତ କରାଯାଇଛି। ଗୁପ୍ତ ସୂଚନାକୁ ଭିତି କରି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା, ଯେତେବେଳେକି ପଞ୍ଜାବର ଫିରୋଜପୁରରୁ ଅଗରତାଲା ଅଭିମୁଖେ ଆସୁଥିବା ଏକ ଟ୍ରେନ୍ ର ତଲାସୀ ନିଆଯାଇଥିଲା, ସେହି ସମୟରେ ରେଲୱେ ପୋଲିସ ଦୁଇଟି ବ୍ୟାଗ୍ ରୁ ଏସବୁ ଅସ୍ତ୍ରଶସ୍ତ୍ର ଜବତ କରିଛି । ଜିଆରପି ପକ୍ଷରୁ ଆଜି କୁହାଯାଇଛି ଯେ, ଏପର୍ଯ୍ୟନ୍ତ ବ୍ୟାଗ୍ ର ମାଲିକଙ୍କ ବାବଦରେ କୌଣସି ସୂଚନା ମିଳିନାହିଁ ଏବଂ କେଉଁ ଉଦ୍ଦେଶ୍ୟରେ ଏହି ଅସ୍ତ୍ରଶସ୍ତ୍ର ଅଣାଯାଇଥିଲା ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ । ପୋଲିସର କହିଛି ଯେ, ଯାଂଚ୍ ପରେ ସମ୍ପୂର୍ଣ୍ଣ ଘଟଣା ସାମ୍ନାକୁ ଆସିବ । ଏହି ଅଭିଯାନରେ ଆରପିଏଫ ର ଅତିରିକ୍ତ ସଚିବ ବି.କେ. ସିହ୍ନା ଏବଂ ଜିଆରପିଏଫ ର ପ୍ରଭାରୀ ଅଧିକାରୀ ତାପସ ଦାସ ସାମିଲ୍ ଥିଲେ । ବର୍ତ୍ତମାନ ତଲାସୀ ଅଭିଯାନ ଜାରି ରହିଛି ।

## ଉଚ୍ଚଶକ୍ତି ସମ୍ପର୍ଣ୍ଣ ବିଦ୍ୟୁତ୍ ତାର ତଳେ ଅର୍ଜୁନଡ଼ିହି ଗାଁର ୬ ପରିବାର

ସମ୍ବଲପୁର, ୦୯/୫ (ନି.ପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡ ଅର୍ଜୁନଡ଼ିହି ଗ୍ରାମରେ ଦେଖିବାକୁ ମିଳିଛି ବିଦ୍ୟୁତ ବିଭାଗର ଅତି ଖାମଖିଆଲି ନୀତି । ଏଇ ଗ୍ରାମର ଛଅ ଗୋଟି ପରିବାରଙ୍କ ଘର ଛାତ ଠାରୁ ମାତ୍ର ଏକ ଫୁଟ ଉପରେ ୧୧ କେଭି ବିଦ୍ୟୁତ ପ୍ରବାହିତ ହେଉଥିବାରୁ, ପ୍ରତ୍ୟେକ ଦିନ ଭୟରେ ରହୁଛନ୍ତି ସମ୍ପୃକ୍ତ ପରିବାର । ଆଗକୁ ବର୍ଷା ଋତୁ ସାଙ୍ଗକୁ ବର୍ତ୍ତମାନର କାଳବୈଶାଖୀରେ କେତେବେଳେ ଯେ କଣ ଅଘଟଣ ଘଟିଯିବ ଏଇ ଚିନ୍ତାରେ ପରିବାର ଲୋକେ ଆତଙ୍କିତ । ଏ ନେଇ ଗ୍ରାମବାସୀ ଜିଲ୍ଲାପାଳ ସମେତ ବିଦ୍ୟୁତ ବିଭାଗ ଏସଡ଼ିଓ, କନିଷ୍ଠ ଯନ୍ତ୍ରୀଙ୍କୁ ବିଦ୍ୟୁତ ତାର ସ୍ଥାନାନ୍ତର ପାଇଁ ବାରମ୍ବାର ଲିଖିତ ଅଭିଯୋଗ କରିଥିଲେ ମଧ ଅଦ୍ୟାବଧି କୌଣସି ସୁଫଳ ମିଳୁନଥିବା ପ୍ରକାଶ କରିଛନ୍ତି ଗ୍ରାମବାସୀ । ଏନେଇ ବିଦ୍ୟୁତ ଭିଭାଗ ଏସଡ଼ିଓ ଏବଂ କନିଷ୍ଠ ଯନ୍ତ୍ରୀ ଜୟନ୍ତ ପଟେଲଙ୍କୁ ଯୋଗାଯୋଗ କରିବାରୁ ବିଦ୍ୟୁତ ତାର ସ୍ଥାନାନ୍ତର ପାଇଁ ବିଳମ୍ବ ହେବ କିନ୍ତୁ ସମସ୍ୟା ରେ ଅସ୍ଥାୟୀ ସମାଧାନ ଏଇ ଆଠ ଦିନ ଭିତରେ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି ।

## ବାସନ୍ତୀ ଲତା ଦେବୀ ପ୍ରତିଭା ପୁରସ୍କାର ପ୍ରଦାନ ସମାରୋହ

ବାରିପଦା, ୦୯/୫ (ନି.ପ୍ର): ହରନାରାୟଣ ମିଶ୍ର ଫାଉଣ୍ଡେସନ ତରଫରୁ ଚଳିତବର୍ଷ ମ୍ୟାଟ୍ରିକ୍ ପରୀକ୍ଷା ୨୦୨୫ ରେ ସରକାରୀ ଉଚ୍ଚ ବିଦ୍ୟାଳୟ କଣ୍ଡାପାଳର ସର୍ବୋଚ୍ଚ ନମ୍ବର ରଖିଥିବା ଦୁଇ ଛାତ୍ରୀ ଦେବଶ୍ରୀ କାଣ୍ଡି ଓ ଲିପିକା ଦାଶଙ୍କୁ ' ବାସନ୍ତୀ ଲତା ଦେବୀ ପ୍ରତିଭା ପୁରସ୍କାର ' ପ୍ରଦାନ କରାଯାଇଛି । ମୟୂରଭଞ୍ଜ ସାଇନ୍ସ ଫୋରମ୍ ର ସଭାପତି ଅମିତାଭ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୁଇ କୃତୀ ଛାତ୍ରୀଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଓ ନଗଦ ଅର୍ଥ ରାଶି ପୁରସ୍କାର ପ୍ରଦାନ କରି ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ଆଶିଷ ରଞ୍ଜନ ବାସୁରୀ, ଶିକ୍ଷକ ମୃତ୍ୟୁଞ୍ଜୟ ପ୍ରଧାନ ଓ ମହେଶ ସେଠୀ ବକ୍ତବ୍ୟ ରଖିଥିବା ବେଳେ ପୁଷ୍ପାଞ୍ଜଳି ସେଠୀ ସ୍ୱାଗତ ଭାଷଣ ଓ ଅନିଶା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ମାଆ ଯୋଗେଶ୍ୱରୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ



ବାସୁଦେବପୁର, ୦୯/୫ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବରଣ୍ଡୁଆ ଗ୍ରାମ ପଞ୍ଚାୟତର ରତାଙ୍ଗ ଗ୍ରାମର ଗ୍ରାମ ଦେବତୀ ମା ଯୋଗେଶ୍ୱରୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ତିନି ଦିନ ଧରି ଏହି କାର୍ଯ୍ୟକ୍ରମ ହୋଇ ଥିଲା । ୧୦୮ କଳସ ଶୋଭାଯାତ୍ରା, ନାମ ସଂକୀର୍ତ୍ତନ, ନାମ ଯଜ୍ଞ, ଭଜନ ସନ୍ଧ୍ୟା, ପ୍ରବଚନ ପ୍ରଭୃତି କାର୍ଯ୍ୟକ୍ରମରେ ସମସ୍ତେ ମନ୍ତ୍ର ମୁଗ୍ଧ ହୋଇଥିଲେ। ଏହା ବ୍ୟତୀତ ନୃତ୍ୟ, ସଙ୍ଗୀତ, ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇ ଥିଲା। ଏହି ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ ଭଦ୍ରକର ମାନ୍ୟବର ସାଂସଦ ଅଭିମନ୍ୟୁ ସେଠି,ବାସୁଦେବପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ, ଋତୁପର୍ଣ୍ଣା ସ୍ରୋତସ୍ୱିନୀ ରାଉତରାୟ, ବ୍ଲକ୍ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ,ପୂର୍ବତନ ସରପଞ୍ଚ ବସନ୍ତ ମଞ୍ଜରୀ ବିଶ୍ୱାଳ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସୂର୍ଯ୍ୟକାନ୍ତ ସେଠି। ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବରେ ମୁଖ୍ୟ କର୍ତ୍ତା ଚକ୍ରଧର ସେନାପତି, ତାଙ୍କ ଧର୍ମ ପତ୍ନୀ ସବିତା ସେନାପତି, ଗୌରାଙ୍ଗ ଚନ୍ଦ୍ର ନାୟକ ଓ ତାଙ୍କ ଧର୍ମ ପତ୍ନୀ ସାବିତ୍ରୀ ନାୟକ ଯୋଗ ଦେଇଥିଲେ। ବ୍ରାହ୍ମଣ ପୁରୋହିତ ପଣ୍ଡିତ ଭଗବାନ ମିଶ୍ର, ରାମ ଚନ୍ଦ୍ର ଶତପଥୀ, ଶମ୍ଭୁନାଥ ମିଶ୍ର ଓ ଲକ୍ଷ୍ମଣ ମିଶ୍ର ପ୍ରମୁଖ ଯୋଗ ଦେଇ ମନ୍ତ୍ର ପାଠ କରିଥିଲେ। ଏହି ଉତ୍ସବରେ ବିଶିଷ୍ଟ ଆଧାତ୍ମିକ ପ୍ରବକ୍ତା ତପନ ହୋତା ପ୍ରବଚନ ଦେଇଥିଲେ। ଏହି ଉତ୍ସବରେ ପାଞ୍ଚ ହଜାର ଭକ୍ତ ପ୍ରସାଦ ସେବନ କରିଥିଲେ। ଏହି ଉତ୍ସବକୁ ପରି ଚାଳନା କରିବାରେ ରତିକାନ୍ତ ମହାନ୍ତି, ଦିପକ ପୋଇ, ସୌଭାଗ୍ୟ ବିଶ୍ୱାଳ, ସୁନୀଲ ଦାସ, ପ୍ରତାପ ଦାସ, ବାବୁଲି ମହାନ୍ତି, ରାଜା ଦାସ ଓ ଅନ୍ୟାନ୍ୟ ସଦସ୍ୟ ସହଯୋଗ କରିଥିଲେ।




## ବାଲିଆପାଳ ବ୍ଲକରେ ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ

ବାଲିଆପାଳ, ୦୯/୫ (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ): ଆଜି ବାଲିଆପାଳ ବ୍ଲକ ସମ୍ମିଳନୀ କକ୍ଷରେ ବସ୍ତା ବାଲିଆପାଳ ବିଧାୟିକା ସୁବାସିନୀ ଜେନାଙ୍କ ଅଧକ୍ଷତାରେ ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ଆମ ଦେଶ ମାତୃକା ପାଇଁ ଲଢୁଥିବା ବୀର ଯବାନ ମାନଙ୍କର ଆତ୍ମବିଶ୍ୱାସ ବଢ଼ାଇବା ସହିତ ସେମାନଙ୍କ ସୁରକ୍ଷା ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ସମସ୍ତେ ପ୍ରାର୍ଥନା କରିଥିଲେ। ଏହି ବୈଠକରେ ବାଲେଶ୍ୱରର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ, ଉପ ଜିଲ୍ଲାପାଳ ପ୍ରଥମେଶ ରାଜଶୀର୍କେ, ବ୍ଲକ ଉନ୍ନୟନ ଅଧିକାରୀ ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀଙ୍କ ସମେତ ବିଭିନ୍ନ ବିଭାଗୀୟ ପଦାଧିକାରୀ ମାନେ ଉପସ୍ଥିତ ଥିଲେ। ବୈଠକ ପ୍ରାରମ୍ଭରେ ପ୍ରଚଣ୍ଡ ଗ୍ରୀଷ୍ମ ଲହରୀ ପ୍ରବାହିତ ହେଉଥିବା ସମୟରେ ପାନୀୟ ଜଳର ଅସୁବିଧା ନେଇ ପ୍ରତାପପୁର, ବେତଗଡିଆ, ସାଉଡି, ଡଗରା, ପ୍ରଭୃତି ପଞ୍ଚାୟତର ଜନପ୍ରତିନିଧି ମାନେ ବିଧାୟିକା ଶ୍ରୀମତୀ ଜେନାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶ୍ରୀମତୀ ଜେନା ସଭାଗୃହରେ ଉପସ୍ଥିତ ଥିବା ବିଭାଗୀୟ ଅଧିକାରୀଙ୍କୁ ପାନୀୟ ଜଳ ସମସ୍ୟାର ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇ ଆବଶ୍ୟକ ପଡିଲେ ଟ୍ୟାଙ୍କର ସାହାଯ୍ୟରେ ଜନସାଧାରଣଙ୍କୁ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଇବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବାଲିଆପାଳ ବ୍ଲକରେ ବହୁ ଯୋଗ୍ୟ ଗରିବ ପରିବାର ରେଶନ କାର୍ଡ ପାଇବାରୁ ବଞ୍ଚିତ ଅଛନ୍ତି। ସେଥିପାଇଁ ବିଧାୟିକା ଶ୍ରୀମତୀ ଜେନା ଯୋଗାଣ ଅଧିକାରୀଙ୍କ ଠାରୁ ନୂତନ ରେଶନ କାର୍ଡ ବଣ୍ଟନର ସ୍ପଷ୍ଟୀକରଣ ଚାହିଁଥିଲେ। ଯୋଗ୍ୟ ହିତାଧିକାରୀ କିଭଳି ଭାବରେ ସହଜରେ ରେଶନ କାର୍ଡ ପାଇପାରିବେ ସେ ବ୍ୟବସ୍ଥା କରାଇବାକୁ ଯୋଗାଣ ଅଧିକାରୀଙ୍କୁ ବିଧାୟିକା ଶ୍ରୀମତୀ ଜେନା ନିର୍ଦ୍ଦେଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀ ମାନଙ୍କୁ ଚୟନରେ କୌଣସି ରାଜନୈତିକ ଅଭିସନ୍ଧି ନରଖି ଯୋଗ୍ୟ ହିତାଧିକାରୀ ମାନଙ୍କୁ ଘର ଯୋଗାଇବାର ବ୍ୟବସ୍ଥା କରାଇବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବାଲିଆପାଳ ବ୍ଲକରେ ବାର୍ଦ୍ଧକ୍ୟ ଭତ୍ତା ପାଇବା ପାଇଁ ଦୁଇ ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀ ଆବେଦନ କରିଥିଲେ ମଧ ସାଧାରଣ ନିର୍ବାଚନ ପରେ ନୂତନ ଭତ୍ତା ହୋଇ ନଥିବାରୁ ଗୃହରେ ଉପସ୍ଥିତ ଉପଜିଲ୍ଲାପାଳଙ୍କୁ ଭତ୍ତା ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ବିଧାୟିକା ଶ୍ରୀମତୀ ଜେନା କହିଥିଲେ। ଆଜିର ଏହି ବୈଠକରେ ଜିଲା ପରିଷଦ କାଂଚନବାଳା ଜେନା, ବେଣୁଧର ଜେନା, ନିଶାକର ସେଠୀ ,ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida